NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

MONDAY
1 DECEMBER 2025
ସୋମବାର
୧ ଡିସେମ୍ବର ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 195 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୧୯୫ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

## ଆଜିଠାରୁ କୋଣାର୍କ ଉତ୍ସବ

### ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ



**କୋଣାର୍କ,୩୦।୧୧/ଏନ୍‌ଏନ୍‌ଏସ୍:**

ଡିସେମ୍ବର ୧ ତାରିଖ ଅର୍ଥାତ୍ ସୋମବାର ଠାରୁ ଆରମ୍ଭ ହେବ ପାଞ୍ଚଦିନ ବ୍ୟାପୀ ୩୬ତମ କୋଣାର୍କ ଉତ୍ସବ ଓ ୧୫ତମ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ। ଯେଉଁଥି ପାଇଁ ଅର୍କକ୍ଷେତ୍ର କୋଣାର୍କ ଉତ୍ସବମୁଖର ହୋଇ ଉଠିଛି। ଏହି ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି।

ତା' ସହିତ ଚଳିତବର୍ଷ ପ୍ରଥମଥର ସୁଭଦ୍ରା ଶକ୍ତି ମେଳାକୁ ମଧ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବେ। କୋଣାର୍କ ଉତ୍ସବ, ବାଲୁକା କଳା ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାର ସମସ୍ତ ଶେଷ ପ୍ରସ୍ତୁତିକୁ ରବିବାର ସନ୍ଧ୍ୟାରେ ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅନୁଧ୍ୟାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଉପଜିଲ୍ଲାପାଳ ରାଜକିଶୋର ଜେନା, ପର୍ଯ୍ୟଟନ ସହାୟକ ନିର୍ଦ୍ଦେଶକ ସରୋଜ କୁମାର ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସମେତ ଜଗତସିଂପୁର ସାଂସଦ ବିଭୁପ୍ରସାଦ ତରାଇ, ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ପ୍ରମୁଖ ଯୋଗଦେବେ। ଏନେଇ ଉତ୍ସବମୁଖର ହୋଇଉଠିଛି ପର୍ଯ୍ୟଟନସ୍ଥଳୀ କୋଣାର୍କ ଓ ଚନ୍ଦ୍ରଭାଗା ବେଳାଭୂମି। ପର୍ଯ୍ୟଟନ ବିଭାଗ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରତିଦିନ ସନ୍ଧ୍ୟା ୬ରୁ ଓଡ଼ିଶୀ, କୁଚିପୁଡ଼ି, କଥକ, ମୋହିନୀଆଟମ, ମଣିପୁରୀ, ଭାରତନାଟ୍ୟମ ନୃତ୍ୟ ପ୍ରଦର୍ଶନ ସହିତ ଚନ୍ଦ୍ରଭାଗା ବେଳାଭୂମିରେ ସକାଳ ୯ରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଦେଶବିଦେଶର ବାଲୁକା ଶିଳ୍ପୀଙ୍କ ଦ୍ୱାରା ବାଲୁକାକଳା ପ୍ରଦର୍ଶନ ହେବ। ପ୍ରଥମ ଉଦଘାଟନ ଦିବସରେ ତଥା ଡିସେମ୍ବର ୧ ତାରିଖ ପ୍ରଥମ ଚରଣରେ ଭୁବନେଶ୍ୱରର ନୃତ୍ୟ ଉପାସାନା ପୀଠର ଗୁରୁ ସୋନାଲି ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯିବ। ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦର ଶଙ୍କରନନ୍ଦ କଳାକ୍ଷେତ୍ରର ଗୁରୁ ଡକ୍ଟର ଆନନ୍ଦ ଶଙ୍କର ▶▶ ୫

**ନୃତ୍ୟ ସଙ୍ଗୀତରେ ଝୁମିବ ମୁକ୍ତାକାଶ ରଙ୍ଗମଞ୍ଚ**

**ଉଦ୍‌ଘାଟନ ଅପେକ୍ଷାରେ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ**

### ଓଡ଼ିଶା ଶିଳ୍ପ ସମ୍ମିଳନୀ : ୨୦୨୫ର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ

# 'ଓଡ଼ିଶା ହେବ ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟ୍-ୱେ'

**ଭୁବନେଶ୍ୱର,୩୦।୧୧/ଏନ୍‌ଏନ୍‌ଏସ୍:**




ଓଡ଼ିଶା କଠିନ ପରିଶ୍ରମ, ନବସୃଜନ ଏବଂ ଉଦ୍ୟୋଗର ଏକ ରାଜ୍ୟ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଭାରତର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଓଡ଼ିଶା ଉଭା ହୋଇପାରିଛି। ଓଡ଼ିଶାର ସାଢ଼େ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ ଏହି ପରିବର୍ତ୍ତନ ଆସିପାରିଛି। ଆମ ସରକାରର ପ୍ରମୁଖ କାର୍ଯ୍ୟକ୍ରମ 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ'- ଏକ ସ୍ଲୋଗାନ ନୁହେଁ। ଏହା ଏକ ପ୍ରତିଶ୍ରୁତି। ଆମେ ଚାହୁଁଛୁ ଯେ ଓଡ଼ିଶା ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟ-ୱେ ଭାବରେ ଉଭା ହେଉ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି। ରବିବାର ସ୍ଥାନୀୟ ରେଳ ସଦନ ଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ : ୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ 'ଲଘୁ ଉଦ୍ୟୋଗ ଭାରତୀ' ଭୁବନେଶ୍ୱରରେ ଏକ କାର୍ଯ୍ୟାଳୟ ପ୍ରତିଷ୍ଠା କରିବାକୁ ଯୋଜନା କରୁଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହା ଜିଲ୍ଲା ସ୍ତରରେ, ତୃଣମୂଳ ସ୍ତରରେ ଏବଂ ଉଦ୍ୟୋଗ ସ୍ତରରେ ଶିଳ୍ପ-ସରକାରୀ ସହଯୋଗକୁ ଆହୁରି ଦୃଢ଼ କରିବ। ଏହି ସମାବେଶ ଆମର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଔଦ୍ୟୋଗୀକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ଅନେକ ପଦକ୍ଷେପ ନେଇଛୁ। ଆମର ଗୋ ସ୍ୱିଫ୍ଟ ସିଂଗଲ ୱିଣ୍ଡୋ ବ୍ୟବସ୍ଥାରେ ମାସ ମାସ ନୁହେଁ, ବରଂ ଗୋଟିଏ ଦିନରେ ମଧ ପ୍ରକଳ୍ପ ଅନୁମୋଦିତ ହେଉଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ଆମ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହାକି ଭାରତରେ ସର୍ବାଧିକ।ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୯୮୦ ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ନିଜର ଯୋଗଦାନ ଦେବାରେ ଏହି ଅନୁଷ୍ଠାନର ପ୍ରୟାସ, ବିଶେଷ ପ୍ରଶଂସାର ପାତ୍ର। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ । ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି। ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଶେଷରେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ▶▶ ୫

## ଆଜିଠୁ ସଂସଦର ଶୀତ ଅଧିବେଶନ

**ନୂଆଦିଲ୍ଲୀ,୩୦।୧୧/ଏଜେନ୍ସି:**



ପୁଣି କମ୍ପିବ ସଂସଦ। କାରଣ ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଗୃହକୁ ସୁରୁଖୁରୁରେ ଚଳାଇବା ଲାଗି ରବିବାର ସର୍ବଦଳୀୟ ବୈଠକରେ ଆଲୋଚନା ହୋଇଛି। ଏହି ଅଧିବେଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଡିସେମ୍ବର ୧୯ ଯାଏ ଚାଲିବ ସଂସଦର ଏହି ଅଧିବେଶନ। ଏହି ଅଧିବେଶନ ବିଭିନ୍ନ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବ। ୧୯ ଦିନର ଏହି ଅଧିବେଶନରେ ୧୫ଟି କାର୍ଯ୍ୟ ଦିବସ ରହିବ। ଗତ ଅଧିବେଶନ ସମୟରେ ଗୃହୀତ ହୋଇ ପାରି ନଥିବା କିଛି ବିଲ୍ ବି ଗୃହରେ ଆଗତ ହେବ। ଏସବୁ ପ୍ରସଙ୍ଗରେ ବିରୋଧୀ ନେତାମାନଙ୍କୁ ଅବଗତ କରିଛନ୍ତି ସରକାର। କାରଣ ବିରୋଧୀ ଦଳର ବିରୋଧ ଯୋଗୁ କିଛି ବିଲ୍ ସଂସଦର ଉଭୟ ଗୃହରେ ଗୃହୀତ ହୋଇପାରି ନଥିଲା। ବୈଠକରେ ବିଭିନ୍ନ ବିରୋଧୀ ନେତାମାନେ ▶▶ ୫

## ସପ୍ତାହେ ବଢ଼ିଲା ଏସ୍‌ଆଇଆର୍ ସମୟସୀମା


**ନୂଆଦିଲ୍ଲୀ,୩୦।୧୧/ଏଜେନ୍ସି:**



ଭାରତର ନିର୍ବାଚନ କମିଶନ୍ (ଇସିଆଇ) ୧୨ ରାଜ୍ୟ ଓ କେନ୍ଦ୍ର ଶାସିତ ରାଜ୍ୟରେ ଚାଲିଥିବା ସ୍ପେଶାଲ ଇନଟେନସିଭ ରିଭିଜନ୍(ଏସ୍‌ଆଇଆର୍)ର ସମୟ ସୀମାକୁ ୭ ଦିନ ପାଇଁ ବୃଦ୍ଧି କରିଛନ୍ତି। ଏହ ପ୍ରକ୍ରିୟା ୧୧ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଏସ୍‌ଆଇଆର୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଆଣ୍ଡାମାନ ଓ ନିକୋବର, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ଲକ୍ଷାଦ୍ୱୀପ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ,ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ଭୋଟର ଲିଷ୍ଟକୁ ସୁଧାରା ଯାଉଛି। ଇସିଆଇ ତାଙ୍କର ପୂର୍ବ ନିର୍ଦ୍ଦେଶକୁ ବାତିଲ କରି ଏକ ନୂତନ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଏହା ଅନୁଯାୟୀ ବୁଥ୍ ଗଣନା ଏବଂ ପୁନଃଗଠନ ଠାରୁ ଆରମ୍ଭ କରି ଡ୍ରାଫ୍ଟ ତାଲିକା ପ୍ରକାଶନ ଏବଂ ଦାବି-ଆପତ୍ତି ପ୍ରକ୍ରିୟା ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟା ଏବେ ସଂଶୋଧିତ ତାରିଖ ଅନୁସାରେ କରାଯିବ। ନିର୍ବାଚନ କମିଶନ୍ ୧୧ ଡିସେମ୍ବର ୨୦୨୫ ▶▶ ୫

## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ

### ୨୭ ଜଣଙ୍କ ଉପରେ ଥିଲା ୬୫ ଲକ୍ଷର ପୁରସ୍କାର



**ଦାନ୍ତେୱାଡ଼ା , ୩୦।୧୧/ଏଜେନ୍ସି:**

ନକ୍ସଲଙ୍କ ଉପରେ ବାରମ୍ବାର ଆକ୍ରମଣ ପରେ ଭୁଶୁଡ଼ିବାରେ ଲାଗିଛି ମାଓଦୁର୍ଗ। ଏପରିକି ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ଆହ୍ୱାନ କରାଯିବା ପରେ ଏବେ ଅନେକ ମାଓବାଦୀ ମାଓସଂଗଠନରୁ ବାହାରି ଆତ୍ମସମର୍ପଣ କରୁଛନ୍ତି। ମାଓବାଦୀଙ୍କ ଆଡ୍ଡା ପାଲଟିଥିବା ଛତିଶଗଡ଼ରେ ଏବେ ଦୁର୍ବଳ ହେଉଛି ମାଓ ସଂଗଠନ। ଛତିଶଗଡ଼ର ଦାନ୍ତେୱାଡ଼ା ଜିଲ୍ଲାରେ ରବିବାର ୩୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କ ଉପରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ▶▶ ୫

## ଦୁଇ ବସ୍ ମୁହାଁମୁହିଁ, ୧୧ ମୃତ



**ନୂଆଦିଲ୍ଲୀ,୩୦।୧୧/ଏଜେନ୍ସି:**

ତାମିଲନାଡୁର ଶିବଗଙ୍ଗା ଜିଲ୍ଲାରେ ରବିବାର ଦୁଇଟି ବସ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୧୧ ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୬୦ ଜଣ ଲୋକ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁସାରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ତିରୁପତ୍ତୁର ନିକଟସ୍ଥ କୁମ୍ଭାନଗୁଡି ରୋଡରେ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ପିଲା ମଧ ଅଛନ୍ତି। ଗୋଟିଏ ବସ୍ ତିରୁପ୍ପୁରରୁ କରାଇକୁଡି ଓ ଅନ୍ୟ ବସଟି କରାଇକୁଡିରୁ ଦିନ୍ଦିଗୁଲ ଆଡ଼କୁ ଯିବାବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ହେବା କାରଣରୁ ମସ ଦୁଇଟିର ସମ୍ମୁଖ ଭାଗ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇ ଯାଇଛି। ଘଟଣାସ୍ଥଳରେ ହିଁ ଅନେକ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ପୁଲିସ ଅନୁସାରେ ଦୁର୍ଘଟଣାର ସୂଚନା ପାଇବା କ୍ଷଣି ପୁଲିସ ▶▶ ୫

### ବାରବାଟୀ ଟି-୨୦

## ଆଜିଠୁ ଅନ୍‌ଲାଇନ୍ ଟିକେଟ୍



**କଟକ,୩୦।୧୧/ଏନ୍‌ଏନ୍‌ଏସ୍:**

ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ ପାଇଁ ଆସନ୍ତାକାଲି ଅର୍ଥାତ ସୋମବାର ଠାରୁ ଅନଲାଇନରେ ଟିକେଟ ଉପଲବ୍ଧ ହେବ। ଏନେଇ ରବିବାର ଅପରାହ୍ନରେ ବାରବାଟୀ ଷ୍ଟାଡ଼ିୟମ ପରିସରସ୍ଥ ଓସିଏ କନଫରେନ୍ସ ହଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓସିଏ ସଂପାଦକ ସଞ୍ଜୟ ବେହେରା ସୂଚନା ଦେଇଛନ୍ତି। ଅନଲାଇନରେ କେବଳ ୨୦୦୦ଟିକେଟ ବିକ୍ରି କରାଯିବ। ଡିଷ୍ଟ୍ରିକ୍ଟ ବାଏ ଜମାଟୋ ଆପ୍‌ରେ ଅନ୍‌ଲାଇନ୍ ଟିକେଟ ଉପଲବ୍ଧ ହେବ। ଯେଉଁମାନେ ଅନ୍‌ଲାଇନ୍ ଟିକେଟ କିଣିବେ ଆସନ୍ତା ଡିସେମ୍ବର ୮ ଓ ୯ ତାରିଖରେ ସ୍ଥାନୀୟ କେମ୍ବ୍ରିଜ ସ୍କୁଲରୁ ସେମାନଙ୍କ ଟିକେଟ ସଂଗ୍ରହ କରିବେ। ଏହାଛଡ଼ା ଓସିଏ ଅନୁବନ୍ଧିତ ସଂସ୍ଥାକୁ ଡିସେମ୍ବର ୩ ଓ ୪ ତାରିଖରେ ଟିକେଟ ବିକ୍ରି ହେବ। ଏଥର ବାରବାଟୀ ଷ୍ଟାଡିୟମ୍‌ରେ ୪୨ ହଜାର ଦର୍ଶକ ମ୍ୟାଚ ଦେଖିପାରିବେ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ମୋଟ୍ ୨୩ହଜାର ଟିକେଟ ବିକ୍ରି ହେବ । ୧୮ହଜାର ୪୦୦ କମ୍ପ୍ଲିମେଣ୍ଟାରୀ ପାସ୍ ରହିଛି। ▶▶ ୫

**୫ରେ କାଉଣ୍ଟର୍‌ରେ ବିକ୍ରି ହେବ ୧୦ହଜାର ଟିକେଟ୍**

**ମ୍ୟାଚ୍ ପାଇଁ ୫୦ କୋଟି ଟଙ୍କା ବୀମା**

**ପ୍ରଥମ ଟିକେଟ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ**

## ସମ୍ପତ୍ତି ତାଲିକା ନଦେଲେ ପ୍ରମୋସନ ବନ୍ଦ

**ଭୁବନେଶ୍ୱର,୩୦।୧୧/ଏନ୍‌ଏନ୍‌ଏସ୍:**

ସରକାରୀ ବାବୁଙ୍କ ସମ୍ପତ୍ତି ତାଲିକାକୁ ନେଇ ରାଜ୍ୟ ସରକାର କଠୋର ହୋଇଛନ୍ତି। ସମ୍ପତ୍ତି ତାଲିକା ନଦେଲେ ବାବୁଙ୍କର ହେବନି ପ୍ରମୋସନ। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ଚିଠି କରାଯାଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏନେଇ ସବୁ ବିଭାଗକୁ ଚିଠି ଲେଖିଛନ୍ତି। ଜାନୁଆରୀ ୨୦୧୫ ସୁଦ୍ଧା ସମ୍ପତ୍ତି ତାଲିକା ଦେବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପୂର୍ବରୁ ବହୁବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମ୍ପତ୍ତି ତାଲିକା ଦେବାକୁ ଚିଠି ଲେଖାଯାଇଥିଲା । ହେଲେ ଅନେକ ବାବୁ ଏଯାଏଁ ସମ୍ପତ୍ତି ତାଲିକା ଦେଇନାହାନ୍ତି। ତେଣୁ ରାଜ୍ୟ ସରକାର ଏଭଳି କଡ଼ା ନିଷ୍ପତ୍ତି ନେଇଛନ୍ତି।

### ଜିଲ୍ଲାପାଳମାନଙ୍କୁ ପଞ୍ଚାୟତିରାଜ ବିଭାଗର ନିର୍ଦ୍ଦେଶ

## ଭୂମିହୀନଙ୍କୁ ତୁରନ୍ତ ଘର ଦିଅ

**ଭୁବନେଶ୍ୱର,୩୦।୧୧/ଏନ୍‌ଏନ୍‌ଏସ୍:**

ଭୂମିହୀନଙ୍କୁ ପକ୍କା ଘର ଯୋଗାଇବାରେ ବିଳମ୍ବକୁ ବରଦାସ୍ତ କରାଯିବନି। ଯୋଗ୍ୟ ବିବେଚିତ ଭୂମିହୀନ ପରିବାରକୁ ତୁରନ୍ତ ଘର ବଣ୍ଟନ ପାଇଁ ଜିଲ୍ଲାପାଳମାନଙ୍କୁ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଯୋଗ୍ୟ ଭୂମିହୀନ ଗ୍ରାମାଞ୍ଚଳ ପରିବାର ବା ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ଘର ଯୋଗାଇବା ପାଇଁ ପଞ୍ଚାୟତିରାଜ ବିଭାଗର ଚିଠି କରିଛି। ଭୂମିହୀନ ସମସ୍ୟାର ସମାଧାନ ପାଇଁ ପ୍ରତି ମାସର ପ୍ରଥମ ଶନିବାର ବିଡିଓ ଏବଂ ସମ୍ପୃକ୍ତ ତହସିଲଦାରଙ୍କ ସହିତ ଏକ ମିଳିତ ବୈଠକ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି। ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣରେ ୮୭୧ ଜଣ ଏବଂ ପିଏମ ଜନମନରେ ୫୦ ଜଣ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯାଇ ନାହିଁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗ୍ରାମୀଣରେ ସର୍ବାଧିକ କେନ୍ଦ୍ରାପଡ଼ା ▶▶ ୫


## ମାଡ଼ିଗଲା ଟ୍ରକ୍, ୫ମୃତ

**ପାଟନା,୩୦।୧୧/ଏଜେନ୍ସି:**

ବିହାରର ମୋତିହାରୀରେ ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଯାଉଥିବା ଗୋଟିଏ ଟ୍ରକ୍ ମାଡ଼ିଯିବାରୁ ୫ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୧୨ରୁ ଅଧିକ ଲୋକ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଯେ, ରବିବାର ସକାଳେ କୋଟୱାର ଦୀପଉ ଟର୍ଣ୍ଣ ନିକଟରେ ରାସ୍ତା ଅତିକ୍ରମ କରିବା ପାଇଁ ୧୨ ବାଇକ୍ ଚାଳକ ,ଇ-ରିକ୍ସା ଓ ପଦଯାତ୍ରୀ ଠିଆ ହୋଇଥିଲେ। ସେମାନେ ଡିଭାଇଡର କ୍ରସ କରି ରାସ୍ତା ପାରି ହେବାକୁ ଅପେକ୍ଷା କରିଥିଲେ। ସେତିକି ବେଳେ ଏକ ଅନିୟନ୍ତ୍ରିତ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ୪ରୁ ଅଧିକ ବାଇକ୍ ଓ ଗୋଟିଏ ଇ-ରିକ୍ସାକୁ ଜୋରଦାର ଧକ୍କା ଦେଇଥିଲା। ଫଳରେ ୫ଜଣ ଲୋକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲାବେଳେ ୧୨ରୁ ଅଧିକ ▶▶ ୫

# ଦକ୍ଷିଣରେ 'ଡିଟ୍‌ୱାହା' ତୋଡ଼, ତାମିଲନାଡୁ ବେହାଲ୍

**ନୂଆଦିଲ୍ଲୀ,ଚେନ୍ନାଇ,୩୦।୧୧/ଏଜେନ୍ସି:**



ଶ୍ରୀଲଙ୍କାରେ ତାଣ୍ଡବ ରଚିବା ପରେ ବାତ୍ୟା 'ଡିଟ୍‌ୱାହା' ଏବେ ଦକ୍ଷିଣ ଭାରତମୁହାଁ ହୋଇଛି। ଖବର ଲେଖାସୁଦ୍ଧା ଏହା ଧୀରେ ଧୀରେ ଉତ୍ତର ଦିଗରେ ଗତି କରି କୁଡ୍ଡାଲୋର୍‌ଠାରୁ ୧୦୦ କିମି ଦକ୍ଷିଣ-ଦକ୍ଷିଣ ପୂର୍ବ, କରାଇକଲଠାରୁ ୧୦୦ କିମି ପୂର୍ବ-ଉତ୍ତରପୂର୍ବ, ପୁଡୁଚେରୀଠାରୁ ୧୧୦ କିମି ଦକ୍ଷିଣ-ପୂର୍ବ, ଭେଦରନ୍ୟମ୍‌ଠାରୁ ୧୪୦ କିମି ଉତ୍ତର-ପୂର୍ବ ଏବଂ ଚେନ୍ନାଇ ଠାରୁ ୧୮୦ କିମି ଦକ୍ଷିଣ-ଦକ୍ଷିଣ ପୂର୍ବ ଦିଗରେ ଆଗକୁ ବଢୁଛି। ଭାରତୀୟ ପାଣିପାଗ ବିଭାଗ ଅନୁସାରେ ବାତ୍ୟାର କେନ୍ଦ୍ର ତାମିଲନାଡୁ-ପୁଡୁଚେରୀ ଉପକୂଳର ମାତ୍ର ୭୦ କିମି ଦୂରରେ ରହିଛି। ଏହା ରବିବାର ସନ୍ଧ୍ୟାରେ ଉପକୂଳଠାରୁ ମାତ୍ର ୩୦ କିମି ଦୂରରେ ରହିଥିଲା। ଏହା ଘଣ୍ଟାପ୍ରତି ୭ କିମି ବେଗରେ ଉତ୍ତର ଦିଗରେ ଗତି କରୁଥିଲା। ଆଗାମୀ ୨୪ ଘଣ୍ଟା ମଧ୍ୟରେ ଏହା ଉପକୂଳର ନିକଟରେ ସମୁଦ୍ର ମଧ୍ୟରେ ଆଗକୁ ଚାଲିଯିବ। ତେବେ ଏହା ପୂରା ସମୟ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଉପକୂଳରେ ହିଁ ରହିବ।

**ଭୀଷଣ ବର୍ଷାରେ ୩ ମୃତ**

**ପୁଡୁଚେରୀରେ ସୋମବାର ସ୍କୁଲ୍ ବନ୍ଦ**

ଏହାର ପ୍ରଭାବ ତାମିଲନାଡୁରେ ଭୀଷଣ ବର୍ଷା ଲାଗିରହିଛି। ଏଥିରେ ୩ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଟୁଟିକୋରିନ୍ ଏବଂ ତାଞ୍ଜାଭୁର୍‌ରେ କାନ୍ଥ ଭୁଶୁଡ଼ି ପଡ଼ିବା ଫଳରେ ୨ ଜଣଙ୍କର ଏବଂ ମାୟିଲାଦୁଥୁରାଇରେ ବିଦ୍ୟୁତ୍ କରେଣ୍ଟ ଲାଗିବା ଫଳରେ ଜଣେ ୨୦ ବର୍ଷର ଯୁବକଙ୍କ ପ୍ରାଣହାନୀ ଘଟିଛି। ରାଜ୍ୟ ସରକାରଙ୍କ ମନ୍ତ୍ରୀ କେ ରାମଚନ୍ଦ୍ରନ୍ କହିଛନ୍ତି, ଉପକୂଳ ଅଞ୍ଚଳରେ ୨୩୪ ବସ୍ତିରେ କଚ୍ଚା ଘରକୁ କ୍ଷତି ପହଞ୍ଚିଛି। ଏହା ବ୍ୟତୀତ ୧୪୯ ଜୀବଜନ୍ତୁଙ୍କ ମୃତ୍ୟୁ ହୋଇଛି। ୫୭,୦୦୦ ହେକ୍ଟର ଜମି ଜଳମଗ୍ନ ହୋଇଛି। ଅନ୍ୟପକ୍ଷରେ ପୁଡୁଚେରୀରେ ବାତ୍ୟାର ପ୍ରଭାବରେ ଭୀଷଣ ବର୍ଷା ଲାଗି ରହିଛି। ସରକାର ସୋମବାର ରାଜ୍ୟର ସରକାରୀ ଏବଂ ବେସରକାରୀ ସ୍କୁଲ୍ ବନ୍ଦ ଘୋଷଣା କରିଛି। ଏଠାରେ ରବିବାର ଭୀଷଣ ବର୍ଷା ଲାଗିରହିଛି। ଅନ୍ୟପକ୍ଷରେ ରବିବାର ରାତିରେ ତାମିଲନାଡୁ-ପୁଡୁଚେରୀ ଉପକୂଳ ଛୁଇଁବ ବୋଲି ଆଶଙ୍କା କରାଯାଉଛି।

ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍ ସମେତ ୨୮ରୁ ଉର୍ଦ୍ଧ୍ୱ ଡିଜାଷ୍ଟର୍ ରେସ୍‌ପନ୍ସ ଟିମ୍‌ଙ୍କୁ ମୁତୟନ କରାଯାଇଛି। ଏହା ବ୍ୟତୀତ ମହାରାଷ୍ଟ୍ର ଓ ▶▶ ୫

# ଆଜିଠାରୁ ଖଣ୍ଡଗିରି ଅଭିରାମ ଆଶ୍ରମରେ ବ୍ରହ୍ମ ସନାତନ ଯଜ୍ଞ

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ଖଣ୍ଡଗିରିସ୍ଥିତ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଆଶ୍ରମର ବାର୍ଷିକୋତ୍ସବ ତଥା ବ୍ରହ୍ମସନାତନ ଯଜ୍ଞ ଆସନ୍ତାକାଲି ସୋମବାରଠାରୁ ଆରମ୍ଭ ହେବ। ଡିସେମ୍ବର ୪ ତାରିଖ ଗୁରୁବାର ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି ଦିଆଯିବ। ଠାକୁରଙ୍କ ମୁଖ୍ୟ ଆଶ୍ରମ କରମଳାର ସାଧୁ ସନ୍ଥମାନେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ଠାକୁରଙ୍କ ମୁଖ ନିଶୃତ ବାଣୀ, ପ୍ରବଚନ ଓ ଭଜନ ପରିବେଷଣ କରିବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଛନ୍ତି। ଏହା ବ୍ୟତୀତ ସାଧୁ ସନ୍ଥମାନଙ୍କୁ ପୂର୍ଣ୍ଣାହୁତି ଦିନ ସମ୍ବର୍ଦ୍ଧନ କରାଯିବାର କାର୍ଯ୍ୟକ୍ରମ ରହିଛି। ଦୀର୍ଘ ଚାରି ଦିନ ଧରି ଆଶ୍ରମ ପରିସରରେ ବିଭିନ୍ନ ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବ। ବାହାରୁ ଆସିବାକୁ ଥିବା ସାଧୁସନ୍ଥ ଓ ଭକ୍ତମାନଙ୍କ ରହଣୀ ଓ ପ୍ରସାଦ ସେବନ ନିମନ୍ତେ ଆଶ୍ରମ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ପାଲା, ଭଜନ ଓ ଛଉନୃତ୍ୟ ପରିବେଷଣ କରାଯିବ। ତେଣୁ ଠାକୁର ଆଶ୍ରିତ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଭକ୍ତ ସମିତି ପକ୍ଷରୁ ନିବେଦନ କରାଯାଇଛି।

# ଯୁବଗୋଷ୍ଠୀଙ୍କ ପ୍ରଥମ ପସନ୍ଦ ଫାଷ୍ଟଫୁଡ୍

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ବର୍ତ୍ତମାନ ସ୍ଥିତିରେ ଯୁବଗୋଷ୍ଠୀଙ୍କ ପ୍ରଥମ ପସନ୍ଦ ଫାଷ୍ଟଫୁଡ୍ ପାଲଟିଥିବା ଜଣାପଡିଛି। ଆଜି ଏସ୍ଏଫ୍ଏମ୍‌ପିର ସିଇଓ ରୋହିତ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ 'ହାଓ ଇଣ୍ଡିଆ ଇଟ୍ସ' ଶୀର୍ଷକ ଏହାର ବାର୍ଷିକ ରିପୋର୍ଟ ପ୍ରକାଶ ପାଇଛି। ସେଥିରେ ରାତ୍ରିଭୋଜନ ଅପେକ୍ଷା ବିଳମ୍ବିତ ରାତିରେ ଖାଦ୍ୟ ଅର୍ଡର ୩ ଗୁଣ ବୃଦ୍ଧି ଘଟିଛି ଯେଉଁଥିରେ ପିଜା, କେକ୍ ଏବଂ ମୃଦୁ ପାନୀୟର ବ୍ୟବହାର ରାତି ୧୧ ପରେ ସର୍ବାଧିକ ବୃଦ୍ଧି ପାଉଛି। ବିଶେଷକରି ବଟରମିଲ୍କ ଏବଂ ସରବତ୍ ପରି ସ୍ଥାନୀୟ ଭାରତୀୟ ପାନୀୟ, ସାମଗ୍ରିକ ପାନୀୟର ୪-୬ ଗୁଣ ବୃଦ୍ଧି ପାଇଛି। ଅନ୍ୟ ପାନୀୟ ତୁଳନାରେ ଚା' ୩ ଗୁଣରୁ ଅଧିକ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ରାସ୍ତା କଡ଼ରେ ଥିବା ଛୋଟ ଚା ଦୋକାନଗୁଡ଼ିକ ମଧ୍ୟ ଏବେ ଗ୍ରାହକମାନଙ୍କୁ ସେବା ଯୋଗାଇବା ପାଇଁ ଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି। ତେବେ ଖାଦ୍ୟ ଶିଳ୍ପ ମାତ୍ର ଏକ ଦଶନ୍ଧି ମଧ୍ୟରେ ଦ୍ରୁତ ଗତିରେ ପରିବର୍ତ୍ତନ ଆସିଛି। ଲୋକମାନେ ଏବେ ସୁଲଭ ପରିଚିତ ଖାଦ୍ୟ ଏବଂ ମଛା ଏବଂ ବୋବା ଟି ଭଳି ଟ୍ରେଣ୍ଡି ବିକଳ୍ପ ଉଭୟ ଚାହୁଁଛନ୍ତି। ରେଷ୍ଟୁରାଣ୍ଟଗୁଡ଼ିକ ଗତି ଜାରି ରଖିଛନ୍ତି, କ୍ୟୁଏସଆର ଏବଂ କ୍ଲାଉଡ୍ କିଚେନ୍ ଦ୍ରୁତ ଗତିରେ ବଢୁଛନ୍ତି। ଭାରତର ଖାଦ୍ୟ ଅର୍ଥନୀତି ବିସ୍ତାରିତ ହେଉଛି, ଅଣ-ମେଟ୍ରୋ ସହରଗୁଡ଼ିକରେ ଡାଇନିଂ-ଆଉଟ୍ ଅଭିବୃଦ୍ଧି ଶୀର୍ଷ ଆଠଟି ମେଟ୍ରୋ ସହର ତୁଳନାରେ ୨ ଗୁଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ସାମଗ୍ରିକ ଅର୍ଡର ମଧ୍ୟରୁ ସ୍ୱାସ୍ଥ୍ୟକର ଖାଦ୍ୟରେ ୨.୩ ଗୁଣ ବୃଦ୍ଧି ପାଉଥିବା ସେ କହିଛନ୍ତି।

# ୟୁନିଟ୍ ୪ ବଜାର ଅଞ୍ଚଳର ପରିଚ୍ଛନ୍ନତା ପାଇଁ ବିଏମ୍‌ସିର ତତ୍ପରତା

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ୟୁନିଟ୍ ୪ ବଜାରରେ ପ୍ରତିଦିନ ପ୍ରାୟ ୧୫୦ ଜଣ ଅସ୍ଥାୟୀ ମାଛ ବିକ୍ରେତା ମାଛ ବିକ୍ରୟ କରନ୍ତି। କିନ୍ତୁ ସେମାନଙ୍କ ପରିମଳ ଅଭ୍ୟାସ ଉଚିତ ନଥିବା ବି ଏମ୍ ସି ନଜରରେ ଆସିଛି। ସମ୍ପୃକ୍ତ ଅଞ୍ଚଳକୁ ପରିଚ୍ଛନ୍ନ ରଖିବା ପାଇଁ ଆଜି ବି ଏମ୍ ସି ତରଫରୁ ସଚେତନ କରାଯାଇଛି।

ଯଦିଓ ମାଂସ ବିକ୍ରେତାଙ୍କ ପାଇଁ ୧୭ଟି ଆଉଟଲେଟ୍ ନିର୍ମାଣ କରାଯାଇଛି କିନ୍ତୁ ସେମାନେ ଏହି ଆଉଟଲେଟ୍‌ଗୁଡ଼ିକରେ ମାଂସ ବିକ୍ରୟ କରିପାରୁ ନାହାଁନ୍ତି। କାରଣ ମାଛ ବିକ୍ରେତା ରାସ୍ତା ପାର୍ଶ୍ୱରେ ବିକ୍ରି କରୁଛନ୍ତି ଏବଂ ଗ୍ରାହକମାନଙ୍କ ପାଇଁ ସେହି ୧୭ଟି ଆଉଟଲେଟ୍‌କୁ ଯିବା ପାଇଁ କୌଣସି ରାସ୍ତା ନାହିଁ। ସହରର ବଜାରରେ ବିକୁଥିବା ଏହି ବିକ୍ରେତାମାନଙ୍କଠାରୁ ବିଏମ୍‌ସି ପ୍ରତିଦିନ ୧୦ ଟଙ୍କା ଆଦାୟ କରେ। ତେଣୁ ମାଂସ ବିକ୍ରେତାମାନେ ମଧ୍ୟ ରାସ୍ତା ପାର୍ଶ୍ୱରେ ବିକ୍ରୟ କରନ୍ତି। ଏହା ଭେଣ୍ଡିଂ ଅଞ୍ଚଳରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି କରିଛି ଯାହା ଅଧିକାଂଶ ମାଛ ବିକ୍ରେତାଙ୍କ ଦ୍ୱାରା ସୃଷ୍ଟି ହୋଇଛି। ଭେଣ୍ଡିଂ କ୍ଷେତ୍ରକୁ ସୁବ୍ୟବସ୍ଥିତ କରିବା ଏବଂ ବିକ୍ରେତାମାନଙ୍କ ପରିମଳ ଅଭ୍ୟାସକୁ ନିୟନ୍ତ୍ରଣ କରିବା ପାଇଁ ମେୟର ଏବଂ କମିଶନରଙ୍କ ନେତୃତ୍ୱରେ ବିଏମ୍‌ସି ଟିମ୍ ଆଜି ସକାଳେ ଏହି ଅଞ୍ଚଳକୁ ଆକସ୍ମିକ ପରିଦର୍ଶନ କରିଥିଲେ। ସେହି ଅଞ୍ଚଳର ବିକ୍ରେତାମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଭିଡିଓଗ୍ରାଫି ମଧ୍ୟ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବିଏମ୍‌ସି ନନ୍‌ଭେଜ୍ ଅଳିଆ ସଂଗ୍ରହ ଏବଂ ବିକ୍ରେତାମାନଙ୍କୁ ଡଷ୍ଟବିନ ବ୍ୟବହାର କରିବାକୁ ଗୁରୁତ୍ୱ ଦେଇଛି। ସୂଚନା ଯୋଗ୍ୟକି, ୟୁନିଟ୍ ୪ ରେ ୭୨୩ଟି ବିକ୍ରୟ କେନ୍ଦ୍ର ଅଛି। ସମସ୍ତ ଦୋକାନ ଗୃହ ମାସିକ ଭଡ଼ା ଭିତ୍ତିରେ ଦିଆଯାଇଛି। କିନ୍ତୁ ଦେଖାଯାଇଛି ଯେ ଅନେକ ଦୋକାନୀ ବନ୍ଦ କରିଦେଇଛନ୍ତି ଏବଂ ଆଉ କେତେକ ଅନ୍ୟକୁ ଭଡ଼ାରେ ଦେଇଥିବା ସନ୍ଦେହ କରାଯାଉଛି। ଏହାକୁ ବ୍ୟବସ୍ଥିତ କରିବାକୁ ସୂଚନା ଦିଆଯାଇଛି।

# ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ-ଭକ୍ତି-ଅନୁଭୂତିର ଦେବତା




**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ଲେଖକ ସାମ୍ମୁଖ୍ୟ, ଓଡ଼ିଶାର ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା ବିଭିନ୍ନ ଉଦାହରଣ ମାଧ୍ୟମରେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ଭାବ, ଭକ୍ତି, ସମର୍ପଣ, ଅନୁଭୂତି ଓ ଅନୁଭବର ଦେବତା। ତାଙ୍କ ପାଖରେ ପରୀକ୍ଷାନିରୀକ୍ଷାର ଆବଶ୍ୟକତା ନାହିଁ। ସେ ଭାବଗ୍ରାହୀ, ଅନ୍ତର୍ଯାମୀ ଓ ବିଶ୍ୱାସର ଠାକୁର। ୟୁଥ୍ ହଷ୍ଟେଲ୍ ସଭାଗୃହରେ ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ମାନସ ମହାପାତ୍ର, କୃଷ୍ଣଚନ୍ଦ୍ର ରଥ, ଶରତ ଚନ୍ଦ୍ର ରଥ, ମନୋଜ କୁମାର ଜେନା, ପ୍ରସନ୍ନ କୁମାର ହୋତା, ଚକ୍ର ଧର ଦାସ ବକ୍ତା ଓ ଆଲୋଚକ ଭାବେ ଯୋଗଦାନ କରି ନିଜସ୍ୱ ଅନୁଭୂତି ଅନୁଭବ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅନାମ ଚନ୍ଦ୍ର ସାହୁ ଓ ଶିବ ସୁନ୍ଦର ମିଶ୍ରଙ୍କ ସଂଯୋଜନାରେ ଏକ ଆଧ୍ୟାତ୍ମିକ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଶତାଧିକ କବି, କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ଧନ୍ୟବାଦ୍ ଦେଇଥିଲେ। ଏହି ଅବସରରେ ନାଟ୍ୟକାର ଡକ୍ଟର ଝାଡେଶ୍ୱର ପ୍ରଧାନଙ୍କ ନାଟକ ପୁସ୍ତକ ଜାଗୃତି ଓ ଅନ୍ୟାନ୍ୟ ନାଟକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଆବାହକ ରମାକାନ୍ତ ମିଶ୍ର ସଭା ପରିଚାଳନା କରିଥିଲେ।

# ଡ. ପଞ୍ଚାନନ ନାୟକଙ୍କୁ ଉତ୍ତମ ଭାରତ ପୁରସ୍କାର

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ହାଇଦ୍ରାବାଦରେ ଚେମ୍ବର ଅଫ୍ କମର୍ସ ଭବନଠାରେ ଆୟୋଜିତ ଅନ୍ତର୍ଜାତୀୟ



ବାଣିଜ୍ୟ ସମ୍ମିଳନୀ ଏକ ସ୍ୱତନ୍ତ୍ର ଉତ୍ସବରେ ଜିଏଚ୍ଆର୍‌ଟି ତରଫରୁ ଆୟୋଜିତ ସଭାରେ ଓଡ଼ିଶାର ଚର୍ଚ୍ଚିତ ଗୀତିକାର ପଞ୍ଚାନନ ନାୟକଙ୍କୁ ମିଳିଛି ଉତ୍ତମ ଭାରତ ପୁରସ୍କାର। ଏକ ବର୍ଣ୍ଣାଢ଼୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ମୁଖ୍ୟ ଅତିଥି ଭାବେ ଆଫଗାନିସ୍ତାନର କାଉନ୍‌ସିଲ୍ ଜେନେରାଲ ମଜୀବୁର ରେହମାନ ଆଫତାବ, ସମ୍ମାନିତ ଅତିଥି ଭାବେ ମିସ୍ ୟୁନିଭର୍ସ ସୁଷମା ମୁପିଦି, ତେଲଙ୍ଗାନାର ଲୋକସଭା ସାଂସଦ ଡ.ମାଲୁ ରବି ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ପୁରସ୍କାର ଓଡ଼ିଶାରୁ ଏକମାତ୍ର ପ୍ରତିଭା ଭାବେ ଡ.ପଞ୍ଚାନନ ନାୟକଙ୍କୁ ପ୍ରଦାନ କରାଯାଇଥିଲା। କାଳିଆ ଅମୃତବାଣୀ ସହିତ ହଜାର ହଜାର ଭଜନ ଆଲବମ୍, ସିନେମା ସଙ୍ଗୀତ ସାରା ବିଶ୍ୱରେ ତାଙ୍କର ଯେଉଁ ପରିଚୟ ସୃଷ୍ଟି କରିଥିଲା, ଆଜି ତାଙ୍କୁ ଏହି ପୁରସ୍କାର ଲାଭ କରିବାରେ ସହାୟକ ହୋଇପାରିଛି ବୋଲି ଡ. ନାୟକ ଗଣମାଧ୍ୟମକୁ କହିଛନ୍ତି। ସେ କେବଳ ଜଣେ ଗୀତିକାର ନୁହନ୍ତି ବରଂ ସମାଜ ସେବା ଓ କଳା ସଂସ୍କୃତିର ପୁନରୁଦ୍ଧାର ନିମନ୍ତେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି। ଏହି ପୁରସ୍କାର ପାଇଁ ଅନେକଙ୍କୁ ଓଡ଼ିଶାରୁ ମନୋନୀତ କରାଯାଇଥିଲେ ବି ଶେଷ ପର୍ଯ୍ୟାୟରେ ଡ. ନାୟକଙ୍କୁ ବହୁବିଧ କାର୍ଯ୍ୟ ପାଇଁ ଚୟନ କରାଯାଇଥିବା କଥା କହିଛନ୍ତି ଆୟୋଜନ କରିଥିବା ଜିଏଚଆରଟି ଅଧ୍ୟକ୍ଷ ଏଚ୍ଆର ରେହମାନ।

# ରାମକୃଷ୍ଣ ମିଶନ୍‌ରେ ଆଲୋଚନାଚକ୍ର




**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ରାମକୃଷ୍ଣ ମିଶନ୍‌ରେ 'ଅସ୍ଥିରତା ଭିତରେ ମଧ୍ୟ ଶାନ୍ତି : ମା' ସାରଦାଙ୍କ ଶିକ୍ଷା' ସମ୍ବନ୍ଧୀୟ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୁଶ୍ରୀ ଅପର୍ଣ୍ଣା ଘୋଷ କହିଲେ ଯେ ଆଜିର ପୃଥିବୀରେ ଯେଉଁଠି ଶବ୍ଦର ଆଡ଼ମ୍ବରରେ ସ୍ୱଚ୍ଛତା ଢାଙ୍କି ହୋଇଯାଏ ଏବଂ ବ୍ୟସ୍ତତା ମଣିଷ ମନର ଚିନ୍ତା କରିବାର କ୍ଷମତାକୁ କମାଇଦିଏ, ସେଠାରେ ମା' ସାରଦାଙ୍କ ଜୀବନୀ ଆମ ସାମ୍ନାରେ ନିର୍ମଳ ଆଲୋକ ପରି ଉଦ୍‌ଭାସିତ। ସମାଜର ବିଭିନ୍ନ ଚାପ, ବ୍ୟକ୍ତିଗତ କଷ୍ଟ, ଆର୍ଥିକ ଅନଟନ, ପରିବେଶଗତ ଅସ୍ଥିରତା - କିଛି ହେଲେ ତାଙ୍କୁ ବିଚଳିତ କରିପାରି ନ ଥିଲା। ମା' ସାରଦାଙ୍କ ଏହି ଅଟଳ ଶାନ୍ତି କୌଣସି ସୁପ୍ତ ଅଲୌକିକ ଶକ୍ତିର ଫଳ ନ ଥିଲା; ବରଂ ଥିଲା ତାଙ୍କ ଗଭୀର ଅନ୍ତର୍ଜାଗରଣ, ସଚେତନ ସାଧନା ଓ ଚେତନାର ପରିମାର୍ଜନର ଫଳ। ଅନ୍ୟତମ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ସର୍ବେଶ୍ୱର ସାହୁ କହିଲେ ଯେ ମା' ସାରଦାଙ୍କ ଜୀବନରୁ ଆମେ ଶିଖୁ ଯେ ଶାନ୍ତି କୌଣସି ବିଳାସର ବସ୍ତୁ ନୁହେଁ; ଏହା ପ୍ରତିଦିନର ଅଭ୍ୟାସ, ଦୃଷ୍ଟିଭଙ୍ଗୀର ପରିବର୍ତ୍ତନ ଏବଂ ମନ ଓ ହୃଦୟର ପ୍ରଶିକ୍ଷଣ ମାଧ୍ୟମରେ ମିଳି ପାରିବ। ଚାରିଆଡେ ତ ବିଶୃଙ୍ଖଳା ରହିବ କିନ୍ତୁ ଯଦି ମନକୁ ପ୍ରଶିକ୍ଷିତ କରାଯାଏ ତେବେ ଜଣେ ପଦ୍ମପତ୍ର ପରି ନିର୍ମଳ ଓ ନିର୍ଲିପ୍ତ ହୋଇ ରହିପାରେ। ମା' ସାରଦାଙ୍କ ଜୀବନ ଏହି ସତ୍ୟର ମୂର୍ତ୍ତ ପ୍ରତୀକ। ଏହି ସଭାରେ ସ୍ୱାମୀ ଅଦ୍ୱୟାନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ପରମେଶ୍ୱର ଧଳ ଧନ୍ୟବାଦ ଜ୍ଞାପନ କରିଥିଲେ। ଜିତେନ୍ଦ୍ର ରଣା, ରମେଶ ପ୍ରଧାନ, ବୃନ୍ଦାବନ ପଣ୍ଡା ପ୍ରମୁଖ ସହାୟତା କରିଥିଲେ।

## 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମ

# 'ଅଭିନୟ ପାଇଁ ପରିପକ୍ୱତା ଓ ଅନୁଶୀଳନ ଆବଶ୍ୟକ'




**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ଅଭିନୟରେ ପରିପକ୍ୱତା ଓ ନିଷ୍ଠା ସହିତ ଚରିତ୍ର, ଦୃଶ୍ୟ, ପରିପାର୍ଶ୍ୱ ଓ କାହାଣୀର ଅନୁଶୀଳନ ଆବଶ୍ୟକ। ନିଜ ଚଳଚ୍ଚିତ୍ର ଓ ନାଟକ ଅଭିନୟର ସ୍ମୃତିଚାରଣ କରି ବିଶିଷ୍ଟ ସିନେ -ଅଭିନେତା ବିନୋଦ ମିଶ୍ର ଉପରୋକ୍ତ ମର୍ମରେ ଉଲ୍ଲେଖ କରିଛନ୍ତି। ଆଜି ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ମିଶ୍ର ଘରବାହୁଡ଼ା, ମୁକ୍ତି, ଉଲକା, କାଚଘର, ମାୟା ମିରିଗ, ଭିନ୍ନ ମଣିଷ ଓ ସଦ୍ୟ ମୁକ୍ତିପ୍ରାପ୍ତ ଅଜାତି ଇତ୍ୟାଦି ଓଡ଼ିଆ ସିନେମାରେ ତାଙ୍କ ଅଭିନୟ ଅନୁଭୂତି ପ୍ରକାଶ କରିଥିଲେ।

ସିନେ-ଗବେଷକ ଓ ସମୀକ୍ଷକ ସୂର୍ଯ୍ୟ ଦେଓଙ୍କ ସହିତ ଆଳାପ ଆଲୋଚନା କରି ଶ୍ରୀ ମିଶ୍ର ପ୍ରସିଦ୍ଧ ନିର୍ଦ୍ଦେଶକ ଓ ଅଭିନେତା ମାନଙ୍କ ସଙ୍ଗେ ନିଜ ଅନ୍ତରଙ୍ଗ ଅନୁଭୂତି ବର୍ଣ୍ଣନା କରିଥିଲେ। କଥାକାର ଅଧ୍ୟାପକ ଆଭାସ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶ୍ନୋତ୍ତର ମଧ୍ୟ ରହିଥିଲା। ପ୍ରାରମ୍ଭରେ ଡ଼. ଅଶୋକ ସିଂହ ସ୍ୱାଗତ ସୂଚନା ଦେଇଥିଲେ। ସୁଗାୟକ ହୁମାନ ସାଗର ଓ ଗୀତିକାର ମନୋରଞ୍ଜନ ହୋତାଙ୍କ ପରଲୋକରେ ନିରବ ପ୍ରାର୍ଥନା କରାଯାଇଥିଲା। 'ଏ ମାସର କଥାକାର ' ହିସାବରେ ସୁଶ୍ରୀ ସ୍ରୋତସ୍ୱିନୀ ପରିଡ଼ା ଉପସ୍ଥିତ ରହି ଗଳ୍ପ ପାଠ କରିଥିଲେ। ପରେ ଜୟଶ୍ରୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ସୁସ୍ମିତା ଶତପଥି, ନଟ ଆଚାର୍ଯ୍ୟ, ରଜନୀକାନ୍ତ ପଟ୍ଟନାୟକ, ସଞ୍ଜୁଲତା ମହାନ୍ତି, ମଧୁସ୍ମିତା ଶା, ମିହିରକାନ୍ତି ଦାସ, କୁମୁଦିନୀ ଜୀ, କ୍ଷେତ୍ରମୋହନ ଦାଶ, ଗଗନ ନାୟକ, ଅଲେଖ ରାଉତ, ପବିତ୍ର ବାରିକ, ବିରଞ୍ଚି ଦାସ, ମିନତି ମିଶ୍ର, ଗୀତାଞ୍ଜଳି ଦଳେଇ, ଉମାକାନ୍ତ ରାଉତ (ଅରୂପ), ସୁଷମା ଦାସ, ଅଂଶୁମାନ ସାହୁ, ଚିତ୍ତରଞ୍ଜନ ବର୍ମା ଓ ଜୟନାରାୟଣ ନନ୍ଦ ପ୍ରମୁଖ ସ୍ୱରଚିତ ଲେଖା ପାଠ କରିଥିଲେ। ଅନୁଷ୍ଠାନର ସଦସ୍ୟ ସୁଧୀର ମଉଡମଣିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଦସ୍ୟ ସଞ୍ଜୟ ମହାନ୍ତି ଧନ୍ୟବାଦ୍ ଦେଇଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ସଂସ୍କୃତି ମନ୍ତ୍ରୀଙ୍କୁ କୃତଜ୍ଞତା

**ଭୁବନେଶ୍ୱର, ୩୦।୧୧/ଏନ୍ଏନ୍ଏସ୍:** ୨୦୩୬ ମସିହାରେ ଓଡିଶା ରାଜ୍ୟଗଠନର ଶତବାର୍ଷିକୀ ପାଳନ ଅବସରରେ ରାଜ୍ୟ ଗଠନରେ ମୁଖ୍ୟ ଭୂମିକା ଥିବା ଉତ୍କଳ ସମ୍ମିଳନୀର ବ୍ୟାପକ ପ୍ରଚାର ଓ ପ୍ରସାର ପାଇଁ ପ୍ରସ୍ତାବ ରଖିଥିବାରୁ ରାଜ୍ୟସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଉତ୍କଳ ସମ୍ମିଳନୀ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ଅନୁଷ୍ଠାନର ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର କାର୍ଯ୍ୟନିର୍ବାହୀ ସମିତି ବୈଠକରେ ସଭାପତିତ୍ୱ କରି ଏଥି ପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତ।




କାର୍ଯ୍ୟନିର୍ବାହୀ ସମିତି ବୈଠକରେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପରେ ଦିବଙ୍ଗତ ସଦସ୍ୟ ଅଜୟ କାନୁନଗୋଙ୍କ ପାଇଁ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ ବାର୍ଷିକ ଓ ଆର୍ଥିକ ବିବରଣୀ ପାଠ କରିବା ସହିତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଆସନ୍ତା ଜାନୁଆରୀ ୨୬ତାରିଖ ଦିନ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ନିର୍ବାଚନ ହେବ ବୋଲି ଦିନ ଧାର୍ଯ୍ୟ ହୋଇଥିଲା। ଝାଡଖଣ୍ଡରେ ଓଡ଼ିଆ ବିଦ୍ୟାଳୟ ବନ୍ଦ ହେବା ଓ କୋଟିଆ ତଥା ଦୀଘାରେ ପଡୋଶୀମାନଙ୍କ ଅନୁପ୍ରବେଶକୁ ବୈଠକରେ ଦୃଢ ନିନ୍ଦା କରାଯିବା ସହିତ କୋରାପୁଟ ଓ ବାଲେଶ୍ୱର ଜିଲ୍ଲା ପ୍ରଶାସନର ସାହସକୁ ପ୍ରଶଂସା କରାଯାଇଥିଲା। ବୈଠକରେ ଉପଦେଷ୍ଟା ନିମାଇଁଚରଣ ଦାସ, ଯୁଗ୍ମସମ୍ପାଦକ ଅକ୍ଷୟ ଜେଠୀ, କାର୍ଯ୍ୟ ନିବର୍ବାହୀ ସମିତି ସଦସ୍ୟ ମହେଶ୍ୱର ବିଶ୍ୱାଳ, ରାମଚନ୍ଦ୍ର ସାମଲ, ପ୍ରତାପ କୁମାର ନନ୍ଦ, ଧରଣୀଧର ରାଉତ, ଶଶିଭୂଷଣ ଦାସ, କ୍ଷୀରୋଦ ବେହେରା, ପ୍ରସନ୍ନ ରଥ, ନିରଞ୍ଜନ ପାତ୍ର, ପ୍ରକାଶ କୁମାର ସାମଲ ଓ ସମରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଉପ-ସଭାପତି ଶିତଳଚନ୍ଦ୍ର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଏସ୍ଏସ୍ଆଇ ପକ୍ଷରୁ ଜାତୀୟ କ୍ରୀଡ଼ା ଉତ୍କର୍ଷ

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ଏସଏସ୍ଆଇ ଭୁବନେଶ୍ୱରରେ ଭାରତୀୟ କ୍ରୀଡାକୁ ନେଇ ଏକ ଉଲ୍ଲେଖନୀୟ ଉତ୍ସବ ପାଳନ କରିବାକୁ ଯାଉଛି। ଡ.ସାର୍ଥକ ପଟନାୟକ ଏବଂ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏସ୍ଏସ୍ଆଇ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଆଗାମୀ ଡିସେମ୍ବର ୬ ତାରିଖରେ ଏସଏସ୍ଆଇ ସ୍ପୋର୍ଟସ୍ ନାସନାଲ ଆୱାର୍ଡସ୍ ଏବଂ ପରେ ପରେ ଡିସେମ୍ବର ୭ ତାରିଖରେ ଲାଇଫ୍ ହୋଟେଲରେ ସ୍ପୋର୍ଟସ୍ ସାଇନ୍ସ କନ୍‌କ୍ଲେଭ ଭଳି ଦୁଇଟି ପ୍ରମୁଖ ଜାତୀୟ କାର୍ଯ୍ୟକ୍ରମ ଆୟୋଜନ କରୁଛି। ପୁରସ୍କାର ପ୍ରଦାନ ସମାରୋହକୁ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଏବଂ ଅତିରିକ୍ତ ଡିଜି ତଥା ପରିବହନ କମିଶନର ଅମିତାଭ ଠାକୁର ଉଦ୍‌ଘାଟନ କରିବେ। ଏଥିରେ ୧୬ଜଣ ବିଶିଷ୍ଟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରର କ୍ରୀଡ଼ା ବ୍ୟକ୍ତିତ୍ୱ ଏକତ୍ରିତ ହେବ, ଯେଉଁମାନଙ୍କ ମଧ୍ୟରୁ ଅନେକ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଭ କରିସାରିଛନ୍ତି। ସମ୍ମାନିତ ହେବାକୁ ଥିବା ପ୍ରମୁଖ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଭାରତୀୟ ଆଇସ୍ ହକି ଟିମ୍ ଅନ୍ତର୍ଭୁକ୍ତ, ଯାହା ବିଶ୍ୱର ସବୁଠାରୁ କଷ୍ଟକର କ୍ରୀଡ଼ାରେ ନିଜର ମଜଭୁତପଣ ଏବଂ ଅଦମ୍ୟ ଉତ୍ସାହକୁ ନେଇ ଭାରତର ପ୍ରତିନିଧିତ୍ୱ କରୁଛନ୍ତି। ଏସଏସ୍ଆଇ କର୍ଣ୍ଣ ପୁରସ୍କାର ବୀରତ୍ୱ, ଲକ୍ଷ୍ୟବଦ୍ଧତା ଏବଂ କ୍ରୀଡାରେ ଉତ୍ସାହର ପ୍ରତୀକ ଭାବରେ ପୌରାଣିକ ଯୋଦ୍ଧାଙ୍କ ଅନୁସାରେ ନାମିତ କରାଯାଇଛି ଏବଂ ଏହା ଏକାଧିକ ପ୍ରମୁଖ ବିଭାଗରେ ପ୍ରଦାନ କରାଯିବ। ଏ ସମ୍ପର୍କରେ ଉଲ୍ଲେଖ କରି ଡ.ସାର୍ଥକ ପଟ୍ଟନାୟକ କହିଥିଲେ ଯେ ଏସଏସ୍ଆଇ ସ୍ପୋର୍ଟସ୍ ନ୍ୟାସନାଲ ଆୱାର୍ଡସ୍ ଏବଂ ସ୍ପୋର୍ଟସ୍ ସାଇନ୍ସ କନ୍‌କ୍ଲେଭ ଭଳି କାର୍ଯ୍ୟକ୍ରମ ଭାରତରେ କ୍ରୀଡ଼ା ଓ କ୍ରୀଡ଼ା ବିଜ୍ଞାନ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ନିତାନ୍ତ ଜରୁରୀ। ଆମେ ତୃଣମୂଳ ସ୍ତରରୁ ଏକ ମଜଭୁତ ମୂଳଦୁଆ ଗଢିବା ଏବଂ ବିଶ୍ୱଶ୍ରେଣୀର ଆଥଲେଟ୍ ପ୍ରସ୍ତୁତ କରିବାକୁ ହେଲେ ବିଜ୍ଞାନ, ସ୍ୱୀକୃତି ଏବଂ ସୁସଂଗଠିତ ସମର୍ଥନ ଏକତ୍ର ରହିବା ଆବଶ୍ୟକ।

## ତ୍ୟାଗଭୂମି ମହୋତ୍ସବର ସପ୍ତମ ସନ୍ଧ୍ୟା

# ଲୋକ ସଂସ୍କୃତିରୁ ଦୂରେଇଗଲେ ପରିଚୟ ସଂକଟ ସୃଷ୍ଟି ହେବ

**ଭୁବନେଶ୍ୱର, ଭଦ୍ରକ, ୩୦।୧୧/ଏନ୍ଏନ୍ଏସ୍:** ଆଧୁନିକ କାଳରେ ଲୋକସମାଜ ଓ ଲୋକ ଜୀବନଧାରାର ଯେପରି ଦ୍ରୁତ ପରିବର୍ତ୍ତନ ପଥରେ ଗତି କରୁଛି, ତାହା ଲୋକସଂସ୍କୃତି ଉପରେ ପ୍ରଚଣ୍ଡ ପ୍ରହାର ପରି ମନେହେଉଛି। ବିଜ୍ଞାନର ଜୟଯାତ୍ରା ଓ ପ୍ରଯୁକ୍ତିକ ସଫଳତା ଆମର ଉନ୍ନତି ସୋପାନ ହୋଇଥିବା ବେଳେ ଯେଉଁ ଲୋକ ସଂସ୍କୃତି ଆମ ପାଇଁ ସମୃଦ୍ଧ ବୁନିଆଦି ତିଆରି କରିଥିଲା, ତାହାକୁ ଉଦ୍ଧାର କରି ପରପିଢ଼ିଙ୍କୁ ପରିଚିତ କରାଇବା ମଧ୍ୟ ଆମର ଦାୟିତ୍ୱ ହେବା ଉଚିତ ବୋଲି ତ୍ୟାଗଭୂମି ମହୋତ୍ସବର ସପ୍ତମ ସନ୍ଧ୍ୟାରେ ଅତିଥି ମତବ୍ୟକ୍ତ କରିଛନ୍ତି। ଭଦ୍ରକ ମାଟିରେ ଆଧୁନିକ ସାହିତ୍ୟର ଆଦି ସୂତ୍ରଧର କବିଶେଖର ଚିନ୍ତାମଣି ମହାନ୍ତିଙ୍କ ନାମରେ ନାମିତ ଆଜିର ମଞ୍ଚରେ ତ୍ୟାଗଭୂମିର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ବିଶିଷ୍ଟ ଚିକିତ୍ସିତ ଡାକ୍ତର ରବୀନ୍ଦ୍ର କୁମାର ନାୟକ ପୌରୋହିତ୍ୟ କରିଥିଲେ।




ମୁଖ୍ୟଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା କୋରେଇ ବିଧାୟକ ଆକାଶ ଦାସନାୟକ କହିଥିଲେ ଯେ ଆଜିର ପଢ଼ି ଆମ ଉଚ୍ଚାଙ୍ଗ ସଂସ୍କୃତିଠାରୁ କ୍ରମଶଃ ଦୂରେଇଯିବା ଅତ୍ୟନ୍ତ କ୍ଷୋଭର ବିଷୟ। ପାରମ୍ପରିକ କଳା, ପର୍ବପର୍ବାଣୀ, ଗୀତ, ନୃତ୍ୟ ଓ ଲୋକକଥାର ଚର୍ଚ୍ଚା ଆଧୁନିକତା ନାମରେ ଆଜି କ୍ଷୀଣ ହୋଇଆସୁଛି। ନୂତନ ଡିଜିଟାଲ୍ ବ୍ୟବସ୍ଥାକୁ ସଂସ୍କୃତିର ନାମ ଦିଆଗଲାଣି। ନୂତନ ଆସ୍ୱାଦ ଜୀବନ ପାଇଁ ଆସୁ, ହେଲେ ଲୋକସଂସ୍କୃତି ପ୍ରତିସ୍ଥାପିନ ହେଉ ବୋଲି ସେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ 'ଜନମାନସରେ ଟେକ୍ନୋଲୋଜି ନିର୍ଭରତା ବଢୁଛି ସତ, ହେଲେ ଆମ ପୁରୁଣା ପ୍ରଥା, ଜ୍ଞାନ ଓ ଲୋକପରମ୍ପରାର ସଂରକ୍ଷଣ ନହେଲେ ଆଧୁନିକ ଜୀବନ ବିଷମୟ ହୋଇଯିବ' ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରାପ୍ତ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ କହିଥିଲେ ଯେ ସଂସ୍କୃତି ଉଜୁଡିଗଲେ ମାନବୀୟ ପରିଚୟରେ ସଂକଟ ହେବା ସହ ଆମ ନୈତିକ ଉତ୍ସଗୁଡ଼ିକ ଦୁର୍ବଳ ହୋଇଯିବ। ଟେକ୍ନୋଲୋଜିର ସୁବିନିଯୋଗ ଓ ଲୋକସଂସ୍କୃତି ସଂରକ୍ଷଣ ଏଇ ଦୁଇଟି କଥା ଉପରେ ଧ୍ୟାନଦେଲେ ଆଧୁନିକତାର ମହତ୍ତ୍ୱ ପ୍ରତିପାଦିତ ହୋଇପାରିବ ବୋଲି ମତ ଦେଇଥିଲେ। ତ୍ୟାଗଭୂମି ପତ୍ରିକା ସମ୍ପାଦକ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ମହୋତ୍ସବର ସୁଦୀର୍ଘ ସାଂସ୍କୃତିକ ଯାତ୍ରା ସମ୍ପର୍କରେ ସୂଚନା ଦେବା ସହ ସ୍ୱାଗତ ଅଭିଭାଷଣ ଓ ବିଷୟଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ପ୍ରଥମେ ଏ ମାଟିର ଶହୀଦଙ୍କ ଉଦ୍ଦେଶ୍ୟରେ ସ୍ଥାପିତ ତ୍ୟାଗଭୂମି ସ୍ମୃତିଫଳକରେ ପ୍ରଜ୍ୱଳିତ ମଶାଲରେ ଅତିଥିମାନେ ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ ମଞ୍ଚ ଆହ୍ୱାନ କରିଥିବା ବେଳେ ସଦସ୍ୟ ବାଦଲ କିଶୋର ଧନ୍ୟବାଦ୍ ଦେଇଥିଲେ। ତ୍ୟାଗଭୂମି ସମ୍ପାଦକ ଗଦାଧର ବଳ, ଅଭ୍ୟର୍ଥନା କମିଟି ସଭାପତି ଇ. ଅମ୍ବିକାବଲ୍ଲଭ ସ୍ୱାଇଁ, ସଂଗଠନ ସମ୍ପାଦକ ସୁଧାକର ରାଉତ, ସଦସ୍ୟ ଅଶୋକ ଦ୍ୱିବେଦୀ, ଇଂ. ଅଖିଳ କୁମାର ପାଢ଼ୀ, ଶିକ୍ଷାବିତ୍ ଗୋବର୍ଦ୍ଧନ ସାମଲ, ସାହିତ୍ୟକ ଶାନ୍ତନୁ କୁମାର ରାଉତ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲଲାଟେନ୍ଦୁ ମହାନ୍ତି, ପ୍ରାକ୍ତନ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ, କବି ଦେବେନ୍ଦ୍ରନାଥ ମହାଳିକ, ବସୁମିତ୍ରା ସାହୁ, କଳ୍ପନା ଜେନା, ବାବୁଲାଲ୍ ଦାସ, ଗୌରାଙ୍ଗ ବାରିକ, ଶାନ୍ତନୁ ନାୟକ, ଯୁବନେତା ସରୋଜ ରାଉତ, ପ୍ରଭାତ ପାଢ଼ୀ, ସୁମିତ୍ରା ପାଣି, ଗାନ୍ଧିବାଳାଶ୍ରମ ଅଧ୍ୟକ୍ଷ ଅଶୋକ କୁମାର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଭଦ୍ରକ 'ଉତ୍ସବ ନୃତ୍ୟାନୁଷ୍ଠାନ' ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଭୁବନେଶ୍ୱର ଆଦ୍ୟାଶକ୍ତି ଡ୍ୟାନ୍ସ ଏକାଡେମୀ ଓ ଭଦ୍ରକ ମନ୍ଦିରା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ବିଜେପିରେ ସାମିଲ ହେବେ ୩ ବ୍ଲକ୍ ଅଧ୍ୟକ୍ଷ !

# ‘ନଦୀ ଆସି ସମୁଦ୍ରରେ ମିଶେ’

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ବିଜେପିରେ ସାମିଲ ହେବେ ୩ ବ୍ଲକ୍ ଅଧ୍ୟକ୍ଷ ! ପଦ୍ମ ଧରିପାରନ୍ତି ବିଜେଡି ଛାଡ଼ିଥିବା ଭଦ୍ରକର ୩ ଜଣ ବ୍ଲକ୍ ଅଧ୍ୟକ୍ଷ । ଏନେଇ ଇସାରା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ । ସେ କହିଛନ୍ତି, କିଛି ଦିନ ତଳେ ତାଙ୍କୁ ଭଦ୍ରକର ୩ ଜଣ ବ୍ଲକ୍ ଅଧ୍ୟକ୍ଷ ଆସି ସାକ୍ଷାତ କରିଥିଲେ। ସେମାନେ ବିଜେଡି ଛାଡ଼ିବେ ବୋଲି କହିଥିଲେ।



ସେହିପରି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆହୁରି କହିଛନ୍ତି, ନଦୀ ଆସି ସମୁଦ୍ରରେ ମିଶେ। ଲୋକଙ୍କୁ ଯୋଡ଼ି ଯୋଡ଼ି ବିଜେପି ଆଜି ଏହି ସ୍ଥାନରେ ପହଞ୍ଚିଛି। ଆମେ କାହା ଦଳ ଭାଙ୍ଗୁନୁ। ଆମ ସହ ଯୋଡ଼ି ହେବାକୁ ଚାହିଁଲେ ଦଳକୁ ଆସିପାରିବେ। ଯେଉଁମାନେ ଦଳ ପାଇଁ ଆସେଟ ହେବେ ତାଙ୍କୁ ଦଳରେ ସାମିଲ କରୁଛୁ ବୋଲି ସେ କହିଛନ୍ତି।

ସୂଚନା ଅନୁସାରେ, ଶନିବାର ବନ୍ତ ବ୍ଲକ୍ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଓ ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ ବିଜେଡିରୁ ଇସ୍ତଫା ଦେଇଛନ୍ତି। ରୋଚକ କଥା ହେଲା ସମସ୍ତେ ବ୍ୟକ୍ତିଗତ କାରଣ ଦର୍ଶାଇ ଗୋଟିଏ ଦିନରେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଖୁବଶୀଘ୍ର ତିନି ବ୍ଲକ ଅଧ୍ୟକ୍ଷ ବିଜେପିରେ ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ‘କ୍ଷମତା ଯେଉଁଠି ସେମାନେ ସେଇଠି’

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ଭଦ୍ରକ ବିଜେଡିରୁ ଏକାଥରକେ ତିନି ତିନି ଜଣ ବ୍ଲକ ଅଧ୍ୟକ୍ଷ ଦଳରୁ ଇସ୍ତଫା ଦେବାକୁ ନେଇ ରାଜ୍ୟ ରାଜନୀତିରେ କମ୍ପନ ସୃଷ୍ଟି ହୋଇଛି। ବ୍ଲକ ଅଧ୍ୟକ୍ଷଙ୍କ ଇସ୍ତଫା ବିଜେଡି ପାଇଁ ଏକ ବଡ ଝଟକା ଥିବାବେଳେ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ନିଶ୍ଚୟ ଆମର କିଛି ବନ୍ଧୁ ଆମକୁ ଛାଡ଼ି ଯାଉଛନ୍ତି ।ଏହାକୁ ମୁଁ ସ୍ୱୀକାର କରୁଛି। ତା’ର କାରଣ ହେଲା କ୍ଷମତାରେ ଥିଲୁ କ୍ଷମତାରେ ରହିବୁ, କ୍ଷମତାକୁ ଉପଭୋଗ କରିବୁ-ଏହି ମାନସିକତା।



ଆଗରୁ ବିଜେଡି ସେମାନଙ୍କୁ ସେ ସୁଯୋଗ ଦେଇଥିଲା। କିନ୍ତୁ ଏବେ ଦଳ ବିରୋଧୀ ଆସନରେ। ଏବେ ସେମାନଙ୍କୁ ସେ ସୁଯୋଗ ଦେଇ ପାରିବ ନାହିଁ। ସୁତରାଂ ସେମାନେ ବିଜେଡି ଛାଡି ବିଜେପିକୁ ଯାଉଛନ୍ତି। କାଲି ଯଦି ବିଜେଡି ସରକାରକୁ ଆସିବ ସେମାନେ ପୁଣି ବିଜେଡିକୁ ଚାଲି ଆସିବେ। କାରଣ କ୍ଷମତା ଯେଉଁଠି ସେମାନେ ସେଇଠି ବୋଲି ଗଣେଶ୍ୱର ବେହେରା କହିଛନ୍ତି।

## କିସ୍ ବିଶ୍ୱବିଦ୍ୟାଳୟର ୫ମ ସମାବର୍ତ୍ତନ

# ‘ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ଜୀବନର ମୂଳମନ୍ତ୍ର’

- ୪୬୪ଙ୍କୁ ଡିଗ୍ରୀ, ୨୦ଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ
- ୭ଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୭ଙ୍କୁ କୁଳପତି ରୌପ୍ୟ




**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ଜାଗରଣ, ଆତ୍ମୀୟତା ଓ ପ୍ରତିବଦ୍ଧତା ହେଉଛି ଜୀବନର ମୂଳମନ୍ତ୍ର ବୋଲି ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ରବିବାର କିସ୍ ବିଶ୍ୱବିଦ୍ୟାଳୟ ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଗଣେଶୀ ଲାଲ୍ ଏହା କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ମୁଁ କିଏ, ମୁଁ କେଉଁଠି ଅଛି ଓ ମୁଁ କାହିଁକି ଅଛି ଏ ଅସମାହିତ ପ୍ରଶ୍ନ ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିନାହିଁ। ମାତ୍ର କିସ୍ ବିଶ୍ୱବିଦ୍ୟାଳୟରେ ପିଲାମାନଙ୍କୁ ଏହି ଅସମାହିତ ପ୍ରଶ୍ନ ଉତ୍ତର ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଦେଇପାରିଛନ୍ତି। କିସ୍ ଆଜି ବିଶ୍ୱ ପାଇଁ ଏକ ଐତିହ୍ୟ ପାଲଟିଛି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ସେ କହିଲେ, ସବୁବେଳେ ଇଣ୍ଟରନେଟ୍ ଉପରେ ନିର୍ଭରଶୀଳ ହେବା ଅପେକ୍ଷା ନିଜ ଅନ୍ତରାତ୍ମାକୁ ପଚାରି ଯେ କୌଣସି କାର୍ଯ୍ୟ କରିବା ଉଚିତ। ଜୀବନରେ ସବୁବେଳେ ଅନୁସନ୍ଧିତ୍ସୁ ହେବା ସହ ସମସ୍ତଙ୍କୁ ଭଲ ପାଇବା ଏବଂ ପ୍ରତିବଦ୍ଧତା ରହିଲେ ସଫଳତା ହାସଲ ହୋଇପାରିବ ବୋଲି ପ୍ରଫେସର ଲାଲ୍ କହିଥିଲେ।

ଏହି ଉତ୍ସବରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରି ଟ୍ୟୁନିସିଆର ନୋବେଲ ବିଜେତା କୁଇଦେଦ୍ ବୋଚମୁଇ କହିଥିଲେ ଯେ ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ନେତୃତ୍ୱକୁ ନିକଟରେ ପାଇଥିବାରୁ କିସ୍‌ର ଛାତ୍ରଛାତ୍ରୀମାନେ ଭାଗ୍ୟବାନ। ଶାନ୍ତି ଓ ସମାନତା ନିମନ୍ତେ ଶିକ୍ଷା ହେଉଛି ସବୁଠାରୁ ପ୍ରଭାବୀ ଅସ୍ତ୍ର। ଅନ୍ୟମାନଙ୍କ ଉପରେ ନିଜର କର୍ତ୍ତୃତ୍ୱ ଜାହିର କରିବା ବଳଦରେ ସେମାନଙ୍କ ପ୍ରତି ଦୟାଶୀଳ ଓ ଉଦାର ମନୋଭାବ ପୋଷଣ ଲାଗି ସେ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଓଡ଼ିଶାର ତିନିଜଣ ବିଶିଷ୍ଟ ବ୍ୟକ୍ତି ସାଂସଦ ଭର୍ତ୍ତୃହରି ମହତାବ, ଦୈନିକ ସମ୍ବାଦର ପ୍ରତିଷ୍ଠାତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଏବଂ ସିଓ୍ୱାଇଏସ୍‌ଡିର ସହପ୍ରତିଷ୍ଠାତା ଜଗଦାନନ୍ଦଙ୍କୁ ସମ୍ମାନସୂଚକ ଡକ୍ଟୋରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା। ସମ୍ମାନ ଗ୍ରହଣ କରି ଶ୍ରୀ ମହତାବ କହିଥିଲେ ଯେ ଏହି ସମ୍ମାନସୂଚକ ଡିଗ୍ରୀ ମୋର ଶିକ୍ଷାଗତ ଯୋଗ୍ୟତା ନିମନ୍ତେ ନୁହେଁ, ସାଧାରଣ ଜୀବନରେ ଦୀର୍ଘ ୩୦ବର୍ଷର ମୋର କାର୍ଯ୍ୟର ସ୍ୱୀକୃତି। କିସ୍‌ର ଛାତ୍ରଛାତ୍ରୀ ଯେଉଁ ଶୃଙ୍ଖଳା ଓ ସଞ୍ଜମ ପ୍ରଦର୍ଶନ କରୁଛନ୍ତି ତାହା ଓଡ଼ିଶାର ଅନ୍ତର୍ନିହିତ ଶକ୍ତିକୁ ହିଁ ପ୍ରଦର୍ଶିତ କରୁଛି ବୋଲି ସେ କହିଥିଲେ। ସମ୍ମାନ ଗ୍ରହଣ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏପରି ସମାବର୍ତ୍ତନ ସଭା ପ୍ରଥମ ଥର ପାଇଁ ମୁଁ ମୋ ଜୀବନରେ ଦେଖୁଛି । ଏହି ସମ୍ମାନ ମୋତେ ଆଗକୁ ଆହୁରି କାର୍ଯ୍ୟ କରିବା ପାଇଁ ଅଧିକ ଶକ୍ତି ଯୋଗାଇବ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଥିଲେ ଯେ ଜୀବନରେ ସଫଳତା ପାଇବାକୁ ହେଲେ ପ୍ରଶ୍ନ ପଚାରି ଶିଖ ଏବଂ ମାଆ, ମାଟି ଓ ମାତୃଭାଷା ପ୍ରତି ସମ୍ମାନ ରଖିଥାଅ। ସମ୍ମାନ ଗ୍ରହଣ କରି ଶ୍ରୀ ଜଗଦାନନ୍ଦ କହିଥିଲେ ଯେ ନ୍ୟାୟ ଓ ସମ୍ମାନ କ୍ଷେତ୍ରରେ ଓଡ଼ିଶାର ଯାତ୍ରାକୁ ମୋର ଏହି ସମ୍ମାନ ପ୍ରତିଫଳିତ କରୁଛି। କିସ୍ ହେଉଛି ସମ୍ମାନ ଓ ସୁଯୋଗର ଉତ୍ସ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ୟୁଏଇସ୍ଥିତ କେଇଏଫ୍ ର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଫଇଜଲ ଇଦାଭାଲାଥ କୋଟି କୋଟିକୋଲୋନ, ଇଂଲଣ୍ଡସ୍ଥିତ ମାଲହୋତ୍ରା ଗ୍ରୁପ୍ ପିଏଲ୍‌ସିର ଅଧ୍ୟକ୍ଷ ଜେ ଏମ୍ ମିନୁ ମାଲହୋତ୍ରା ପ୍ରମୁଖ ଯୋଗଦେଇଥିଲେ।

ସମାବର୍ତ୍ତନରେ ମୋଟ ୪୬୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ୨୦ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ସାମଗ୍ରିକ ଭାବେ ଉତ୍କର୍ଷତା ପ୍ରତିପାଦିତ କରିଥିବା ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣପଦକ ଏବଂ ଶୈକ୍ଷିକ ଉତ୍କର୍ଷତା ପ୍ରତିପାଦନ ନିମନ୍ତେ ୭ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ ଓ ୭ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଓ କିସ୍ ଉପସଭାପତି ଉମାପଦ ବୋଷ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ କୁମାର ପରିଜା, କିସ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ, ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କୁଳପତି ପ୍ରଫେସର ଶରଣଜିତ ସିଂହ ଓ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍କ୍ ଫୁଡ୍ ଚିନ୍ତା: ସରକାର ଲଗାଇବେ ତେଲ ବୋର୍ଡ

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ସରକାରଙ୍କୁ ଜଙ୍କ୍ ଫୁଡ୍ ଚିନ୍ତା। ସରକାର ଲଗାଇବେ ତେଲ ବୋର୍ଡ। କେଉଁ ଖାଦ୍ୟରେ କେତେ ତେଲ ଅଛି, ତାକୁ ଖାଇଲେ କ’ଣ ହେବ, ସେନେଇ ଉଭୟ ଓଡ଼ିଆ ଏବଂ ଇଂରାଜୀରେ ଉଲ୍ଲେଖ କରି ବୋର୍ଡ ମାଧ୍ୟମରେ ସଚେତନ କରାଯିବ। ଏନେଇ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖି ଜଣାଇଛି ମହିଳା ଓ ଶିଶୁ ବିକାଶ ବିଭାଗ।

ପ୍ରକାଶ ଯେ ଲୋକଙ୍କ ସ୍ୱାସ୍ଥ୍ୟକୁ ଜଗିବେ ସରକାର । ଜୋରଦାର ହେବ ସଚେତନତା ଅଭିଯାନ। ଗାଁଠୁ ସହର- ଲାଗିବ ତେଲ ବୋର୍ଡ। ତେଲଭାଜି ହେଉ କି ଫାଷ୍ଟଫୁଡ୍। ରୋଗ ବଢାଉଛି, ଜୀବନକୁ ଅବେଳରେ ଦୁର୍ବିସହ କରିପକାଉଛି। କାହାର ହାର୍ଟ ପ୍ରୋବ୍ଲେମ୍ ତ ଆଉ କାହାର ହାଇ ବ୍ଲଡ୍ ପ୍ରେସର, ପୁଣି ଅଳ୍ପ ବୟସରେ ଡାଇବେଟିସ୍। ସବୁ ପରିବାରର ଟେନସନ୍ ଅପମିଶ୍ରିତ, ଅତ୍ୟଧିକ ତେଲ ଆଉ ଜଙ୍କଫୁଡ୍। ଏଣୁ ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜଙ୍କ୍ ଫୁଡ୍ ବିରୋଧରେ ସଚେତନ କରିବାକୁ ରାଜ୍ୟ ସରକାର ଆଗେଇ ଆସିଛନ୍ତି। ଆଗକୁ ବିଭିନ୍ନ ସ୍ଥାନରେ ଲଗାଯିବ ତେଲ ବୋର୍ଡ। ଅର୍ଥାତ କେଉଁ ଖାଦ୍ୟରେ କେତେ ତେଲ ଅଛି, ତାକୁ ଖାଇଲେ କଣ ହେବ, ସେନେଇ ବୋର୍ଡ ଜରିଆରେ ସଚେତନ କରାଯିବ। ଯାହାକି ଉଭୟ ଓଡ଼ିଆ ଓ ଇଂରାଜୀରେ ଉଲ୍ଲେଖ ରହିବ। ଅଙ୍ଗନବାଡ଼ି ସେଣ୍ଟର, ଶିଶୁ ଯତ୍ନ କେନ୍ଦ୍ର, ଓ୍ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ, ସଖୀ ନିବାସ ସହ ଘରୋଇ ପ୍ରତିଷ୍ଠାନରେ ଲାଗିବ ଏହି ବୋର୍ଡ। ସରକାରଙ୍କ ଏଭଳି ପଦକ୍ଷେପକୁ ଲୋକେ ସ୍ୱାଗତ କରିଛନ୍ତି।

# ବସିପାରିଲାନି ବିଜେଡି ସଂସଦୀୟ ଦଳ ବୈଠକ

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ସୋମବାର ଠାରୁ ଆରମ୍ଭ ହେଉଛି ସଂସଦର ଶୀତ ଅଧିବେଶନ। ହେଲେ ଏହାପୂର୍ବରୁ ବିଜେଡିର ସଂସଦୀୟ ଦଳରେ ଫାଟ। ପ୍ରତି ଅଧିବେଶନ ପୂର୍ବରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ସାଂସଦଙ୍କୁ ଡାକି ବୈଠକ କରନ୍ତି। ହେଲେ ଚଳିତଥର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଶୀତ ଅଧିବେଶନ ପୂର୍ବରୁ ମଧ୍ୟ ବସିନି ବିଜେଡିର ସଂସଦୀୟ ଦଳ ବୈଠକ। ଯାହାକୁ ନେଇ ଅସନ୍ତୋଷ ଜାହିର କରିବା ସହ ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟ କହିଛନ୍ତି, ଦଳ ସଭାପତି ବୈଠକ ଡାକୁନାହାନ୍ତି। କେବଳ ହ୍ୱାଟସଆପ୍‌ରେ ଏଜେଣ୍ଡା ଆସୁଛି । ଦେବାଶିଷଙ୍କ ଅଭିଯୋଗକୁ ବଳ ଦେଇଛି ସସ୍ମିତଙ୍କ ହ୍ୱାଟସଆପ୍ ମେସେଜ୍। ବୈଠକ ନକରି ଦଳର ଏଜେଣ୍ଡା ବାବଦରେ ସାଂସଦଙ୍କୁ ହ୍ୱାଟସଆପରେ ମେସେସ୍ ଦିଆଯାଇଛି।



### ଆଠଗଡ଼ରେ ଆଳୁ ବିହନ ଲଗାଇଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ

# ନୂତନ ଶୀତଳଭଣ୍ଡାର ନିର୍ମାଣ ପାଇଁ ପ୍ରତିଶ୍ରୁତି



**ଆଠଗଡ଼,୩୦।୧୧/ଏନ୍‌ଏନ୍‌ଏସ୍:** ଆଠଗଡ଼ ନିର୍ବାଚନ ମଣ୍ଡଳୀର ଧୂରୁଷିଆ ଜଗମୋହନପୁର ଠାରେ ଆଳୁ ବିହନ ଲଗାଇଛନ୍ତି ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ। ଏହା ସହିତ ଚାଷୀମାନଙ୍କୁ ମଧ ଆଳୁ ବିହନ ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଆଠଗଡ଼ବାସୀ ଏବଂ ସ୍ଥାନୀୟ ବିଧାୟକ ରଖିଥିବା ଦାବି ଗୁଡିକୁ ପୁରା କରିବାରେ ସମସ୍ତ ପ୍ରଚେଷ୍ଟା କରାଯିବା ବୋଲି ପ୍ରକାଶ କରିଥିଲେ। ଏହାସହିତ ଆଠଗଡରେ ଏକ ନୂତନ ଶୀତଳ ଭାଣ୍ଡାର ନିର୍ମାଣ ସହିତ ଆବଶ୍ୟକତାକୁ ନେଇ ବନ୍ଦ ହୋଇ ପଡିଥିବା ଶୀତଳ ଭଣ୍ଡାର ଚାଲୁ କରିବା ପାଇଁ ଉଦ୍ୟାନ ବିଭାଗର ନିର୍ଦ୍ଦେଶକଙ୍କୁ ଦାୟିତ୍ୱ ଦେଇଥିଲେ। ଆଳୁକୁ ନେଇ ପଶ୍ଚିମବଙ୍ଗ ସରକାର ଯେଉଁ ଭଳି ମନମାନୀ କରୁଛନ୍ତି ତାହା ଏକ ପ୍ରକାର ବନ୍ଦ କରିବା ସହିତ ଓଡିଶାବାସୀ ଆଳୁରେ ସ୍ୱାବଲମ୍ବୀ ହେବେ।

ବିଶେଷ କରି ଫସଲରେ ଅଧିକ ରସାୟନିକ ସାର ବ୍ୟବହାରକୁ ବନ୍ଦ କରିବା ପାଇଁ ଅନୁରୋଧ କରିବା ସହିତ ବାରଗଡ ଅଞ୍ଚଳ ଉଦାହରଣ ଦେଇ ସେଠାରେ ଅଧିକ ରସାୟନିକ ସାର ବ୍ୟବହାର କାରଣରୁ ଅଧିକ କ୍ୟାନସର ରୋଗୀ ବାହାରୁଛନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ସ୍ଥାନିୟ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଆଠଗଡ଼ବାସୀଙ୍କର ବିକାଶ ଏବଂ ସ୍ୱାର୍ଥ ଯେଉଁଠାରେ ନିହିତି ରହିଛି ସେ ଆଲୋକ ହେଉ ଅଥବା ଅନ୍ଧାର ହେଉ ସେଠାରେ ମୁଁ ରହିଛି ବୋଲି ପ୍ରକାଶ କରିବା ସହିତ ଆଳୁ ବିହନରେ ସବ୍‌ସିଡି ଦେବା ଏବଂ ବିକ୍ରି ପାଇଁ ବଜାର ସୃଷ୍ଟି କରାଯାଇ ଚାଷୀକୁ ଉଚିତ ମୂଲ୍ୟ ଦିଆଯିବାକୁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଏହାସହିତ ବିଗତ ସରକାର ସମୟ ୨୦୧୫-୧୬ ମସିହାରେ ଆଳୁ ମିଶନ ଜରିଆରେ ୫୦କ୍ୱିଣ୍ଟାଲ ଆଳୁ ବିହନ ଯୋଗାଇ ଦିଆଯାଉଥିବା ବେଳେ ଏବେ ସରକାର ୬ ଗୁଣା ଯାହାକି ୩ଲକ୍ଷ ୨୬ ହଜାର କ୍ୱିଣ୍ଟାଲକୁ ବୃଦ୍ଧି କରିଥିବା ନେଇ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ସେହିଭଳି ଆଠଗଡ଼ ଅଞ୍ଚଳ ବିଶେଷକରି ପନିପରିବା ଅଞ୍ଚଳ ପନିପରିବା ବାହାରୁଥିବା ସମସ୍ତ ଅଞ୍ଚଳମାନଙ୍କରେ ଛୋଟ ଛୋଟ ସୋଲାର ଚାଳିତ ଶୀତଳ ଭଣ୍ଡାର ମାନ କରାଗଲେ ଚାଷୀମାନେ ଉପକୃତ ହେବେ ବୋଲି ବକ୍ତବ୍ୟରେ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗର ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନ, ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ବିନିତ ଅଗ୍ରଓ୍ୱାଲା, ବିହନ ନିଗମ ପରିଚାଳନା ନିର୍ଦ୍ଦେଶକ ନୀତିରଞ୍ଜନ ସେନ ପ୍ରମୁଖ ଯୋଗଦଇଥିଲେ। କାର୍ଯ୍ୟକ୍ରମରେ ବିଜେପି ଦଳର ଜିଲ୍ଲା ଗ୍ରାମାଞ୍ଚଳ ସଭାପତି ରାମ ନାରାୟଣ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟ ବଳଭଦ୍ର ବାଘ ପ୍ରମୁଖ ଉପସ୍ଥିତ ଥିଲେ। ନଭେମ୍ବର ମାସର ପ୍ରଥମ ସପ୍ତାହରୁ ଆଳୁ ବିହନ ବଣ୍ଟାଯାଇଥିଲେ ମଧ ଆବଶ୍ୟକତା ଦୃଷ୍ଟିରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହ ଦେଓ ଏବଂ ସ୍ଥାନୀୟ ବିଧାୟକ ଶ୍ରୀ ସ୍ୱାଇଁ ମିଳିତ ଭାବେ ଉପସ୍ଥିତ ଚାଷୀମାନଙ୍କୁ ଆଳୁ ବିହନ ବଣ୍ଟନ କରିଥିଲେ।

# କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ମିନି ସାଇକ୍ଲୋଥନ୍



**କୋଣାର୍କ,୩୦।୧୧/ଏନ୍‌ଏନ୍‌ଏସ୍:** କୋଣାର୍କ ଉତ୍ସବ ଅବସରରେ ରାଜ୍ୟ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ୧୦ମ ମିନି ସାଇକ୍ଲୋଥନ କାର୍ଯ୍ୟକ୍ରମ ମହାସମାରୋହ ରେ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରାଙ୍କ ଅଧକ୍ଷତାରେ ଆୟୋଜିୟ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସିଂହାରୀ ସେବକ ମଧୁସୂଦନ ସିଂହାରୀ ଯୋଗ ଦେଇ ସୂର୍ଯ୍ୟ ମନ୍ଦିର ପରିସରରୁ ଆମ ଐତିହ୍ୟ ଆମ ସଂସ୍କୃତି, ସାଇକେଲ ଚଲାଅ ସୁସ୍ଥ ରୁହର ବାର୍ତ୍ତା ବହନ କରୁଥିବା ମେଗା ସାଇକ୍ଲୋଥନ ସଚେତନତା କାର୍ଯ୍ୟକ୍ରମକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ ଉପାଧକ୍ଷ ବନ ରଂଜନ ପଟ୍ଟନାୟକ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରେସ କ୍ଲବ ଉପଦେଷ୍ଟା ସଂଜୟ କୁମାର ପତି, କୋଣାର୍କ ଏନଏସି କାଉନସିଲର ସୌମ୍ୟ ସୌରଭ ଦାଶ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୁଷଣ ନାୟକ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ, ଭାଜପା କୋଣାର୍କ ଏନଏସି ମଣ୍ଡଳ ସଭାପତି ଗୋପିନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସ୍ୱଚ୍ଛ କୋଣାର୍କ ସୁନ୍ଦର କୋଣାର୍କ ଓ ଆମ ଐତିହ୍ୟ ଆମ ଗୌରବର ବାର୍ତ୍ତା ନେଇ ଅନୁଷ୍ଠିତ ସାଇକ୍ଲୋଥନ ରେ ଅଂଶଗ୍ରହଣ କରିଥିବା ଶତାଧିକ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଦିନ ସାଇକେଲ ଚଳାଇବା ଦ୍ୱାରା ସୁସ୍ଥ ଓ ନିରୋଗ ଜୀବନଯାପନର କରିବାର ଏକ ଉତ୍ତମ ମାଧ୍ୟମ ବୋଲି ପରାମର୍ଶ ଦେଇଥିଲେ। ସାଇକେଲରେ ଶତାଧିକ ଛତ୍ରଛାତ୍ରୀ ସଚେତନତା ସ୍ଲୋଗାନ ଦେଇ କୋଣାର୍କ କୁ ରାମଚଣ୍ଡୀ ପର୍ଯ୍ୟନ୍ତ ସାଇକେଲରେ ଯାତ୍ରା କରିଥିଲେ। ରାମଚଣ୍ଡୀ ଠାରେ ସାଇକ୍ଲୋଥନ କାର୍ଯ୍ୟକ୍ରମ ଉଦଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ଓ ସୁତନ ଗ୍ରାମପଞ୍ଚାୟତର ସମିତି ସଭ୍ୟ କାଶିନାଥ ନାୟକ ପ୍ରମୁଖ ଯୋଗଦାନ କରିଥିଲେ। ସାଇକ୍ଲୋଥନ କାର୍ଯ୍ୟକ୍ରମରେ ମହୋଦଧି ଏକାଡେମୀର ଅଧକ୍ଷ ଶୁଭଜିତ ମହାପାତ୍ରଙ୍କୁ ବିଶିଷ୍ଟ ଶିକ୍ଷାବିତ ସମ୍ମାନ, ସାମ୍ବାଦିକ ଦୀପ୍ତି ରଞ୍ଜନ ପାତ୍ରଙ୍କୁ ବାଦଲ ଦାଶ ସ୍ମୃତି ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁଙ୍କୁ ସ୍ୱର୍ଗତ ସାମ୍ବାଦିକ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ସମ୍ମାନରେ ଔପଢକନ, ଉତ୍ତରୀୟ ଓ ସିଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କୋଣାର୍କ ପ୍ରେସ କ୍ଲବର ସମ୍ପାଦକ ବିଚିତ୍ରା ଓଝାଙ୍କ ସମେତ ସମସ୍ତ ସଦସ୍ୟ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ପ୍ରବେଶ କଲା ଜେସିବି

**ପୁରୀ,୩୦।୧୧/ଏନ୍‌ଏନ୍‌ଏସ୍:** ଶ୍ରୀଗୁଣ୍ଡିଚା ମନ୍ଦିର ମଧ୍ୟରେ ଜେସିବି ମେସିନରେ ଭଙ୍ଗା କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଶ୍ରୀଗୁଣ୍ଡିଚା ମନ୍ଦିର ଆସନ୍ତା ଡିସେମ୍ବର ୧ ତାରିଖରେ ଭକ୍ତଙ୍କ ଦର୍ଶନ ନିମନ୍ତେ ଖୋଲା ଯାଇଥାନ୍ତା। କିନ୍ତୁ ଏହା ସ୍ଥଗିତ କରାଯାଇଛି। ଶ୍ରୀଗୁଣ୍ଡିଚା ମନ୍ଦିର



### ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ

ମରାମତି ଏବଂ ସଂରକ୍ଷଣ କାର୍ଯ୍ୟ ପାଇଁ ଭକ୍ତଙ୍କ ପ୍ରବେଶ ନିଷ୍ପତି କୁ ସ୍ଥଗିତ ରଖାଯାଇଛି। ଉନ୍ନତି ନାମରେ ଜେସିବି ଗୁଣ୍ଡିଚା ମନ୍ଦିର ମଧ କୁ ପ୍ରବେଶ କରିବାର ଦୃଶ୍ୟ କୁ ନିନ୍ଦା କରିଛନ୍ତି ସାଧାରଣ ଭକ୍ତ ଓ ଶ୍ରୀମନ୍ଦିର ବରିଷ୍ଠ ସେବାୟତ। ଅନ୍ୟପକ୍ଷରେ ଡିସେମ୍ବର ୧ ତାରିଖରୁ ଖୋଲିବନି ପୁରୀ ଗୁଣ୍ଡିଚା ମନ୍ଦିର। ସର୍ବସାଧାରଣଙ୍କ ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ପ୍ରସ୍ତାବ ସାମୟିକ ଭାବେ ସ୍ଥଗିତ ରହିଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଓ ଶ୍ରୀମନ୍ଦିର ବରିଷ୍ଠ ସୁପରଭାଇଜରଙ୍କ ଜରୁରୀ ରିପୋର୍ଟ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ନଜରରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ପରିଚାଳନା କମିଟିର ପରାମର୍ଶ ଅନୁସାରେ କିଛିଦିନ ତଳେ ଶ୍ରୀଗୁଣ୍ଡିଚା ମନ୍ଦିରର ଅନୁଧ୍ୟାନ କରାଯାଇଥିଲା। ଡିସେମ୍ବର ୧ରୁ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବା ନେଇ ସୂଚନା ଦେଇଥିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ । ତେବେ ଏହା ଭିତରେ ଶ୍ରୀଗୁଣ୍ଡିଚା ମନ୍ଦିରର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ପାଇଁ ଆହୁରି ଅଧିକ ସମୟ ଆବଶ୍ୟକ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରିପୋର୍ଟ ଦେଇଛନ୍ତି। ସେହିପରି ମନ୍ଦିର ମଧ୍ୟରେ ଷ୍ଟିଲ ବିମ୍ ଲଗାଯିବା ପ୍ରସ୍ତାବ ଓ ଖଣ୍ଡୋଲାଇଟ୍ ପଥର ଲଗା କାମ ବାକି ଥିବା ଦର୍ଶାଇଛନ୍ତି। ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଉଦ୍ୟାନ ଗୁଡିକ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ସଫେଇ ଏବଂ ଉନ୍ନତିକରଣ ଜରୁରୀ ଥିବା ବରିଷ୍ଠ ସୁପରଭାଇଜର୍ ରିପୋର୍ଟ ଦେଇଛନ୍ତି। ଏହାକୁ ବିଚାରକୁ ନେଇ ଶ୍ରୀଗୁଣ୍ଡିଚା ମନ୍ଦିର ଖୋଲାଯିବା ନିଷ୍ପତ୍ତିକୁ ସ୍ଥଗିତ ରଖାଯାଇଛି।

# ସ୍କାଉଟ୍ସ ଓ ଗାଇଡ୍ସର ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀ କମିଟି ବୈଠକ

**ଖୋର୍ଦ୍ଧା,୩୦।୧୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ୍ସ ଗାଇଡ୍ସର କାର୍ଯ୍ୟକାରୀ କମିଟି ଏକ ବୈଠକ ଜିଲ୍ଲାଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧକ୍ଷତାରେ ବିଜେବି ହାଇସ୍କୁଲ ଖୋର୍ଦ୍ଧା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଜ୍ଞାପରମିତା ଜେନା ବୈଠକକୁ ପରିଚାଳନା କରିଥିବା ବେଳେ ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବର ମାସ ୧୧, ୧୨ ଓ ୧୩ ତାରିଖ ୩ ଦିନ ଧରି ବିଜେବି ହାଇସ୍କୁଲ ଖୋର୍ଦ୍ଧାଠାରେ ହେବାପାଇଁ ସ୍ଥିର କରାଯାଇଥିବାର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଏହି କ୍ୟାମ୍ପୋରୀରେ ଶାରୀରିକ ପ୍ରଦର୍ଶନୀ, ଦୁଃସାହାସିକ କାର୍ଯ୍ୟକଳାପ, ଗାଁ ମେଳା ଓ ଖାଦ୍ୟସମ୍ଭାର, ଶିବିରାଗ୍ନି ଉତ୍ସବ, ସର୍ବଧର୍ମ ପ୍ରାର୍ଥନା, ଯୋଗ, ଶାନ୍ତିଶୋଭାଯାତ୍ରା ଭଳି ୧୪ଟି ପ୍ରତିଯୋଗୀତା କରା ?ଯିବ। କ୍ୟାମ୍ପୋରୀର ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯିବା ପାଇଁ ସ୍ଥିରକରାଯାଇଛି। ପ୍ରତିଯୋଗୀତାଗୁଡିକ ପରିଚାଳନା ପାଇଁ ଅଭିଜ୍ଞ ସମ୍ପର୍ଣ୍ଣ ତାଲିମଦାତା ପୀତବାସ ପଟ୍ଟନାୟକ, ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ବୈଠକରେ ଶାରୀରିକ ଶିକ୍ଷାନିରିକ୍ଷକ ଦିଲ୍ଲୀପ କୁମାର ମୋଦୀ, ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ତୋଫାନ ରାଉତରାୟ, ଜିଲ୍ଲା ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ଜିଲ୍ଲା ଗାଇଡ କମିଶନର ଜୟନ୍ତୀ କୁମାରୀ ହୋତା, ଜିଲ୍ଲା ସ୍କାଉଟ କମିଶନର ବିଭୁପ୍ରସାଦ ସେନାପତି, କର୍ମକର୍ତ୍ତା ଚିତ୍ତରଞ୍ଜନ ବରାଳ, ମାନସ ସେଠୀ, ତପସ୍ୱିନୀ ପଟ୍ଟନାୟକ, ରଚିତା ପଟ୍ଟନାୟକ ପ୍ରମୁଖ ବ୍ଲକ୍ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଓଡିଶା ଭାରତ ସ୍କାଉଟ ଗାଇଡ ଦ୍ୱାରା ଗତ ୧୮ ତାରିଖରୁ ୨୨ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ 'ଉଡାନ' କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା 'ରାମ୍ପସୋ' ରେ ପ୍ରଥମ ଓ 'ଗ୍ରୁପ ଡ୍ୟାନ୍ସ'ରେ ୨ୟ ଅଧିକାର କରି ଜିଲ୍ଲାପାଇଁ ଗୌରବ ଆଣିଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ରାୟ ପିଲାମାନଙ୍କ ସହିତ କର୍ମକର୍ତ୍ତା ଓ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ୍ ଧନ୍ୟବାଦ ଦେଇଥିଲେ।



# ବ୍ଲଗର୍ ଶୁଭଙ୍କରଙ୍କ ବିରୁଦ୍ଧରେ ସିଂହଦ୍ୱାର ଥାନାରେ ଏତଲା



**ପୁରୀ,୩୦।୧୧/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସିଂହଦ୍ୱାର ଥାନାରେ ଦେଶର ଜଣାଶୁଣା ସୋସିଆଲ ମିଡ଼ିଆ ଇନଫ୍ଲୁଏନସର ତଥା ବ୍ଲଗର ଶୁଭଙ୍କର ମିଶ୍ରାଙ୍କ ବିରୁଦ୍ଧରେ ଏତଲା। ଜଗନ୍ନାଥ ସଂସ୍କୃତିକୁ ବିକୃତ କରି ଭୁଲ୍ ତଥ୍ୟ ଦେଇ ନିଜ ସୋସିଆଲ ମିଡ଼ିଆରେ ଏକ ଭିଡିଓ ପୋଷ୍ଟ କରିଥିବାରୁ ଶୁଭଙ୍କର ମିଶ୍ରାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବିରେ ସିଂହଦ୍ୱାର ଥାନାରେ ଏତଲା ଦେଲେ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ଗୌରହରି ପ୍ରଧାନ। ଗତ କିଛି ଦିନ ତଳେ ୟୁଟ୍ୟୁବର ଶୁଭଙ୍କର ମିଶ୍ରା ଜଗନ୍ନାଥ ମନ୍ଦିର ସମ୍ପର୍କରେ ଏକ ଭିଡିଓ ପୋଷ୍ଟ କରିଥିଲେ। ସୂଚନା ଥାଉ ଯେ ଶୁଭଙ୍କର ତାଙ୍କ ପୋଡକାଷ୍ଟରେ ଶ୍ରୀମନ୍ଦିରରେ ପ୍ରେମୀଯୁଗଳଙ୍କ ପ୍ରବେଶକୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ତାହା ହେଉଛି, ବିବାହ ପୂର୍ବରୁ ଯଦି ପ୍ରେମୀ ଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ, ତେବେ ସେମାନଙ୍କ ପ୍ରେମ କେବେବି ସଫଳ ହେବନାହିଁ। ସେମାନେ କେବେ ବି ବିବାହ ବନ୍ଧନରେ ବାନ୍ଧି ହୋଇପାରିବେ ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରିବାକୁ ଯାଉଥିବା ବେଳେ ସେବାୟତମାନେ ତାଙ୍କୁ ଅଟକାଇ କହିଥିଲେ 'ଶ୍ରୀମନ୍ଦିର ଭିତରକୁ ଭଗବାନଙ୍କ ଧର୍ମପତ୍ନୀଙ୍କ ପ୍ରବେଶ ଉପରେ ବାରଣ ରହିଛି। ଆପଣ କିଭଳି ଭିତରକୁ ଆସିଲେ ?'

ଏକଥା ଶୁଣି ମା ରାଧାରାଣୀ ରାଗିଯାଇ ଶ୍ରୀମନ୍ଦିରକୁ ଏଭଳି ଅଭିଶାପ ଦେଇଥିଲେ। ତେଣୁ ସୋସିଆଲ୍ ମିଡିଆରେ ଭାଇରାଲ୍ ହେଉଥିବା ଶୁଭଙ୍କର ମିଶ୍ରାଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ବିଭ୍ରାନ୍ତିକର ପୋଡକାଷ୍ଟକୁ ନେଇ ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶୁଭଙ୍କରଙ୍କ ନାମରେ ଶ୍ରୀମନ୍ଦିର ପ୍ରଶାସନ ଏତଲା ଦେଉ ବୋଲି ବିଭିନ୍ନ ମହଲରୁ ଦାବି ହେଉଥିଲା। କିନ୍ତୁ ଶ୍ରୀମନ୍ଦିର ପ୍ରଶାସନ ଏ ଦିଗରେ କୌଣସି ତତ୍ପରତା ପ୍ରକାଶ କରିନାହିଁ।

# ନୟାଗଡ଼ରେ ଜିଲ୍ଲାସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା

**ନୟାଗଡ଼,୩୦।୧୧/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୩ ତାରିଖରେ ଜିଲ୍ଲାର ୩୧ଟି କେନ୍ଦ୍ରରେ ବିଦ୍ୟାଳୟ ସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷା ୨୦୨୫ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ପ୍ରଥମ ସ୍ଥାନ ହାସଲ କରିଥିବା ପରୀକ୍ଷାର୍ଥୀଙ୍କୁ ଆଜି ଜିଲ୍ଲା ସ୍ତରୀୟ ପରୀକ୍ଷା ପାଇଁ ଡ଼କାଯାଇଥିଲା। ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଅବିଭାବିକା ମାନେ ସେମାନଙ୍କ ପିଲାମାନଙ୍କୁ ନେଇ ନନ୍ଦିଘୋଷ ଗ୍ରାମରେ ଥିବା ଜବାହରଲାଲ ବିଦ୍ୟାପୀଠକୁ ୧୦ଟା ପୂର୍ବରୁ ପହଞ୍ଚି ଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ ଓ ଧୂପଦୀପ ନୈବେଦ୍ୟ ଦେଇ ଅତିଥିମାନେ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମୋଟରେ ବିଦ୍ୟାଳୟ ସ୍ତରୀୟ ପରୀକ୍ଷା ରେ ପ୍ରଥମ ହୋଇ ଥିବା ଜିଲ୍ଲାର ୩୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ପରୀକ୍ଷା ପରେ ଖାତା ମୂଲ୍ୟାୟନ କରିଥିଲେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭଗବାନ ପ୍ରଧାନ, ଶିକ୍ଷକ ଅଚ୍ୟୁତାନନ୍ଦ ବେହେରା, ପିମିଟ କଲେଜ ଅଧାପକ ମୃତ୍ୟୁଞ୍ଜୟ ପଣ୍ଡା ଓ ଶିକ୍ଷକ ପବିତ୍ର କୁମାର ସାହୁ। ପରୀକ୍ଷା ଖାତା ମୂଲ୍ୟାୟନ ପରେ ପରେ ସାଙ୍ଗେସାଙ୍ଗେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ରୂପେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭଗବାନ ପ୍ରଧାନ, ନୟାଗଡ଼ ଜିଲ୍ଲା ଚାରଣ ସଂଗଠନର ସଂଗଠକ ରାମକୃଷ୍ଣ ସାହୁ, ସମ୍ପାଦକ ଡା. ପ୍ରମୋଦ କୁମାର ପାଳ ଓ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ, ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାର ପରୀକ୍ଷା ନିୟନ୍ତ୍ରକ ଡ. ସୁରେଶ ଚନ୍ଦ୍ର ବରାଡ଼ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଓଡ଼ିଆର ଅସ୍ମିତା ବିଷୟରେ କହିବା ସହିତ ମହାପ୍ରଭୁ ଜଗନ୍ନାଥଙ୍କ ବିନା ଓଡ଼ିଆର ପରିଚୟ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଅତିଥିମାନେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ପରୀକ୍ଷାରେ ଓରିକମ ଏଜୁକେସନ, ଓଡ଼ଗାଁର ଗାୟତ୍ରୀ ସାହୁ ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲୋକ ନୋଡାଲ ବିଦ୍ୟାପୀଠ ପଞ୍ଚିରିଡା ମାନପୁରର ଲିପ୍ସା ପ୍ରିୟଦର୍ଶିନୀ ସାହୁ ଦ୍ୱିତୀୟ ଓ କୋମଣ୍ଡ ହାଇସ୍କୁଲର, କୋମଣ୍ଡର ଖୁସି ସାହୁ ତୃତୀୟ ସ୍ଥାନ ଅଧିକାର କରି ଡିସେମ୍ବର ମାସ ୭ତାରିଖରେ ପୁରୀରେ ହେବାକୁଥିବା ଜାତୀୟ ସ୍ତରୀୟ ଶ୍ରୀଜଗନ୍ନାଥ ସଂସ୍କୃତି ଜ୍ଞାନ ପରୀକ୍ଷାରେ ଯୋଗଦେବାପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଜବାହରଲାଲ ବିଦ୍ୟାପୀଠ, ନନ୍ଦିଘୋଷର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ସ୍ୱାଇଁ, ଶିକ୍ଷକ ବିଜୟ କୁମାର ଗାହାଣ, ଶିବ କୁମାର ବେହେରା, ଶିକ୍ଷା କର୍ମଚାରୀ ସୁରେନ୍ଦ୍ର ସାହୁ ଓ ସଂଯୁକ୍ତା ସାହୁ ଅକୁଣ୍ଠ ସହଯୋଗ କରିଥିବାରୁ ଅନୁଷ୍ଠାନ ତରଫରୁ ସଂଗଠକ ରାମକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଲୋକନାଥଦେବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍: ମଞ୍ଚେଶ୍ୱର ଚାମ୍ପିଅନ୍

**ଖୋର୍ଦ୍ଧା,୩୦।୧୧/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡିଆଠାରେ ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ, କୁମାରବସ୍ତ ଆନୁକୁଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ଫାଇନାଲ ମ୍ୟାଚ୍‌ରେ ମଞ୍ଚେଶ୍ୱର୍ ଦଳ ମେଣ୍ଢାଶାଳକୁ ୪ ୱିକେଟରେ ପରାସ୍ତ କରିଛି। ଟସରେ ବିଜୟ ଲାଭ କରି ମେଣ୍ଢାଶାଳ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମେଣ୍ଢାଶାଳ ଦଳ ନିର୍ଦ୍ଧାରିତ ୨୦ ଓଭରରୁ ୫ ୱିକେଟ ହରାଇ ୧୬୫ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଅଭିମନ୍ୟୁ ସ୍ୱାଇଁ ଓ ଆଇ ଏସ ଗିରି ଅର୍ଦ୍ଧଶତକ ହାସଲ କରିଥିଲେ। ଜବାବରେ ମଞ୍ଚେଶ୍ୱର ଦଳ ନିର୍ଦ୍ଧାରିତ ୧୮ ଓଭରରୁ ୬ୱିକେଟ ହରାଇ ୧୬୬ ରନ୍ ସଂଗ୍ରହ କରି ବିଜୟ ହାସଲ କରି ଚାମ୍ପିଅନ୍ ହୋଇଥିଲା। ଏସ କେ ସଲମାନ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ। ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଭାବେ ଆଇ ଏସ ଗିରି, ଶ୍ରେଷ୍ଠ ବୋଲର ମନୋଜ କୁମାର ବାରିକ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଶ୍ରେୟାନ୍ସ ସାହୁ ପୁରସ୍କୃତ ହୋଇଥିଲେ। ଆଜିର ସଭାରେ ମୁଖ୍ୟ ଅତିଥି ଭାବରେ ବୋଲଗଡ଼ ବେଗୁନିଆର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରାଇସିଂ ଷ୍ଟାର କ୍ଲବର ସଭାପତି ସଞ୍ଜୟ ପାଇକରାୟ,ମଣ୍ଡଳ ସଭାପତି ଉତ୍ତର ଖୋର୍ଦ୍ଧା ସଂଗ୍ରାମ କେଶରୀ ସାମନ୍ତ ସିଂହାର, ସମାଜସେବୀ ରାମ ଚନ୍ଦ୍ର ସାମନ୍ତ ରାୟ ଓ ବିହାରୀ ଲାଲ ଫାଇଟର କ୍ଲବର ସଭାପତି ଅକ୍ଷୟ ଜେନା, ପ୍ରତାପ ମାଗପାତ୍ର, ଗୋବର୍ଦ୍ଧନ ହାତୀ, ଅମରେନ୍ଦ୍ର ବରାଳ, ବନବିହାରୀ ସ୍ୱାଇଁ, ରାଜେଶ ବରାଳ ଯୋଗ ଦେଇ ସମସ୍ତ ଦଳ ଓ ଖେଳାଳି ମାନଙ୍କୁ ପୁରସ୍କୃତ କରିଥିଲେ। ଆଜିର ଖେଳକୁ ପରିଚାଳନା କରୁଥିଲେ ରୀୟାଜତ ଅଲି ଓ ପ୍ରୋଦୋଷ ବଳିଆର ସିଂହ। ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ, ଅଭିଜିତ ସାମନ୍ତରାୟ ଓ ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଓ ତାରାପ୍ରସାଦ ରାଉତରାୟ ରହିଥିଲେ। କ୍ୟାମେରା ମ୍ୟାନ ଭାବେ ବିନୋଦ ଜେନା ରହିଥିଲେ।ଭାଷ୍ୟକାର ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାଟୁଆ ଓ ଅମୀୟ ପ୍ରଧାନ କାର୍ଯ୍ୟ କରିଥିଲେ। କାଜଲ ବଳିୟାର ସିଂ ମ୍ୟାଚ ରେଫରୀ ଦାୟିତ୍ୱ ତୁଲାଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଅବ୍ୟକ୍ତ ହରିହର ଖାଡଙ୍ଗା। ଶେଷରେ ଦୁର୍ଯ୍ୟୋଧନ ପରିଡ଼ା ଧନ୍ୟବାଦ୍ ଅର୍ପଣ କରିଥିଲେ।

# କୋର୍ଟରେ ମାନବିକ ଅଧିକାର ସୁରକ୍ଷା ଆଲୋଚନାଚକ୍ର

**ଓଡ଼ଗାଁ,୩୦।୧୧/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ଅତିରିକ୍ତ ଜିଲ୍ଲା ଦୌରାଜଜ କୋର୍ଟ ପରିସରରେ ମାନବିକ ଅଧିକାର ସୁରକ୍ଷା ସଙ୍ଘର ଭୂମିକା ସମ୍ପର୍କରେ ଏକ ଆଲୋଚନା ଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି।ଉକ୍ତ ଆଲୋଚନା ଚକ୍ରରେ ଓଡ଼ଗାଁ ଓକିଲ ସଙ୍ଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଜାତୀୟ ମାନବିକ ଅଧିକାର ସଦସ୍ୟ ତଥା ପ୍ରାକ୍ତନ ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ଼. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଗୌରୀଶଙ୍କର ଶତପଥୀ ଓ ଜିଲ୍ଲା ଦୌରାଜଜ ବିଚାରପତି ଆନନ୍ଦ ନାରାୟଣ ମହାରଣା ସମ୍ମାନିତ ଅତିଥିଭାବେ ଯୋଗଦେଇ ମାନବ ଅଧିକାର କ୍ଷୁର୍ଣ୍ଣ ହେଲେ ତାର ପ୍ରତିକାର ପାଇଁ ଆଇନର ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ଗାନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।ସମ୍ପାଦକ ବଟକୃଷ୍ଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରଓ୍ୱାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଓଡ଼ଗାଁ ତହସିଲଦାର, ବିଡ଼ିଓ ଏବଂ ଅନ୍ୟ ପୁଲିସ ଅଧିକାରୀ, ସରକାରୀ ଅଧିକାରୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଏ ଅବସରରେ ନୟାଗଡ଼ ଜିଲ୍ଲା ଓକିଲସଂଘ ପକ୍ଷରୁ ସଭାପତି ରଣଜିତ୍ ଦାଶ, ସଂପାଦକ ସ୍ୱଦେଶ ମିଶ୍ର ଜାତୀୟ ମାନବିକ ଅଧିକାର ସଦସ୍ୟ ତଥା ଝାଡଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଡ଼. ଷଡ଼ଙ୍ଗୀ ଓ ହାଇକୋର୍ଟ ବିଚାରପତି ଗୌରୀଶଙ୍କର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ଗାଁ, ନୟାଗଡ, ଦଶପଲ୍ଲା, ଖଣ୍ଡପଡା, ରଣପୁର ଓ ଜିଲ୍ଲାର ସମସ୍ତ ବିଚାରପତିଙ୍କ ସମେତ ସ୍ଥାନୀୟ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




# ବାରଙ୍ଗରେ ନିବନ୍ଧକ କାର୍ଯ୍ୟାଳୟ ଖୋଲିବାକୁ ଦାବି

**ଫୁଲନଖରା,୩୦।୧୧/ଏନ୍‌ଏନ୍‌ଏସ୍:** ଜମିଜମା ବିକ୍ରି ଖର୍ଦ୍ଦି ସମ୍ପର୍କିତ କାର୍ଯ୍ୟ ବାରଙ୍ଗରେ ସମ୍ପାଦନ କରିବାକୁ ଦାବି ହୋଇଛି। ଏ ନେଇ ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗଶାସନ ଓ କୁରାଙ୍ଗପଧାନ ମୌଜାର ଲୋକମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ନିଜର ଏଭଳି ଆପତ୍ତି ଉଠାଇଛନ୍ତି। ପୂର୍ବରୁ ବାରଙ୍ଗ ବ୍ଲକ ୩୩ନମ୍ବର ଜିଲାପରିଷଦ ଜୋନ ଅନ୍ତର୍ଗତ ୮ଟି ପଞ୍ଚାୟତର ସମସ୍ତ ଜମିଜମା ବିକ୍ରି ଖର୍ଦ୍ଦି ଓ ଦାଖଲ ଖାରଜ କାର୍ଯ୍ୟ କଟକସ୍ଥିତ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ସମ୍ପାଦିତ ହେଉଥିଲା; ମାତ୍ର ଅଧିକ ଦୂରତା, ପ୍ରବଳ ଭିଡ଼ ଓ ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଗତ ୨୦୧୩ ମସିହାରେ ବାରଙ୍ଗ ନରଣପୁରଠାରେ ନୂତନ ସବରେଜିଷ୍ଟ୍ରି କାର୍ଯ୍ୟାଳୟ ଆରମ୍ଭ ହେଲା। ହେଲେ କୁରାଙ୍ଗଶାସନ ଓ କୁରାଙ୍ଗପଧାନ ପରି ଦୁଇଟି ବୃହତ ତଥା ଗୁରୁତ୍ୱପୂର୍ଣ୍ଣ ମୌଜା ଏଥିରୁ ବାଦ ପଡ଼ିଲା। ଏପରି ଏକ ବିଚିତ୍ର ବ୍ୟବସ୍ଥା କାରଣରୁ ଏବେ ମଧ୍ୟ ଉପରୋକ୍ତ ଦୁଇ ମୌଜାର ଲୋକମାନେ ସେମାନଙ୍କ ଜମିଜମା କାର୍ଯ୍ୟ ପାଇଁ କଟକ ଦୌଡୁଛନ୍ତି। କେବଳ ସେତିକି ନୁହେଁ ଏପରି ସମସ୍ୟା ବାରଙ୍ଗ ବ୍ଲକ ୩୨ ନମ୍ବର ଜିଲାପରିଷଦ ଜୋନ ଅନ୍ତର୍ଗତ ରାମଦାସପୁର ଓ ପାଟପୁର ମୌଜାବାସୀ ମଧ୍ୟ ଭୋଗୁଛନ୍ତି। ସେମାନଙ୍କ ଦ୍ୱାର ଦେଶରେ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଥିଲେ ମଧ୍ୟ ସେମାନଙ୍କୁ ପୂର୍ବପରି କଟକ ଯିବାକୁ ପଡୁଛି। ଅନ୍ୟପକ୍ଷରେ ପ୍ରଜାମାନଙ୍କ ସୁବିଧା ପାଇଁ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ରାଜ୍ୟରେ ଆଉ ଅଧିକ ୪ଗୋଟି ତହସିଲ ଖୋଲିବାକୁ ଘୋଷଣା କରିଥିଲାବେଳେ ଏଣିକି ଉପନିବନ୍ଧକଙ୍କ କାର୍ଯ୍ୟ ତହସିଲରେ ଉପଲବ୍ଧ ହେବା ସହିତ କେତେକ ସ୍ଥାନରେ ତାହା କାର୍ଯ୍ୟକାରୀ ବି ହେଲାଣି। ମାତ୍ର ପରିତାପର ବିଷୟ କେତେକ ଗ୍ରାମବାସୀଙ୍କୁ ଏବେ ବି ପୁରୁଣା ଉପନିବନ୍ଧକଙ୍କ କାର୍ଯ୍ୟାଳୟକୁ ଯିବାକୁ ପଡୁଛି। ଏଥିପ୍ରତି ଜିଲାପାଳ ଓ ରାଜସ୍ୱ ବିଭାଗ ଉଚ୍ଚ ପଦାଧିକାରୀ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ମୌଜାବାସୀ ଦାବି କରିଛନ୍ତି।

ନିତିଦିନ NITIDIN

## 'ବନ୍ଦେ ମାତରମ୍' ଯାତ୍ରାରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

**ଆଠଗଡ଼,୩୦।୧୧/ଏନ୍ଏନ୍ଏସ୍:** ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଆଜି ସରକାରୀ କାର୍ଯ୍ୟକ୍ରମରେ ଆଠଗଡକୁ ଆସିଥିବା ସମୟରେ ଆଠଗଡ ବିଜେପିର ନେତା ଅଭୟ କୁମାର ବାରିକ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଏହାସହିତ ବନ୍ଦେ ମାତରମ୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଶ୍ରୀ ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ବହୁପୁର ଡାକ୍ତରଖାନା ନିକଟ ଶହ ଶହ ବିଜେପି କର୍ମୀ ଜାତୀୟ ପତାକା ସହିତ ବାରୁଣି ପଡିଆକୁ ଉପମୁଖ୍ୟ ମନ୍ତ୍ରୀଙ୍କୁ ନେଇଥିଲେ । ଅନ୍ୟତମ ଅତିଥି ଭାବେ ଦଳର ଜିଲ୍ଲା ଗ୍ରାମାଞ୍ଚଳ ସଭାପତି ରାମ ନାରାୟଣ ମହାନ୍ତି, ବଜେନ୍ଦ୍ର ରାଏ ଏବଂ ବହୁ ତୁଙ୍ଗ ନେତୃତ୍ୱ ଉପସ୍ଥିତ ଥିଲେ ।



# ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘର ବୈଠକ



**ଅସ୍ତରଙ୍ଗ,୩୦।୧୧/ଏନ୍ଏନ୍ଏସ୍:** ଉତ୍କଳ ସାମ୍ବାଦିକ ସଙ୍ଘ, ଓଡିଶା ସହିତ ଅନୁବନ୍ଧିତ ପୁରୀଜିଲ୍ଲା ପେଶାଦାର ସାମ୍ବାଦିକ ସଙ୍ଘର ଏକ କାର୍ଯ୍ୟକର୍ତ୍ତା ବୈଠକ ସଙ୍ଘର ସଭାପତି ପୂର୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ କାକଟପୁର ଚନ୍ଦନ ବଜାର ଠାରେ ଏକ ବର୍ଣ୍ଣାଢ୍ୟ ପରିବେଶରେ ଆୟୋଜିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସଂଘର ଉପସଭାପତି ସଞ୍ଜୟ ପତି ପରିଚାଳନା କରିଥିବାବେଳେ କାର୍ଯ୍ୟକାରୀ ସଭାପତି କମଳ ଲୋଚନ ଦୀକ୍ଷିତ, ବରିଷ୍ଠ ଉପଦେଷ୍ଟା ପ୍ରସନ୍ନ ତ୍ରିପାଠୀ, ପୂର୍ବତନ ସଭାପତି ତଥା ଉପଦେଷ୍ଟା ବିଶ୍ୱଜିତ ପଟ୍ଟନାୟକ ଯୋଗଦେଇ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହିତ ଜିଲ୍ଲାରେ ବିଭିନ୍ନ ବ୍ଲକରେ କିପରି ଭାବେ ଅଧିକରୁ ଅଧିକ ସାମ୍ବାଦିକମାନଙ୍କୁ ସଙ୍ଘ ସହିତ ଯୋଡ଼ି ସଂଘକୁ ସୁଦୃଢ କରିବା ପାଇଁ ଉପସ୍ଥିତ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ ।

ବୈଠକ ଆୟୋଜନରେ କାକଟପୁର ପ୍ରେସ କ୍ଲବର ସମସ୍ତ ସାମ୍ବାଦିକ ସହଯୋଗ କରିଥିବାବେଳେ ଅସ୍ତରଙ୍ଗ, କାକଟପୁର, ନିମାପଡା, ଗୋପ, କୋଣାର୍କ, ପିପିଲି, ଡେଲାଙ୍ଗ, କଣାସ, ସତ୍ୟବାଦୀ ଅଞ୍ଚଳରୁ ପ୍ରାୟ ୫୦ଜଣ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ । ଆଗାମୀ ୨୦୨୬ ମସିହା ଜାନୁଆରୀ ୭ ତାରିଖ ଦିନ ସାତପଡ଼ା ଠାରେ ଜିଲ୍ଲାର କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା । ଏଥି ସହିତ ସଂଘକୁ ୮୦ବର୍ଷ ପୂର୍ତ୍ତି ଅବସରରେ ହୀରକ ଜୟନ୍ତୀ ଏବଂ ବାର୍ଷିକ ଉତ୍ସବ ପାଳନ କରାଯିବା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସଙ୍ଘର ଉପଦେଷ୍ଟା ତଥା ନିମାପଡ଼ା ପ୍ରେସ୍ କ୍ଲବର ସଭାପତି ଅକ୍ଷୟ ବେହେରା, ବିଚିତ୍ରାନନ୍ଦ ସାହୁ, କାକଟପୁର ପ୍ରେସ କ୍ଲବର ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ୍ତ ଦୀକ୍ଷିତ, ମାନସ କୁମାର ଦିକ୍ଷୀତ, ପ୍ରଶାନ୍ତ କୁମାର ଜେନା, ପ୍ରଦୀପ ପଣ୍ଡା, ଶୁଭଦର୍ଶନ ମିଶ୍ର, ଅକ୍ଷୟ ପ୍ରସାଦ ମହାନ୍ତି, ପ୍ରଭାତ କୁମାର ଦୀକ୍ଷିତ, ଗୋପ ପ୍ରେସ କ୍ଲବର ସଭାପତି ଭାରତୀ ଭୂଷଣ ଉପାଧାୟ, ସନ୍ତୋଷ ରାୟ, ସୁବାଷ ସେନାପତି, ସୁରେଶ ସାହୁ, ନିରଞ୍ଜନ ଦାସ, ସମୀର କୁମାର କର, ଚାରିଛକ ପ୍ରେସ କ୍ଲବ୍ ସଭାପତି ପ୍ରଫୁଲ୍ଲ କର ପ୍ରମୁଖ ସହଯୋଗର ହାତ ବଢାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଶେଷରେ ପ୍ରେସ କ୍ଲବ୍‌ର ସାଧାରଣ ସମ୍ପାଦକ ଆଦିତ୍ୟ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ



**ବଳଙ୍ଗା,୩୦।୧୧/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ଆଜି ବଳଙ୍ଗା ଭାର୍ଗବୀ ନଦୀବନ୍ଧ ବାମ ପାର୍ଶ୍ୱର୍ରେ ନଦୀବନ୍ଧରେ ୨ଟି ସ୍ଥାନରେ କଂକ୍ରିଟ୍ ସୁରକ୍ଷା କାନ୍ଥ ନିର୍ମାଣ ପ୍ରକଳ୍ପ ପାଇଁ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଓଡ଼ିଶା ସରକାର ଜଳସମ୍ପଦ ବିଭାଗ ପକ୍ଷରୁ ଭାର୍ଗବୀ ନଦୀବନ୍ଧ ସୁରକ୍ଷା ପାଇଁ ନଦୀବନ୍ଧ ଉନ୍ନତି କରଣ ପାଇଁ କାର୍ଯ୍ୟ କରାଯିବ । କଣ୍ଠାବଣିଆ, ବଳଙ୍ଗାଠାରେ ଗୋଡ଼ିମାଳ ଡିଷ୍ଟ୍ରିବ୍ୟୁଟାରୀର କଂକ୍ରିଟ୍ ଲାଇନିଙ୍ଗ୍ ଏବଂ ଭାର୍ଗବୀ ବାମପାର୍ଶ୍ୱ ନଦୀବନ୍ଧରେ ୨ଟି ସ୍ଥାନରେ କଂକ୍ରିଟ୍ ସୁରକ୍ଷା କାନ୍ଥ ନିର୍ମାଣ ପ୍ରକଳ୍ପ ହେବା ଦ୍ୱାରା । ଏହି କାର୍ଯ୍ୟ ପାଇଁ ୧କୋଟି ୧ଲକ୍ଷ ୮୪ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ନଦୀବନ୍ଧକୁ ସୁଦୃଢ଼ କରିବା ଦିଗରେ ସହାୟକ ହେବ ବୋଲି ବିଭାଗୀୟ ଅଧିକାରୀ ନିକଟରୁ ପ୍ରକାଶ । ପରେ କଣ୍ଠାବଣିଆ, ବଳଙ୍ଗାଠାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' ଶୁଣିବାର ଏକ ସଭାରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ପ୍ରୀତମ ଚେତନ ପୋଥାଲ, ବଳଙ୍ଗା ଜଳସମ୍ପଦ ଉପଖଣ୍ଡ ଭାରପ୍ରାପ୍ତ ଅଧିକାରୀ ଅଜୟ କୁମାର ପ୍ରଧାନ, ମହେଶ୍ୱର ବେହେରା, ସମାଜସେବୀ ଶ୍ୟାମସୁନ୍ଦର ନାୟକ, ସାଂସଦ ପ୍ରତିନିଧି ମିନଲତା ମହାନ୍ତି, ବଳଙ୍ଗା ମଣ୍ଡଳ ସଭାପତି ଦେବାଶିଷ ଆଚାର୍ଯ୍ୟ, ପୁରୀ ଜିଲ୍ଲା କୃଷକ ମୋର୍ଚ୍ଚା ଉପସଭାପତି ଅର୍ଜୁନ ବରାଳ, ସରୋଜ କୁମାର ସାହୁ, ପ୍ରଭାକର ନାୟକ, ପୂର୍ବ ମଣ୍ଡଳ ସଭାପତି ପ୍ରସନ୍ନ କୁମାର ଦାଶଙ୍କ ସହ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ରାଜ୍ୟ ଟେବୁଲ୍ ଟେନିସ୍ ପ୍ରତିଯୋଗିତାରେ ପୁରୀ ଜିଲ୍ଲାର ଦୁଇ ଖେଳାଳିଙ୍କ କୃତିତ୍ୱ



**ପୁରୀ,୩୦।୧୧/ଏନ୍ଏନ୍ଏସ୍:** ଓଡିଶା ରାଜ୍ୟ ଟେବୁଲ୍ ଟେନିସ ଆସୋସିଏସନ ଆନୁକୂଲ୍ୟରେ କଟକ ସିଡିଏ ସେକ୍ଟର ୭ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ ଠାରେ ବିଗତ ୨୧ରୁ ୨୫ ନଭେମ୍ବର ପର୍ଯ୍ୟନ୍ତ ୩୧ ତମ ଆନ୍ତଃ ଜିଲ୍ଲା ତଥା ରାଜ୍ୟ ଟେବୁଲ୍ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପୁରୀ ଜିଲ୍ଲା ତରଫରୁ ୧୬ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ଉକ୍ତ ପ୍ରତିଯୋଗିତାର ପୁରୁଷ ଆନ୍ତଃ ଜିଲ୍ଲା ଦଳଗତ ବର୍ଗରେ ଜିଜ୍ଞାସୁ ସାଇକିରଣ ପ୍ରଧାନ, ସବ୍ୟସାଚୀ ଦାସ ଓ ହିତେନ୍‌ଙ୍କୁ ନେଇ ଗଠିତ ପୁରୀ ଦଳ ପ୍ରଶଂସନୀୟ ପ୍ରଦର୍ଶନ ପୂର୍ବକ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବାଳକ ବିଭାଗରେ ଜିଲ୍ଲାର ଜିଜ୍ଞାସୁ ସାଇକିରଣ ପ୍ରଧାନ ୧୫ ବର୍ଷରୁ କମ ବର୍ଗରେ ବିଜେତା, ୧୭ ବର୍ଷରୁ କମ ବର୍ଗରେ ଉପବିଜେତା, ୧୯ ବର୍ଷରୁ କମ ବର୍ଗରେ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ୧୧ ବର୍ଷରୁ କମ ବର୍ଗରେ ଆର୍ଯ୍ୟନ୍ ମହାନ୍ତି ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବାଳିକା ବିଭାଗରେ ମଧ୍ୟ ଉତ୍ତମ ପ୍ରଦର୍ଶନ ପୂର୍ବକ ଏହି ଜିଲ୍ଲାର ଗାୟତ୍ରୀ ପଟ୍ଟନାୟକ ୧୧ ବର୍ଷରୁ କମ ବର୍ଗରେ ବିଜେତା ତଥା ଶ୍ରୀତିଜା ଚୌଧୁରୀ ୧୩ ବର୍ଷରୁ କମ ବର୍ଗରେ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ । ପୁରୀ ଦଳ ସହିତ କୋଚ ଭାବେ ଡାକ୍ତର କୁମାର ଅରୋଜ୍ୟୋତି ଅଂଶଗ୍ରହଣ କରିଥିଲେ । ପୁରୀ ଜିଲ୍ଲାର ଖେଳାଳୀ ମାନଙ୍କର ଏହି କୃତିତ୍ୱ ପାଇଁ କୋଚ ଡ଼ି ଦେବଦତ୍ତ ମହାନ୍ତି, କଲ୍ଲୋଳ ଗାଙ୍ଗୁଲି, ରଞ୍ଜିତ ବାରିକ, ଦିବ୍ୟଶକ୍ତି ମହାନ୍ତି, ପୁରୀ ଜିଲ୍ଲା ଟେବୁଲ୍ ଟେନିସ ଆସୋସିଏସନର ସାଧାରଣ ସମ୍ପାଦକ ଡକ୍ଟର ବିମଳ ପ୍ରସାଦ ମହାନ୍ତି, ଉପ ସଭାପତି ଦୁର୍ଗା ପ୍ରସାଦ ଦାସ ମହାପାତ୍ର, ସଦସ୍ୟ ବୃନ୍ଦ ବିବେକାନନ୍ଦ ପ୍ରଧାନ, ଆଶିଷ ଚନ୍ଦୁକା, ରାମ ନାରାୟଣ ଗୋଛିକାର, ବଦ୍ରି ମିଶ୍ର, ଶ୍ୟାମଳ କୁଣ୍ଡୁ, ସତ୍ୟଜିତ ମହାନ୍ତି, ରଞ୍ଜିତା ପଟ୍ଟନାୟକ ଭଟ୍ଟାଚାର୍ଯ୍ୟ, ଉତ୍କଳିକା ପତି ପ୍ରମୁଖ ତଥା ନୀଳକଣ୍ଠ ଟେବୁଲ୍ ଟେନିସ ଏକାଡେମୀର ଉପଦେଷ୍ଟା ଡକ୍ଟର ମନୀନ୍ଦ୍ର ନାଥ ଦତ୍ତ, ପ୍ରତିଷ୍ଠାତା ଓ ପରିଚାଳକ ସଂଗ୍ରାମ କିଶୋର ରଥ, ସଦସ୍ୟ ବୃନ୍ଦ ଶ୍ରୀପ୍ରକାଶ ମିଶ୍ର, ତ୍ରିଦିପ ଦାସ ପ୍ରମୁଖ ଏବଂ ସମସ୍ତ ଅଭିଭାବକ ଗଣ ଖେଳାଳୀ ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି ।

## କୁଖ୍ୟାତ ଅପରାଧୀ ଶେଖ୍ ରାଜନ୍ ପୁରୀରୁ ଗିରଫ

**ନୟାହାଟ,୩୦।୧୧/ଏନ୍ଏନ୍ଏସ୍:** ଜଣେ ବୃଦ୍ଧଙ୍କୁ ଥଣ୍ଡା ବୋତଲରେ ଆକ୍ରମଣ କରି ୨୦ଦିନ ହେବ ଫେରାର ଥିବା ଅପରାଧୀ ଶେଖ୍ ରାଜନ୍‌କୁ ପୁରୀରୁ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଗିରଫ କରିଛନ୍ତି । ପ୍ରକାଶ ଯେ, ଗତ ନଭେମ୍ବରେ ୯ ତାରିଖ ଦିନ ନୟାହାଟ ଅନ୍ତର୍ଗତ ଚଢେଇଖିଆ ଗ୍ରାମର ଶେଖ୍ ତାହିର(୫୫)ଙ୍କୁ ଥଣ୍ଡା ବୋତଲରେ ମୁଣ୍ଡକୁ ଆକ୍ରମଣ କରି ନଗଦ ୪ ହଜାର ଟଙ୍କା ଛଡ଼ାଇ ନେଇଥିଲା । ଏ ବିଷୟରେ ଗୋପ ଥାନାରେ ଏକ ମକଦ୍ଦମା ରୁଜୁ ହୋଇଥିଲା । ସେହିଦିନ ଠାରୁ ଶେଖ୍ ରାଜନ୍ ଫେରାର ଥିଲା । ଅଭିଯୁକ୍ତ ପୁରୀରେ ଥିବା ବିଶେଷ ସୂତ୍ରରୁ ଖବର ପାଇ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ତାକୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ପରେ ତାକୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି ।

## ଧଳାଜହର ଜବତ, ଜଣେ ଗିରଫ

**ଖୋର୍ଦ୍ଧା,୩୦।୧୧/ଏନ୍ଏନ୍ଏସ୍:** ଆଦର୍ଶଥାନା ପୁଲିସ ଗୁରୁଜଙ୍ଗ ମହୋତ୍ସବ ପଡିଆରେ ଚଢଉ କରି ୩୦ ଗ୍ରାମ୍ ଧଳାଜହର ଜବତ କରିବା ସହିତ ଗୁରୁଜଙ୍ଗ ଦେଓ୍ୱାନସାହିର ସର୍ବେଶ୍ୱର ବେହେରା ଓରଫ୍ ବାପିକୁ ଗିରଫ କରିଛି । ଧଳାଜହର ବିକ୍ରୀ ଅଭିଯୋଗରେ ୫୦୮/୨୫ ରେ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ନିହାରରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ମହୋତ୍ସବ ପଡିଆରେ ଧଳାଜହର ବେପାର ହେଉଥିବା ଖବର ପାଇଥିଲା ପୁଲିସ । ସେମାନଙ୍କୁ ଧରିବାକୁ ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠିତ ହୋଇଥିଲା । ଏସ୍‌ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ସେଠାରେ ଚଢଉ କରିଥିଲେ ।

# ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦ୍‌ଘାଟିତ




**ଓଡ଼ଗାଁ,୩୦।୧୧/ଏନ୍ଏନ୍ଏସ୍:** ଓଡ଼ଗାଁ ତହସିଲ୍ ଅନ୍ତର୍ଗତ ପନ୍ତିଖାରୀ ଗ୍ରାମରେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି । ଜାତୀୟ ମାନବାଧିକାର କମିଶନ ସଦସ୍ୟ ତଥା ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟବିଚାରପତି ଡ଼. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଜୟାନନ୍ଦ ନାୟକ, ତହସିଲଦାର ଡ଼.ମାନସ ରଞ୍ଜନ ଭୋଇ ଉପସ୍ଥିତ ଥିଲେ ।ପନ୍ତିଖାରୀ ଶାସନରେ ନୂତନ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବାପରେ ସମସ୍ତେ ଘରବାରି ପଟା,ଖଜଣା,ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ୍ ଆଦି ନିର୍ବିଘ୍ନରେ କରିପାରିବେ । ଏହାପୂର୍ବରୁ ଲୋକମାନେ କୁରାଳ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିଲା । ସେ ସମସ୍ୟା ଏବେ ଦୂର ହୋଇଛି । ଆଜି ୨୦ଜଣ ବ୍ୟକ୍ତିଙ୍କୁ କଲମ-୨ ପଟା ପ୍ରଦାନ କରାଯାଇଛି । ଏ ଅବସରରେ ଜଷ୍ଟିସ ଡ଼.ଷଡ଼ଙ୍ଗୀ ପନ୍ତିଖାରୀ ଶାସନ ମୋର ଜନ୍ମମାଟି,ସବୁବେଳେ ଗାଁ ପାଇଁ କିଛି ନାକିଛି କରିବାକୁ ମୁଁ ସ୍ୱପ୍ନ ଦେଖିଥାଏ ।ଗାଁର ମାଟି,ପାଣି ପବନରେ ମୁଁ ବଡ଼ ହୋଇଛି । ବାହାରେ ରହିଲେ ମଧ୍ୟ ମୋ ଗାଁ କଥା ସବୁବେଳେ ମନେପଡେ ବୋଲି କହିଥିଲେ ।ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ ଲୋକଙ୍କ ସୁବିଧା ପାଇଁ ସରକାର ସବୁବେଳେ ଚେଷ୍ଟିତ ଅଛନ୍ତି । ତେଣୁ ଲୋକମାନେ ଏଣେତେଣେ ନଯାଇ ହାତ ପାହାନ୍ତାରେ ସରକାରୀ ସୁବିଧା ପାଇବେ ବୋଲି କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପନ୍ତିଖାରୀ ସରପଞ୍ଚ ସୁଶ୍ରୀ ଶ୍ରାବଣୀ ବିଶ୍ୱାଳ, ପାଣ୍ଡେରୀପଡ଼ା ସରପଞ୍ଚ ଗାୟତ୍ରୀ ରାଉତ ଓ ରଙ୍ଗଣୀପାଟଣା ସରପଞ୍ଚ ସସ୍ମିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ତହସିଲ ଓ ପନ୍ତିଖାରୀ ପଞ୍ଚାୟତର ସମସ୍ତ କର୍ମଚାରୀ ସହଯୋଗ କରିଥିବା ଜଣାପଡ଼ିଛି ।

# ବିଦ୍ୟାଳୟସ୍ତରୀୟ ବାଳିକା ଖୋ-ଖୋ ପ୍ରତିଯୋଗିତା



**ବାଣପୁର,୩୦।୧୧/ଏନ୍ଏନ୍ଏସ୍:** ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୨୮ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃ ବିଦ୍ୟାଳୟ ସ୍ତରୀୟ ବାଳିକା ଖୋ-ଖୋ ଜୋନ-୫ ପ୍ରତିଯୋଗିତା ରବିବାର ଉଦଯାପିତ ହୋଇ ଯାଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ନଗରପାଳ ମିଟୁ ନାୟକ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍ଘାଟନ କରିଥିବା ବେଳେ ଉଦଯାପନୀ ଉତ୍ସବରେ ବାଣପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ତିନି ଦିନ ଧରି ଚାଲିଥିବା ଜୋନ୍-୫ ର ଏହି ଖୋ-ଖୋ ପ୍ରତିଯୋଗିତା ରେ ବହୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖୋ-ଖୋ ଦଳ ଅଂଶ ଗ୍ରହଣ କରିଥିବା ବେଳେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ ବାଣପୁର ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟରେ ହୋଇଥିଲା । ଗୋଦାବରୀଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ହାରି ରନରସ୍ ଅପ୍ ହୋଇଥିବା ବେଳେ ବାଣପୁର ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖୋ-ଖୋ ଟିମ ବିଜୟଲାଭ କରି ଜୋନ-୫ ର ଚମ୍ପିୟାନ ବିବେଚିତ ହୋଇଛି । ବିଦ୍ୟାଳୟର କ୍ରୀଡା ଶିକ୍ଷକ ବିଭୁଧେନ୍ଦୁ ମାନସିଂହ, କମ୍ପ୍ୟୁଟର ପ୍ରଶିକ୍ଷକ ଶିବ ଶଙ୍କର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାରେ ମ୍ୟାଚ୍ ଅଫିସିଆଲ ଭାବେ ସୁନୀଲ ପଟ୍ଟନାୟକ, କଳ୍ପଶ୍ରୀ ପ୍ରଧାନଙ୍କ ସମେତ ବିଭିନ୍ନ ବିଦ୍ୟାଳୟ କ୍ରୀଡା ଶିକ୍ଷକ ମ୍ୟାଚ ପରିଚାଳନା କରିଥିଲେ । ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ, ଅଧ୍ୟାପିକା ସୁଚିତ୍ରା ଦାସ, ରବିନ୍ଦ୍ର କୁମାର ମାର୍ଥାଙ୍କ ସମେତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଟୁର୍ଣ୍ଣାମେଣ୍ଟର ପରିଚାଳନାରେ ସହଯୋଗ କରିଥିଲେ ।

# କଣ୍ଟିଲୋରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ




**କଣ୍ଟିଲୋ,୩୦।୧୧/ଏନ୍ଏନ୍ଏସ୍:** ଆଜି ରବିବାର ପୂର୍ବାହ୍ନରେ କଣ୍ଟିଲୋ କଂସା ପିତଳ ସୁବିଧା କେନ୍ଦ୍ରରେ ଜନପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମନ୍ କି ବାତ୍ କର୍ମଶାଳା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ କଣ୍ଟିଲୋ ୬ ନଂ ଜୋନ ଅନ୍ତର୍ଗତ କଣ୍ଟିଲୋ, ବଡ ବାଣପୁର, ସିଧାମୂଳା, ବେଣାଗାଡିଆ ଓ ବୋଦଶା ପଞ୍ଚାୟତର ଶତାଧିକ କର୍ମୀମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା କର୍ମୀମାନେ ପ୍ରଧାନ ମନ୍ତ୍ରୀଙ୍କର ଦେଶ ବ୍ୟାପୀ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସଫଳ ରୂପାୟନ ଓ ମୂଲ୍ୟାଙ୍କନ ସହିତ ଦେଶ ବାହାରେ ତାଙ୍କର ଭୂମିକାର ଗୁରୁତ୍ୱ ଉପରେ ଆଲୋଚନା ଓ ପର୍ଯ୍ୟାଲୋଚନା ସମ୍ପର୍କରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉପସ୍ଥିତ କର୍ମୀ ମାନଙ୍କୁ ସୂଚନା ଦେଇଥିଲେ । ଏହି କର୍ମଶାଳା କାର୍ଯ୍ୟକ୍ରମ ପରେ ବିଧାୟକ ଶ୍ରୀ ସ୍ୱାଇଁଙ୍କ ସଭାପତିତ୍ୱରେ ଆଉ ଏକ ସଭା ଅନୁଷ୍ଠିତ ହୋଇ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିକାଶ ସହିତ ପ୍ରତ୍ୟେକ ପଞ୍ଚାୟତର ବିକାଶ ତ୍ୱରାନ୍ୱିତ କରିବା ପାଇଁ ଯୋଗଦେଇଥିବା କଟକ ଲୋକସଭା ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଖଣ୍ଡପଡ଼ା ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ ଓ ବିଜେପି ମଣ୍ଡଳ ସଭାପତି ଟିଟନସାହୁ ପ୍ରମୁଖ ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅପର ପକ୍ଷରେ ପଞ୍ଚାୟତରୁ ଆସିଥିବା ପ୍ରତିନିଧି ମାନେ ନିଜ ନିଜ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଆଲୋଚନା କରି ଚିଠା ପ୍ରସ୍ତୁତ କରିବାକୁ ବିଧାୟକ ଶ୍ରୀ ସ୍ୱାଇଁ କର୍ମୀମାନଙ୍କୁ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ବିଜେପି ବରିଷ୍ଠ କର୍ମୀ ଅଖିଳ କୁମାର ମହାରଣା ସଂଯୋଜନା କରିଥିଲେ ।

## ଦୁଇ ବାଇକ୍ ମୁହାଁମୁହିଁ, ୨ ଆହତ

**ଓଡଗାଁ,୩୦।୧୧/ଏନ୍ଏନ୍ଏସ୍:** ରବିବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ହେବାସହ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଆଜି ସନ୍ଧ୍ୟାରେ ଓଡଗାଁ ଏନ୍ଏସି ଅନ୍ତର୍ଗତ ଖେଳପଡିଆ ସାହିରେ ଭଡାରେ ରହୁଥିବା ପଦ୍ମାଦେଇପୁରର ହିମାଂଶୁ ଭୂଷଣ ମିଶ୍ର(୩୫) ଏକ କାର୍ଯ୍ୟରେ ଦଣ୍ଡୋର ଗ୍ରାମକୁ ଯାଉଥିବାବେଳେ ଗୋଡିପଲ୍ଲୀ ନିକଟ ବନ ବିହାରୀ ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକବାଇକ୍ ସହ ମୁହାଁମୁହିଁ ଧକ୍କା ହେବାଫଳରେ ସେ ଗୁରୁତର ହୋଇ ରାସ୍ତା କଡରେ ପଡ଼ିଯାଇଥିଲେ । ସ୍ଥାନୀୟ ଲୋକେ ଓ ଓଡ଼ଗାଁ ଥାନା ପୋଲିସ ଶ୍ରୀ ମିଶ୍ରଙ୍କୁ ଉଦ୍ଧାରକରି ଓଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ତାଙ୍କର ମୁଣ୍ଡ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବାବେଳେ ପ୍ରାଥମିକ ଚିକିତ୍ସା କରାଯାଇ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି । ଅନ୍ୟ ବାଇକରେ ଆସୁଥିବା ନିକଟସ୍ଥ ରଙ୍ଗଣିପାଟଣା ଗ୍ରାମର ଶିଶୁପାଳ ନାୟକ ଏବଂ ସୁଶାନ୍ତ ନାୟକ ନିଜେ ଚିକିତ୍ସାପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଛନ୍ତି । ଖବର ଲେଖାଯିବା ବେଳକୁ ଥାନାରେ କୌଣସି ଲିଖିତ ଅଭିଯୋଗ ନହୋଇଥିଲେ ମଧ୍ୟ ପୋଲିସ୍ ଉଭୟ ବାଇକକୁ ନିଜ ହେପାଜତକୁ ନେଇଥିବା ଜଣାପଡ଼ିଛି ।

## ବିଷାକ୍ତ କଫ୍‌ସିରପ୍ ଜବତ: ଜଣେ କୋର୍ଟଚାଲାଣ

**ମାହାଙ୍ଗା,୩୦।୧୧/ଏନ୍ଏନ୍ଏସ୍:** ସରକାରଙ୍କ ପକ୍ଷରୁ ନିସିଦ୍ଧ କରାଯାଇଥିବା କୋରେକ୍ସ କଫ ସିରପ୍ ମାହାଙ୍ଗା ମେଡିକାଲ ବଜାରରୁ ଜବତ ହେବା ସହ ଜଣେ ବ୍ୟକ୍ତି ଗିରଫ ହୋଇଥିବା ଜଣାଯାଇଛି । ସୂଚନା ଅନୁଯାୟୀ ମାହାଙ୍ଗା ମେଡିକାଲ ବଜାରରେ ବହୁଳ ପରିମାଣରେ ବିଷାକ୍ତ କୋରେକ୍ସ କଫ୍‌ସିରପ୍ କାରବାର ହେଉଥିବା ନେଇ ମାହାଙ୍ଗା ପୁଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ତେବେ ଗତକାଲି ରାତିରେ ମାହାଙ୍ଗା ଥାନା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଏସ୍‌ଆଇ କେ.ଲାକ୍ରା, ଏସ୍‌ଆଇ ଦିଗମ୍ବର ମୁଦୁଲି ସାଧା ପୋଷାକରେ ଗ୍ରାହକ ସାଜି ମେଡିକାଲ ବଜାରରେ ବିକ୍ରି କରୁଥିବା ରମାକାନ୍ତ ସିଂହଙ୍କ ନିକଟକୁ ଯାଇ ଏକ ବୋତଲ ବିଷାକ୍ତ କୋରେକ୍ସ କଫ ସିରଫ କିଣିଥିଲେ । ଏହାପରେ ଏହି ପୋଲିସ ଟିମ ରମାକାନ୍ତଙ୍କ ଦୋକାନ ଓ ବାସଭବନ ଉପରେ ଚଢାଉ କରି ୫୦ବୋତଲ ବିଷାକ୍ତ କୋରେକ୍ସ କଫ୍‌ସିରପ୍ ଜବତ କରି ତାଙ୍କୁ ଗିରଫ କରିଥିଲେ । ଥାନାରେ ଏକ ମାମଲା ରୁଜୁ କରି ଉମାକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ ।

# ୫ମ ଟୁବୁଲି ମେମୋରିଆଲ୍ ଓ ବାରବାଟୀ କପ୍ ଉଦ୍‌ଘାଟିତ

**ନିମାପଡ଼ା,୩୦।୧୦/ଏନ୍ଏନ୍ଏସ୍:** ରବିବାର ସ୍ଥାନୀୟ ବାରବାଟି ପଡ଼ିଆ ଠାରେ ୫ମ ଟୁବୁଲି ମେମୋରିଆଲ୍ ଓ ବାରବାଟୀ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏସ୍‌ପି ଫାଉଣ୍ଡେସନ୍ ଆନୁକୂଲ୍ୟରେ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ୟୁନିଅନ୍ ସ୍ପୋର୍ଟିଂ ଦଳ ପ୍ରଥମେ ୨୫ ଓଭର ବ୍ୟାଟିଂ କରି ବିନାୟକ ସାହୁଙ୍କ ୩୩ ଓ ଅରବିନ୍ଦ ସିଂଙ୍କ ୩୦ ରନ୍ ବଳରେ ୯ଟି ୱିକେଟ୍ ହରାଇ ୧୯୭ ରନ୍ ସଂଗ୍ରହ କରିଥିଲା । ପ୍ରତିପକ୍ଷ ଏସ୍‌ପି ଫାଉଣ୍ଡେସନ୍ ଦଳ ପକ୍ଷରୁ ସାଦ୍ଦିକ୍ ଅଜିଜ ୩ଟି ଓ ପ୍ରିୟରଂଜନ ମୁଦୁଲି ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ୧୯୭ ରନ୍ ର ପିଛା କରି ଏସ୍‌ପି ଫାଉଣ୍ଡେସନ୍ ଦଳ ୨୩.୫ ଓଭରରେ ମାତ୍ର ୧୦୩ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଜ୍ୟୋତି ରଂଜନ ବିଶ୍ୱାଳ ୨୫ ଓ ପ୍ରିୟାଂଶୁ ପଲେଇ ୨୧ ରନ୍ ସଂଗ୍ରହ କରିଥିଲେ । ପ୍ରତିପକ୍ଷ ବୋଲର ବିନାୟକ ସାହୁ ୨ଟି ୱିକେଟ୍ ଅକ୍ତିଆର କରିଥିଲେ । ଯାହାଫଳରେ ୟୁନିଅନ୍ ସ୍ପୋର୍ଟିଂ ଦଳ ୯୪ ରନ୍‌ରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରଥମ ଦଳ ଭାବେ ପ୍ରବେଶ କରିଛି । ମ୍ୟାଚ୍‌ଟିକୁ ଅୟସକାନ୍ତ ମିଶ୍ର ଓ ନିର୍ମଳ ମିଶ୍ର ପରିଚାଳନା କରିଥିଲେ । ଉଦ୍‌ଘାଟନୀ ମ୍ୟାଚ୍‌ରେ ଟ୍ରିକ୍ସ ଅନୁଷ୍ଠାନର ଏମ୍.ଡ଼ି ଜୟଶ୍ରୀ ବିଶି ଅତିଥି ସାଜିଥିଲେ ।

# ଖଣ୍ଡପଡ଼ାରେ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ପ୍ରସ୍ତୁତି




**ଖଣ୍ଡପଡ଼ା,୩୦।୧୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ମାଟିର ସୁଯୋଗ୍ୟ ସନ୍ତାନ ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ସୁଦୂର ପ୍ରସାରୀ ପ୍ରତିଭାକୁ ଜନମାନସରେ ଉଜ୍ଜୀବିତ କରି ରଖିବାର ମହତ ଲକ୍ଷ୍ୟ ନେଇ ଆସନ୍ତା ଜାନୁଆରୀ ମାସର ୨ୟ ସପ୍ତାହରେ ସାମନ୍ତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ଖଣ୍ଡପଡ଼ା ଠାରେ ଅନୁଷ୍ଠିତ ହେବ । ଏ ପରିପ୍ରେକ୍ଷୀରେ ମା' ଉମାଦେବୀଙ୍କ ପୀଠ ପରିସରରେ ଯୁବ ସଂଗଠକ ତଥା ସମାଜସେବୀ ବିଧାନ ଚନ୍ଦ୍ର ପ୍ରଧାନଙ୍କ ଆବାହକତ୍ୱରେ ରବିବାର ଆୟୋଜିତ ପ୍ରସ୍ତୁତି ବୈଠକରେ ବିଭିନ୍ନ ପଞ୍ଚାୟତରୁ ଜନ ପ୍ରତିନିଧିଙ୍କ ସମେତ ଖଣ୍ଡପଡ଼ା ସହରାଞ୍ଚଳରୁ ବ୍ୟକ୍ତିବିଶେଷ ଯୋଗଦେଇ ମତାମତ ପ୍ରଦାନ କରିଥିଲେ । ସାମନ୍ତ ମହୋତ୍ସବ କମିଟିର ସଭାପତି ଭାବେ ଆଇନଜୀବୀ ସଂଗ୍ରାମ କେଶରୀ ମିଶ୍ର,ଉପ ସଭାପତି ଭାବେ ବରିଷ୍ଠ ଆଇନଜୀବି ଗିରିଜା ପ୍ରସାଦ ମିଶ୍ର ଓ ସାମଜସେବୀ ବିଜୟ କୁମାର ମିଶ୍ର,ସଂପାଦକ ଭାବେ ନାରାୟଣ ଆଚାର୍ଯ୍ୟ ଓ ଚିତ୍ତରଞ୍ଜନ ମିଶ୍ର, କୋଷାଧକ୍ଷ ଭାବେ କାଶୀନାଥ ଦାସ, ସମରେନ୍ଦ୍ର ମହାନ୍ତିଙ୍କୁ ଚୟନ କରାଯାଇ ଦାୟୀତ୍ୱ ପ୍ରଦାନ କରାଯାଇଥିବା ଜଣାଯାଇଛି । ପ୍ରସ୍ତୁତି ବୈଠକରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଆଇନଜୀବୀ ବିକ୍ରମ କେଶରୀ ଦେଓ, ଯୁବ ସଂଗଠକ ବୁଲୁ ଦାସ, ମନୋରଞ୍ଜନ ବେହେରା, ଗୋପାଳ ଚନ୍ଦ୍ର ପଣ୍ଡା,ଚନ୍ଦ୍ରଶେଖର ପାଣି, ବିକ୍ରମ ପ୍ରଧାନଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଓ କାଉନସିଲରମାନେ ଉପସ୍ଥିତ ଥିଲେ ।

# ବେଆଇନ୍ ମେଡିସିନ୍ ଦୋକାନ ଉପରେ ଚଢ଼ଉ



**ସାଲେପୁର,୩୦।୧୧/ଏନ୍ଏନ୍ଏସ୍:** ସାଲେପୁର ଅଞ୍ଚଳର କେତେକ ସ୍ଥାନରେ ବେଆଇନ ଭାବେ ମେଡିସିନ ଦୋକାନ ରହିଥିବା ନେଇ ଅଭିଯୋଗ ହେଉଥିଲା । ଅଭିଯୋଗକୁ ଭିତ୍ତିକରି ଡ୍ରଗ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନେତୃତ୍ୱରେ ଆଜି ଏକ ଚାରିଜାଣିଆ ଟିମ ସାଲେପୁର ବ୍ଲକ ଅନ୍ତର୍ଗତ ଛାଣି ପୁର ପଞ୍ଚାୟତ ସ୍ଥିତ ଶଙ୍କରପୁର ଠାରେ ବେଆଇନ ଭାବେ ମେଡ଼ିସିନ ବିକ୍ରି କରୁଥିବା ଦୋକାନ ଉପରେ ଚଢ଼ାଉ କରିଥିଲେ । କୌଣସି ସୂତ୍ରରୁ ଖବର ପାଇ ଆସିଷ୍ଟାଣ୍ଟ ଡ୍ରଗ୍ସ କଣ୍ଟ୍ରୋଲର ଧର୍ମଦେହୀ ପୁହାଣଙ୍କ ନେତୃତ୍ୱରେ ଡ୍ରଗ୍ସ ଇନ୍ସପେକ୍ଟର କଟକ -୧, କଟକ-୨ ଓ କଟକ-୩ ମିଳିତ ଭାବେ ଦୁଇଟି ବେଆଇନ ମେଡ଼ିସିନ ଦୋକାନ ଉପରେ ଚଢ଼ାଉ କରିଥିଲେ । ଶଙ୍କରପୁର ଠାରେ ଥିବା ଦୁଇ ଜଣ ବ୍ୟକ୍ତି ବେଆଇନ ଭାବେ ମେଡ଼ିସିନ ବିକ୍ରି କରୁଥିବା ବେଳେ ଦୋକାନ ଉପରେ ଚଢ଼ାଉ କରି ବେଆଇନ ଭାବେ ବିକ୍ରି କରୁଥିବା ଏଲୋପାଥିକ ମେଡ଼ିସିନ ସହ ଗର୍ଭପାତ କୀଟକୁ ଜବତ କରିଛନ୍ତି । ଏଥିସହ ଡ୍ରଗ୍ସର ସାମ୍ପୁଲ ମଧ୍ୟ ସଂଗ୍ରହ କରି ନେଇଛନ୍ତି । ଯେହେତୁ ବେଆଇନ ଦୋକାନ ଡ୍ରଗ୍ସର ମାନ ନିରୂପଣ ହେବା ନିତ୍ୟାନ୍ତ ଜରୁରୀ ଓ ସେସବୁର ମାନ ପରୀକ୍ଷା କରାଯିବ ବୋଲି ଟମ୍ ପକ୍ଷରୁ ସୂଚନା ମିଳିଛି । ଏ ନେଇ ବିଭାଗ ପକ୍ଷରୁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡିଛି ।

ନିତି ଭାରତୀ

ମନ ଯେତେବେଳେ ସ୍ଥିର ଥାଏ, ନିରବତାର ଶୁଦ୍ଧ ପରିବେଶ ମଧ୍ୟରେ ଶୁଣାଯିବା ନିମନ୍ତେ ସତ୍ୟ ସୁଯୋଗ ପାଇଥାଏ । - ଶ୍ରୀ ଅରବିନ୍ଦ

NITIDIN
ନିତିଦିନ
ସୋମବାର, ୧ ଡିସେମ୍ବର, ୨୦୨୫

# ବାଂଲାଦେଶ ଗଣତନ୍ତ୍ରକୁ ହତ୍ୟା




ତପୋଧନ ପଣ୍ଡା

ଆମେରିକୀୟ ଐତିହାସିକ ତଥା ଲେଖକ ଲୁଇସ୍ ମମ୍‌ଫୋର୍ଡ଼ ଲେଖିଥିଲେ, 'ଜଣେ ସାହସୀ ମଣିଷ କେବେହେଲେ ଅସ୍ତ୍ର ଚାହେଁ ନାହିଁ, ସେ ହୁଏତ ବେଲ୍ ଚାହିଁପାରେ ଆବଶ୍ୟକ ପଡ଼ିଲେ ।' ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କୁ ଅନୁଧ୍ୟାନ କଲେ ଏହାର ସତ୍ୟତା ପ୍ରତୀୟମାନ ହୁଏ । ୨୦୨୪ ଅଗଷ୍ଟ ୮ ତାରିଖରେ ସେଠାକାର ମହମ୍ମଦ ୟୁନୁସ୍ ଯେବେ ମୁଖ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ପାଇଲେ, ସେବେଠୁ ଜଣା ପଡୁଥିଲା ଯେ ସେ ନ୍ୟାୟପାଳିକାକୁ ହତିଆର ଭାବେ ବ୍ୟବହାର କରିବେ, ଯେବେ ହସିନା ବାଂଲାଦେଶ ଛାଡ଼ି ଭାରତରେ ଆଶ୍ରୟ ଗ୍ରହଣ ପାଇଁ ଚାଲି ଆସିଲେ । ଶେଖ୍ ହସିନାଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିବା ବାଂଲାଦେଶର ଅଦାଲତ କାହାକୁ ଆଶ୍ଚର୍ଯ୍ୟାନ୍ୱିତ କରିନାହିଁ, କାରଣ ସମସ୍ତେ ତାହା ହିଁ ଆଶଙ୍କା କରୁଥିଲେ । ଏଠାରେ ଉଲ୍ଲେଖନୀୟ ଯେ ଶେଖ୍ ହସିନା ସେଠାରେ ପ୍ରତିଷ୍ଠା କରିଥିଲେ ଇଣ୍ଟରନ୍ୟାସନାଲ କ୍ରାଇମ୍‌ସ୍ ଟ୍ରାଇବ୍ୟୁନାଲ ବା ଆଇସିଟି, ୨୦୧୦ ମସିହାରେ । ଏହା ଇଣ୍ଟରନ୍ୟାସନାଲ କ୍ରାଇମ୍‌ସ୍ (ଟ୍ରାଇବ୍ୟୁନାଲ) ଆକ୍ଟ, ୧୯୭୩ର ଆଦେଶ ଅଧୀନରେ ଓ ଏହାକୁ ଅପ୍‌ଡେଟ୍ ବା ଆଧୁନିକୀକରଣ କରାଯାଇଥିଲା ୨୦୦୯ରେ । ଏହାର ଲକ୍ଷ୍ୟ ଥିଲା, ୧୯୭୧ ବାଂଲାଦେଶ ସ୍ୱାଧୀନତା ଆନ୍ଦୋଳନ ବେଳେ ଲକ୍ଷ ଲକ୍ଷ ବଙ୍ଗାଳୀ ମହିଳାଙ୍କୁ ଦୁଷ୍କର୍ମ, ହତ୍ୟା, ଗଣହତ୍ୟା କରିଥିବା ପାକିସ୍ତାନୀ ଆର୍ମିର ଯବାନ, ଅଫିସରମାନଙ୍କ ଅପରାଧର ବିଚାର କରିବା ପାଇଁ । ସେମାନଙ୍କୁ ସେମାନଙ୍କ ଅପରାଧ ମୁତାବକ ଦଣ୍ଡିତ କରାଯାଇଥିଲା । ହସିନାଙ୍କ ବହିଷ୍କାର ପରେ ଯେତେସବୁ ବରିଷ୍ଠ ଜଜ୍ ଥିଲେ, ଆଇସିଟି ସମେତ, ସମସ୍ତଙ୍କୁ ୟୁନୁସ୍ ଓ ଜମାତ୍-ଇ-ଇସ୍‌ଲାମୀ ନେତା ଓ ହିଂସ୍ର ସମର୍ଥକମାନେ ଜବରଦସ୍ତ ଇସ୍ତଫା ଦେବାକୁ ବାଧ୍ୟ କରିଥିଲେ, ନ୍ୟାୟାଳୟଗୁଡ଼ିକୁ ଘେରାଉ କରି ବା ଜଜ୍‌ମାନଙ୍କୁ ଅପଦସ୍ତ କରି ମୋବୋକ୍ରାସି ମାଧ୍ୟମରେ । ୟୁନୁସ୍ ନିଜ ପସନ୍ଦର ଜଜ୍‌ମାନଙ୍କୁ ନିଯୁକ୍ତି ପ୍ରଦାନ କରିଥିଲେ ପାର୍ଲାମେଣ୍ଟର କୌଣସି ଅନୁମୋଦନ ନଥିବା ସତ୍ତ୍ୱେ । ସମସ୍ତେ ସେଇ ଜମାତ୍‌ର ସମର୍ଥକ ବା ସଦସ୍ୟ ।

ସେମାନଙ୍କଠାରୁ ନ୍ୟାଯ୍ୟ ବିଚାର ଆଶା କରିବା ବୃଥା । ଯାହା ସେମାନେ କଲେ, ତାହା ହେଲା- ରିଭେଞ୍ଜ ଟ୍ରାୟାଲ ବା ପ୍ରତିଶୋଧପରାୟଣ ବିଚାର । ହସିନାଙ୍କ ରାଜନୈତିକ ଦଳ ଆୱାମୀ ଲିଗ୍‌ର ନେତା, ରାଜନେତା, ସମର୍ଥକଙ୍କ ସମେତ ହଜାର ହଜାର ଲୋକଙ୍କୁ ଜେଲ୍‌ରେ ଭର୍ତ୍ତି କରାଗଲା । ଅଧିକାଂଶଙ୍କୁ ସାମାନ୍ୟ କାରଣରୁ ବା ବିନା କାରଣରୁ, ବାହାର ସୋସିଆଲ୍ ମିଡିଆରେ ମନ୍ତବ୍ୟକୁ ଆଧାର କରି ଇତ୍ୟାଦି । ସେମାନଙ୍କର ବେଲ ପିଟିସନ୍‌ର ଶୁଣାଣି ହେଲା ନାହିଁ । ଯାହାକୁ ବେଲ୍ ମିଳିଲା, ତା' ପରଦିନ ସେ କରି ନଥିବା ନୂଆ ନୂଆ ଅପରାଧକୁ ସେଥିରେ ଗୁନ୍ଥି ପୁଣି ଆରେଷ୍ଟ କରି ଜେଲ ପଠାଗଲା । ଏହା ପ୍ରକାଶ କରିଛନ୍ତି ନାରାୟଣଗଞ୍ଜର ପୂର୍ବତନ ମେୟର । ଏଠାରେ ଉଲ୍ଲେଖନୀୟ ଯେ ୧୯୭୧ ଯୁଦ୍ଧ ଅପରାଧୀମାନଙ୍କ ବିଚାର ସମୟରେ ଓକିଲ ଥିବା ସେହି ଅପରାଧୀ ତଥା ଜମାତ୍-ଇ-ଇସ୍‌ଲାମୀ ଦଳର ବା ପାକିସ୍ତାନ ଆର୍ମିଙ୍କ ଚିଫ୍ ଡିଫେଣ୍ଡର, ସେ ହେଲେ ମହମ୍ମଦ ତାଜୁଲ୍ ଇସଲାମ୍, ତାଙ୍କୁ ନିଯୁକ୍ତି ଦିଆଗଲା ଆଇସିଟିର ଚିଫ୍ ପ୍ରସିକ୍ୟୁଟର ଭାବେ ବା ଅଭିଯୋଗ ପକ୍ଷର ଓକିଲ ଭାବେ । ଜୁଲାଇ ୧୦ ତାରିଖରେ କୋର୍ଟ ହସିନାଙ୍କୁ, ପୂର୍ବତନ ହୋମ୍ ମିନିଷ୍ଟର ଆସାଦୁଜାମନ୍ ଖାଁ କମାଲ୍‌ଙ୍କୁ ଓ ପୂର୍ବତନ ପୁଲିସ୍ ମୁଖ୍ୟ ଚୌଧୁରୀ ଅବଦୁଲ୍ଲା ଅଲ୍ ମାମୁନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କଲା ମାନବିକତା ବିରୋଧୀ ଅପରାଧ ପାଇଁ । ନଭେମ୍ବର ୧୭ରେ ହସିନା ଏବଂ କମାଲ୍‌ଙ୍କୁ ମୃତ୍ୟୁଦଣ୍ଡ ଓ ପୁଲିସ୍ ମୁଖ୍ୟଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କଲା ଆଇସିଟି । ମିଳିତ ଜାତିସଂଘର ମାନବ ଅଧିକାର ଅଫିସ୍ ଏହି ମୃତ୍ୟୁଦଣ୍ଡକୁ ବିରୋଧ କରି ମନ୍ତବ୍ୟ ଦେଇଛି ଯେ ହସିନାଙ୍କ ବିଚାର ତାଙ୍କ ଅନୁପସ୍ଥିତିରେ କରାଯାଇଛି । ସବୁ ପ୍ରକାରର ବିଚାର ପ୍ରଶ୍ନହୀନ ଭାବରେ ଆନ୍ତର୍ଜାତିକ ମାନକ ଅନୁସାରେ ନିଷ୍ପକ୍ଷ ଶୁଣାଣି ମାଧ୍ୟମରେ ହେବା ଆବଶ୍ୟକ । ଏପରି ବିଚାର ଆସିବ ବୋଲି ଜଣା ଥିଲା । ଗୋଟେ ନିର୍ବାଚିତ ହୋଇ ନଥିବା ସରକାର ମନଇଚ୍ଛା ଟ୍ରାଇବ୍ୟୁନାଲରେ ନିଜ ଇଚ୍ଛାନୁସାରେ ବିଚାରକଙ୍କୁ ନିଯୁକ୍ତି ଦେଇ ଶୁଣାଣି କରି ମୃତ୍ୟୁଦଣ୍ଡ ବା କୌଣସି ଦଣ୍ଡ ପ୍ରଦାନ କରିବା ସମ୍ବିଧାନ ବିରୋଧୀ ।

ଆଉ ଗୋଟିଏ କଥା । ୟୁନୁସ୍ ସରକାର ଜେନେଭାରେ ଅବସ୍ଥିତ ଜାତିସଂଘର ମାନବ ଅଧିକାର ଅଫିସ୍‌ର ମୁଖ୍ୟ ଭୋଲ୍‌କର ଟର୍କ୍‌ଙ୍କୁ କହିଥିଲା, ଜୁଲାଇ ୧୫ରୁ ହସିନା ଦେଶ ଛାଡ଼ିବା ଅଗଷ୍ଟ ୫, ୨୦୨୪ ମଧ୍ୟରେ ଘଟିଥିବା ପ୍ରତିରୋଧକୁ ନେଇ ରିପୋର୍ଟ ଦେବା ପାଇଁ । କୌଣସି ନାମ ଉଲ୍ଲେଖ ନଥିଲା, କିନ୍ତୁ ଭୋଲ୍‌କର ଟର୍କ୍ ରିପୋର୍ଟ ଅନିଶ୍ଚିତ ଭାବେ ପାଖାପାଖି ୧୪୦୦ ଲୋକ ମୃତ୍ୟୁବରଣ କରିଛନ୍ତି, ଯାହା ବିଭିନ୍ନ ସୂତ୍ରରୁ ଜଣାଯାଏ ବୋଲି ଉଲ୍ଲେଖ କରିଥିଲା । ଏହା କୌଣସି ଗ୍ରହଣୀୟ ତଥ୍ୟ ପ୍ରମାଣ ନୁହେଁ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ବିଧାନ କରିବା ପାଇଁ । ରାୟ ପ୍ରକାଶ ପାଇବା ଦିନ, ଅର୍ଥାତ୍ ଏଇ ନଭେମ୍ବର ୧୭ ତାରିଖକୁ ହସିନାଙ୍କ ଦଳ ଆୱାମୀ ଲିଗ୍ ସଂପୂର୍ଣ୍ଣ ବାଂଲାଦେଶ ବନ୍ଦ ଡାକରା ଦେଇଥିଲା । ସେହି ଦିନ ଆୱାମୀ ଲିଗ୍‌ର ସଦସ୍ୟ ଓ ସମର୍ଥକ, ସାଧାରଣ ଲୋକଙ୍କୁ ପିଟିବା, ଗୁଳି ଚାଳନା କରିବା ପୁଲିସ୍‌ର ବର୍ବରତାକୁ ହିଁ ଦର୍ଶାଇ ଥିଲା । ଏକଥା ସେହି ଭୋଲ୍‌କର ଟର୍କ୍ ମଧ୍ୟ ନିଜ ପର ରିପୋର୍ଟରେ ଉଲ୍ଲେଖ କରିଥିଲା କୃତଜ୍ଞତା ସ୍ୱରୂପ । ଏହା ପ୍ରତିଶୋଧ ପରାୟଣ ହତ୍ୟାକାଣ୍ଡ ଓ ମିଡିଆର ଲୋକମାନେ, ଆୱାମୀ ଦଳର ସଦସ୍ୟଙ୍କ ସମେତ, ହିନ୍ଦୁ ଧର୍ମ ପୀଠଗୁଡ଼ିକ ମଧ୍ୟ ଛାଡ଼ ପାଇ ନଥିଲା । ବାଂଲାଦେଶରେ ଥିବା ମୋଟ ୬୩୯ଟି ପୁଲିସ୍ ଷ୍ଟେସନ୍‌ରୁ ୪୫୦ରୁ ଊର୍ଦ୍ଧ୍ୱକୁ ଭଙ୍ଗାରୁଜା, ପୋଡ଼ାଜଳା କରା ଯାଇଥିଲା ୟୁନୁସ୍‌ଙ୍କ ଲୋକମାନଙ୍କ ଦ୍ୱାରା । ଶହ ଶହ ପୁଲିସ୍ କର୍ମଚାରୀଙ୍କୁ ହତ୍ୟା କରା ଯାଇଥିଲା । ତଥାକଥିତ ଛାତ୍ର ଗୋଷ୍ଠୀ ଆଦିଙ୍କ ଦ୍ୱାରା ଓ ହଜାର ହଜାର ସଂଖ୍ୟାର ବନ୍ଧୁକ ଆଦି ମାରଣାସ୍ତ୍ର ସେଇ ଛାତ୍ରଙ୍କଠାରୁ ସିଜ୍ କରା ଯାଇଥିଲା । ଏଥିପାଇଁ ୟୁନୁସ୍ ସରକାର ନିଜକୁ ଦାୟୀ ବୋଲି ନ ମାନି ଏହାକୁ ଅତି ହାଲୁକା ଭାବରେ ନେଇଥିଲା । ଏଯାବତ୍ ହିନ୍ଦୁ, ଖ୍ରୀଷ୍ଟିଆନ, ବୌଦ୍ଧ, ସୁଫି, ଅହମଦିଆଙ୍କ ପ୍ରତି ସେହି ପ୍ରକାର ଦୁର୍ବ୍ୟବହାର, ମହିଳାଙ୍କ ପ୍ରତି ପାଶବିକ ଅତ୍ୟାଚାର । ସେମାନଙ୍କ ବ୍ୟବସାୟକୁ ଧ୍ୱଂସ କରିବା, ସମ୍ପତ୍ତି ଲୁଟ୍ କରିବା ଆଦି ଚାଲିଥିବା ସତ୍ତ୍ୱେ ଏହାକୁ ୟୁନୁସ୍ ଭାରତ ପ୍ରାୟୋଜିତ ମିଥ୍ୟା ସମ୍ବାଦ ବୋଲି କହି ଚାଲିଛନ୍ତି । କିନ୍ତୁ ହସିନା ଓ ତାଙ୍କ ଦଳ ପ୍ରତି ସମ୍ମାନ ଓ ସମର୍ଥନ ପ୍ରଦର୍ଶନ କରି ବାଂଲାଦେଶ ଓ ବିଦେଶରେ ଅବସ୍ଥାପିତ ୧୦୨ ଜଣ ପତ୍ରକାର ଏକ ଖୋଲା ଚିଠିରେ ସ୍ୱାକ୍ଷର କରି ଟ୍ରାଇବ୍ୟୁନାଲ୍‌ର ଦଣ୍ଡାଦେଶକୁ କଡ଼ା ଶବ୍ଦରେ ନିନ୍ଦା କରିଛନ୍ତି । ଏହି ଦଣ୍ଡାଦେଶ ସଂପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ।




ଶେଖ୍ ହସିନାଙ୍କ ବିରୁଦ୍ଧରେ ୫୮୩ଟି କେସ୍ କରାଯାଇଥିଲା ସେହି କଙ୍ଗାରୁ କୋର୍ଟରେ, ଯାହାର କର୍ତ୍ତୃତ୍ୱ ନାହିଁ ଏହି କେସ୍‌ଗୁଡ଼ିକର ଶୁଣାଣି ପାଇଁ । ସେହି ଆଇସିଟିକୁ କଙ୍ଗାରୁ କୋର୍ଟ କରି ଦେଇଛନ୍ତି ୟୁନୁସ୍ । ସେହି କୋର୍ଟ ପ୍ରତିଷ୍ଠା କରା ଯାଇଥିଲା କେବଳ ୧୯୭୧ ବାଂଲାଦେଶର ମୁକ୍ତି ଆନ୍ଦୋଳନରେ ଜଡ଼ିତ ଯୁଦ୍ଧ ଅପରାଧୀଙ୍କ ବିଚାର ପାଇଁ । ହସିନା ଚ୍ୟାଲେଞ୍ଜ କରିଛନ୍ତି ତାଙ୍କ ବିରୁଦ୍ଧରେ ଯେତେ ମାମଲା ଅଛି, ସବୁକୁ ଆନ୍ତର୍ଜାତିକ ଫୌଜଦାରୀ ଅଦାଲତ ବା ଆଇସିସିକୁ ଆଣନ୍ତୁ ମୋର ବିଚାର ପାଇଁ, ଯଦି ସାହସ ଅଛି । ଏଇ ଗତ ଅକ୍ଟୋବରରେ ଲଣ୍ଡନରେ ଅବସ୍ଥିତ ଏକ ଆଇନ ବିଶେଷଜ୍ଞ ଗୋଷ୍ଠୀ, ଡଫ୍‌ଟି ଷ୍ଟ୍ରିଟ୍ ଚ୍ୟାମ୍ବର୍ସ, ଆୱାମୀ ଲିଗ୍‌କୁ ସମର୍ଥନ କରି ସେହି ଆଇସିସିର ପ୍ରସିକ୍ୟୁଟରଙ୍କ ସହିତ ଜରୁରୀ ଯୋଗାଯୋଗ କରି ଏକ କେସ୍ ଦାୟର କରିଛନ୍ତି ଯେ ହସିନା ଦେଶ ଛାଡ଼ିବା ତଥା ୨୦୨୪ ଅଗଷ୍ଟ ୫ ପରେ ଆୱାମୀ ଦଳର ସଦସ୍ୟଙ୍କ ପ୍ରତି ଯେଉଁ ପ୍ରତିଶୋଧପରାୟଣ ହୋଇ ହିଂସାତ୍ମକ ଆକ୍ରମଣ କରାଯାଇଥିଲା, ଯାହା ଫଳରେ ୪୦୦ ଆୱାମୀ ଦଳର ସଦସ୍ୟ ଶୋଚନୀୟ ମୃତ୍ୟୁବରଣ କରିଥିଲେ । ତା'ର ଅନୁସନ୍ଧାନ କରି ଏବଂ ଏ ପର୍ଯ୍ୟନ୍ତ ଜେଲ ଭୋଗୁଥିବା ସେହି ଦଳର ସଦସ୍ୟ ଓ ସମର୍ଥକଙ୍କର ଏକ ରିପୋର୍ଟ ଦାଖଲ କରାଯାଉ । ୟୁନୁସ୍ ଯେଉଁ ଅସାମ୍ବିଧାନିକ ଭାବରେ କ୍ଷମତା ଅକ୍ତିଆର କରି ଏପରି ଦମନଲୀଳା ଚଳାଇଛନ୍ତି ଓ ଅମାନବିକ ଅତ୍ୟାଚାର ଜାରି ରଖିଛନ୍ତି, ତା'ର ତଦନ୍ତ ଓ ବିଚାର ସେହି ଅଦାଲତରେ କରାଯାଉ । ତା' ସହିତ ଆଇସିସିରେ ଆହୁରି ୫ଟିରୁ ଊର୍ଦ୍ଧ୍ୱ କେସ୍ ଦାୟର କରାଯାଇଛି ବାଂଲାଦେଶରେ ବସବାସ କରୁଥିବା ସଂଖ୍ୟାଲଘୁ ଗୋଷ୍ଠୀଙ୍କ ତରଫରୁ । ଶେଖ୍ ହସିନା ଏବେ ଦିଲ୍ଲୀରେ ଅଛନ୍ତି ଓ ନିଜ ତରଫରୁ ପତ୍ରକାର ସମ୍ମିଳନୀ କରି ନିଜର ବୟାନ ଦେଉଛନ୍ତି । ବାଂଲାଦେଶ ତରଫରୁ ହସିନାଙ୍କୁ ବାଂଲାଦେଶକୁ ପ୍ରତ୍ୟର୍ପଣ କରିବାର ଅନୁରୋଧ ମଧ୍ୟ ଆସିଛି । ତାଙ୍କୁ ଯେବେ ମୃତ୍ୟୁଦଣ୍ଡ ଦିଆଯିବାକୁ ଆଦେଶ ଆସିଛି ଭାରତ ତାଙ୍କୁ କେବେ ଛାଡ଼ିବ ନାହିଁ । ଏଭଳି ଟଣାଓଟରା ଚାଲିବ । ତାଙ୍କ ଦଳ ସେଠାକାର ନିର୍ବାଚନରେ ଅଂଶଗ୍ରହଣ କରିପାରିବ ନାହିଁ, କାରଣ ତାକୁ ୟୁନୁସ୍ ବ୍ୟାନ୍ କରିଛନ୍ତି । ଯେଉଁ ନିର୍ବାଚନ ହେବ, ତାହା କେବଳ ଲୋକ ଦେଖାଣିଆ ହେବ । ଆଉ ଏବେ ପାକିସ୍ତାନୀ ନେତାଙ୍କ ବାଂଲାଦେଶକୁ ଆସି ଆମ ଦେଶ ବିରୁଦ୍ଧରେ ମନ୍ତ୍ରଣା ଆଦି ଚଳାଇବା ଆରମ୍ଭ କରି ଦେଇଥିବା ଦୃଷ୍ଟିରୁ ଆମ ଦେଶକୁ ସାବଧାନ ଓ ସତର୍କ ରହିବାକୁ ପଡ଼ିବ ।

ଭିଆଇଏମ୍-୭୪୧, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ: ୯୪୩୭୩୦୭୪୮୬

# ଜୀବନର ଆଚାର ସଂହିତା: ଶ୍ରୀମଦ୍ ଭଗବଦ୍ ଗୀତା



ସାରଦା ପ୍ରସାଦ କର

ବର୍ଷ ବର୍ଷ ଧରି ବିଶ୍ୱ ମାନସର ବହଳ ବିଶ୍ୱାସକୁ ବିଜଡ଼ିତ କରି ରଖିଛି ପ୍ରଭୁ ଶ୍ରୀକୃଷ୍ଣଙ୍କର ମୁଖ ନିଃସୃତ ଅମୀୟ ବାଣୀ ଶ୍ରୀମଦ୍ ଭଗବତ୍ ଗୀତା । ଏହା ଗ୍ରନ୍ଥ ହେଲେ ମଧ୍ୟ ଏହାର ଜୟନ୍ତୀ ପାଳିତ ହୁଏ ପ୍ରତି ବର୍ଷ ମାର୍ଗଶିର ଶୁକ୍ଳ ଏକାଦଶୀରେ, ଯାହା କେବଳ ଆଶ୍ଚର୍ଯ୍ୟ ନୁହେଁ, ଅଧିକନ୍ତୁ ବିଚାର୍ଯ୍ୟ ମଧ୍ୟ । ମୋହାଚ୍ଛନ୍ନ ଅର୍ଜୁନ ପରି ପ୍ରତ୍ୟେକ ମାୟିକ ମଣିଷକୁ ମହୁଆ ମୋହ ମରୀଚିକାରୁ ମୁକୁଳାଇ ଆଣି ମୋହନ ମନ୍ତ୍ରରେ ଅଭିମନ୍ତ୍ରିତ କରିବାରେ ଭଗବତ୍ ଗୀତା ଏକ ମହାନନ୍ଦମୟୀ ମଧୁକ୍ଷରା ମନ୍ତ୍ରଧ୍ୱନି । ମହାଭାରତର ଭୀଷ୍ମ ପର୍ବ ଅନ୍ତର୍ଗତ ପଚିଶରୁ ବୟାଳିଶ ଅଧ୍ୟାୟ ପର୍ଯ୍ୟନ୍ତ ଓ ସାତ ଶହ ଶ୍ଳୋକରେ ସନ୍ନିବେଶିତ ଗୀତା ହେଉଛି ସାକ୍ଷାତ୍ ମାଆ ସଦୃଶ । ମାଆ ଯେପରି ବକ୍ଷରୁ ଅମୃତ ନିଗାଡ଼ି ସନ୍ତାନକୁ ପୋଷଣ କରେ, ଠିକ୍ ସେହିପରି ଆମର ବୈଚାରିକ ଓ ଭାବାତ୍ମକ ପିଣ୍ଡକୁ ପୋଷଣ କରୁଥିବାରୁ ଗୀତାକୁ 'ଜୟ ଭଗବଦ୍ ଗୀତେ' ବୋଲି ସମ୍ବୋଧନ କରାଯାଏ । ଆମ ସଂସ୍କୃତିରେ ବିବିଧ ପ୍ରକାର ଗୀତା, ଯଥା ଗୁରୁ ଗୀତା, ହଂସ ଗୀତା, ଈଶ୍ୱର ଗୀତା, ସନ୍ନ୍ୟାସ ଗୀତା, ଅଷ୍ଟବକ୍ର ଗୀତା, ପାଣ୍ଡବ ଗୀତା ଆଦି ଥିଲେ ହେଁ ଶ୍ରୀମଦ୍ ଭଗବଦ୍ ଗୀତାର ପ୍ରସିଦ୍ଧି ସର୍ବଜନଗ୍ରାହ୍ୟ ।

'ଗୀତାମେହୃଦୟଂ ପାର୍ଥ ଗୀତାମେସାରମୁତମମ୍/ ଗୀତାଜ୍ଞାନ ସମାଶ୍ରିତ୍ୟତ୍ରିଲୋକଂ ପାଳୟାମ୍ୟହମ୍ ।' ଏହା କେବଳ ଭଗବାନଙ୍କର ଦିବ୍ୟବାଣୀ ନୁହେଁ, ପରନ୍ତୁ କର୍ମ, ଜ୍ଞାନ ଓ ଭକ୍ତିର ତ୍ରିବେଣୀ, ନବ ଜୀବନର ସାର୍ଥକ ସରଣୀ ଓ ଭବ ବ୍ୟାଧି ପାଇଁ ରସାଳ ରସାୟନୀ । ଜାତି, ଧର୍ମ, ବର୍ଣ୍ଣ, ଭାଷା ନିର୍ବିଶେଷରେ ସମଗ୍ର ବିଶ୍ୱର କଲ୍ୟାଣ ନିମନ୍ତେ ଅଭିପ୍ରେତ ହୋଇଥିବାରୁ ଏହାକୁ ବୈଶ୍ୱିକ ଗ୍ରନ୍ଥର ମାନ୍ୟତା ମଧ୍ୟ ଦିଆଯାଇପାରେ ।

ଗୀତାର ଆରମ୍ଭ ଯୁଦ୍ଧକ୍ଷେତ୍ରରୁ । ଦୁଇ ସେନାର ମଧ୍ୟ ଭାଗରେ ରଥ ଅଟକିବା ପରେ ନିଜର ଆତ୍ମୀୟସ୍ୱଜନଙ୍କୁ ଦେଖି ଅର୍ଜୁନ ଏପରି ମୋହଗ୍ରସ୍ତ ହୋଇଗଲେ ଯେ ଖସି ପଡ଼ିଲା ଗାଣ୍ଡୀବ, ଦୁର୍ବଳ ହୋଇଉଠିଲା ବୀର ହୃଦୟ ଓ ଶିଥିଳ ହୋଇ ପଡ଼ିଲା ଅଙ୍ଗ ପ୍ରତ୍ୟଙ୍ଗ । ଶୋକାଭିଭୂତ ଅର୍ଜୁନ ଯୁଦ୍ଧ କରିବା ପରିବର୍ତ୍ତେ କହିଲେ, 'ନ କାଙ୍‌କ୍ଷେବିଜୟଂ କୃଷ୍ଣ', ଅର୍ଥାତ୍ ମୋର ବିଜୟ ଲୋଡ଼ା ନାହିଁ । ଏହା ଅର୍ଜୁନଙ୍କର ବିବେକର ଭାଷା ନ ଥିଲା, ପରନ୍ତୁ ଥିଲା, ମୋହର ପରିଭାଷା । କିନ୍ତୁ ହତୋତ୍ସାହିତ ପାର୍ଥକୁ ପରମାର୍ଥ ପଥରେ ପ୍ରଚୋଦିତ କରାଇଲେ ପ୍ରଭୁ ପାର୍ଥସାରଥୀ, ଯେତେବେଳେ ଅର୍ଜୁନ ପ୍ରଭୁଙ୍କର ଶରଣାପନ୍ନ ହେଲେ । ଥରେ ବିଚାର କଲେ ପାଠକ ବନ୍ଧୁ ! ନିଜର ମିତ୍ର ବା ସଖାକୁ ଗୁରୁଜ୍ଞାନ କରି ତା'ର ଶରଣାପନ୍ନ ହେବା ଓ ଉଚିତ୍ ମାର୍ଗଦର୍ଶନ ନିମନ୍ତେ ବିନମ୍ର ଅନୁରୋଧ କରିବା ସରଳତାର ଏକ ବିରଳ ଉଦାହରଣ ନୁହେଁ କି ? ଏହା ହିଁ ଅର୍ଜୁନଙ୍କର ମହାନତା । ଫଳତଃ, ଅର୍ଜୁନଙ୍କର ନିରାଶ ମନରେ ପ୍ରଭୁ ବୁହାଇଲେ ଆଶାର ଜାହ୍ନବୀ । କାପୁରୁଷ ପରି କମ୍ପୁଥିବା କାତର କଳେବରରେ ଭରି ଦେଲେ କୋଟିଏ କରିବରର କମ୍ପନ, ଯାହାଦ୍ୱାରା ଅର୍ଜୁନଙ୍କର ଚିନ୍ତା ଓ ଚେତନାରେ ଆସିଲା ଅଦ୍ଭୁତ ପରିବର୍ତ୍ତନ । ଆରମ୍ଭରୁ ମୋହଗ୍ରସ୍ତ ଥିବା ପାର୍ଥ ଗୀତାର ଅନ୍ତିମ ଚରଣରେ ଉଦ୍‌ଘୋଷଣା କଲେ, 'ନଷ୍ଟୋମୋହଃସ୍ମୃତିର୍ଲବ୍ଧା ତ୍ୱତ୍ ପ୍ରସାଦାନ୍ମୟାଚ୍ୟୁତ' ଅର୍ଥାତ୍ ହେ ଅଚ୍ୟୁତ ! ଆପଣଙ୍କ ପ୍ରସାଦରୁ ମୋର ସକଳ ମୋହ ନଷ୍ଟ ହୋଇଛି । ମୁଁ ଏବେ ଆପଣଙ୍କର ବଚନକୁ ଅବଶ୍ୟ ପାଳନ କରିବି । ଏହା ହିଁ ଗୀତାର ସାରମର୍ମ । ଏବେ ଏହାର ଦାର୍ଶନିକ ଦିଗକୁ ଟିକେ ଦୃକ୍‌ପାତ କରିବା ।

ଅଠର ଦିନ ମହାଭାରତ ଯୁଦ୍ଧରୁ ସତର ଦିନ ଓ ଏକ ବେଳା ସରିଥିବା ବେଳେ ଆଉ ବେଳାଏ ବାକି ଅଛି ବୋଲି ବିଶ୍ୱାସ କରାଯାଏ । ଅର୍ଥାତ୍ ଏ ଯୁଦ୍ଧ ଏ ଯାବତ୍ ସରିନାହିଁ । ତେବେ କେଉଁଠି ସେ କୁରୁକ୍ଷେତ୍ର ? ଏହା ହରିୟାଣାର ତୀର୍ଥସ୍ଥଳ ନୁହେଁ, ପରନ୍ତୁ ପ୍ରତ୍ୟେକ ଜୀବନ ହେଉଛି କୁରୁକ୍ଷେତ୍ରର ରଣାଙ୍ଗନ, ଯେଉଁଠାରେ ଅହରହ ସଂଗ୍ରାମ ଚାଲିଛି ସଦ୍‌ଗୁଣ ଓ ଦୁର୍ଗୁଣ, କୁମତି ଓ ସୁମତି, ଇଚ୍ଛା ଓ ଅନିଚ୍ଛା ଭିତରେ । ଏହା ହିଁ କୁରୁ ପାଣ୍ଡବଙ୍କ ଲଢ଼େଇ । କୌରବ ହେଉଛନ୍ତି ଶତ ପୁତ୍ର । ଯୋଗୀମାନଙ୍କ ମତରେ, ଯେତେବେଳେ ବିକ୍ଷିପ୍ତ ମନ ବିଷୟାସକ୍ତ ବୁଦ୍ଧିକୁ ଧରି ଦଶ ଇନ୍ଦ୍ରିୟ ମାଧ୍ୟମରେ ଦଶ ଦିଗକୁ ଧାଉଁଥାଏ, ତାହା ହିଁ ଶହେ ଭାଇ । ୧(ମନ), ୧(ବୁଦ୍ଧି), ୧୦(ଇନ୍ଦ୍ରିୟ), ୧୦(ଦିଗ)=୧୦୦ । ଶତ ଶତ ଆସୁରୀ ସମ୍ପଦ ଓ ଦୁଷ୍ଟବୃତ୍ତି ଆମ ଜୀବନକୁ ଅଶାନ୍ତିରେ ଆଚ୍ଛନ୍ନ କରିଦେବା ହିଁ କୌରବମାନଙ୍କର ରବ । ଅନ୍ୟ ପକ୍ଷରେ ଜ୍ଞାନ ଓ ବିବେକର ପୁତ୍ର ହେଉଛନ୍ତି ପାଣ୍ଡବ । ଆମ ସମସ୍ତଙ୍କ ଭିତରେ ଜ୍ଞାନ ଓ ବିବେକ ଥିଲେ ମଧ୍ୟ ବିବେକର ଭାଗ୍ୟୋଦୟ ହୁଏ ଗୁରୁ ଶରଣାଗତି ଓ ସତ୍‌ସଙ୍ଗ ଦ୍ୱାରା । ସେଥିପାଇଁ ରାମ ଚରିତ ମାନସରେ କୁହାଯାଇଛି, 'ଗୁରୁ ବିନୁ ଭବନିଧି ତରଇ ନ କୋଇ ।' ଗୁରୁ ଗୋପ ଗାଁର ଗୋବିନ୍ଦ ନୁହନ୍ତି କି ମଥୁରାର ମାଧବ, ପ୍ରଭାସର ପୀତବାସ ନୁହନ୍ତି କି କୁରୁକ୍ଷେତ୍ରର କେଶବ, ପରନ୍ତୁ ଗୁରୁ ହେଉଛନ୍ତି ଏକ ଅସ୍ମିତାର ସ୍ୱର ଓ ବିପୁଳ ବିଚାରବୋଧର ବୋଧିଦ୍ରୁମ ଯାହାଙ୍କର ସଂସ୍ପର୍ଶରେ ଆସିଲେ ବାସନା ଉପାସନାରେ ଭରିଯାଏ, ଭାବନା ସମ୍ଭାବନାର ରୂପ ନିଏ ଓ ଭୋଗ ଭଗବାନ ପାଲଟି ଯାଏ । ତେଣୁ ସଂସାରରେ ସମତା ଓ ଗୁରୁଙ୍କଠାରେ ମମତା ହିଁ ଭଗବଦ୍ ଗୀତାର ସାରକଥା । କିନ୍ତୁ ଅର୍ଜୁନଙ୍କର ନିଜ ଆତ୍ମୀୟଙ୍କ ପ୍ରତି ଥିବା ଅହେତୁକ ମମତା ହିଁ ତାଙ୍କର ବିଫଳତା ଓ ବିଷାଦର କାରଣ । ସେଥିପାଇଁ ଗୀତାର ଆରମ୍ଭ ହେଲା, 'ଅର୍ଜୁନ ବିଷାଦ ଯୋଗରୁ ।' କିନ୍ତୁ ସେହି ଅର୍ଜୁନ ନିଜକୁ ଶିଷ୍ୟଟିଏ କରିଦେଇ ଗୋବିନ୍ଦଙ୍କ ପରି ଗୁରୁଙ୍କ ଶରଣାପନ୍ନ ହେବାରୁ ବିଷାଦ ଆନନ୍ଦରେ ରୂପାନ୍ତରିତ ହେଲା । ଏହା ହିଁ ଗୁରୁ-ଶିଷ୍ୟ ସମ୍ପର୍କର ଚମତ୍କାରିତା । ଗୁରୁ ସିନା ଅନ୍ୟକୁ ଶାସନ କରନ୍ତି, କିନ୍ତୁ ପ୍ରକୃତ ଶିଷ୍ୟ ନିଜକୁ ଶାସନ କରେ । ତେଣୁ କୁହାଯାଇଛି, 'ଶାସନାତ୍ ଶିଷ୍ୟ ଉଚ୍ୟତେ' । ଏହି ପ୍ରତିବଦ୍ଧତା ହିଁ ସଫଳତାର ମୂଳବିନ୍ଦୁ । କିନ୍ତୁ ସମ୍ପ୍ରତି ଆମ ଭିତରେ ଶିଷ୍ୟତ୍ୱ ସୃଷ୍ଟି ହେଉଛି ତ ? ବିଡ଼ମ୍ବନାର କଥା, ଏବେ ଗୁରୁ-ଶିଷ୍ୟ ପରମ୍ପରାରେ ଲାଗିଯାଇଛି କେଉଁଏ କଳଙ୍କ । ଗୁରୁଙ୍କର ଗୁରୁତ୍ୱକୁ ଉପଲବ୍ଧି କରିବାକୁ ଶିଷ୍ୟ ପାଖରେ ସେ ବିନମ୍ରତା ଓ ସମର୍ପଣ ଭାବ ଆଉ ନାହିଁ । ତେଣୁ ଜୀବନ ଏବେ ବିପନ୍ନ । ଜୀବନକୁ ରୂପାନ୍ତରିତ କରିବାକୁ ହେଲେ ଶିଷ୍ୟ ନିଜେ ସଂକଳ୍ପବଦ୍ଧ ହେବା ଉଚିତ୍ । ନିଜେ ନ ଚାହିଁଲେ ଆମ ଜୀବନକୁ ବଦଳାଇବ କିଏ ? ମଣିଷ ନିଜେ ହିଁ ନିଜର ବନ୍ଧୁ ଓ ନିଜେ ହିଁ ନିଜର ଶତ୍ରୁ । ତେଣୁ ପରିସ୍ଥିତି ଅପେକ୍ଷା ମନଃସ୍ଥିତି ବେଶୀ ଗୁରୁତ୍ୱପୂର୍ଣ୍ଣ । ସଁବାଳୁଆ ଯଦି ସୁନ୍ଦର ପ୍ରଜାପତିଟିଏ ହୋଇପାରେ, ଦସ୍ୟୁ ଯଦି ମହର୍ଷି ବାଲ୍ମିକୀ ହୋଇପାରେ, ଲମ୍ପଟ ବିଲ୍ୱମଙ୍ଗଳ ଯଦି ନିଷ୍କପଟ ଭକ୍ତ ହୋଇପାରେ, ଆମେ ଭଲ ଶିଷ୍ୟଟିଏ ହୋଇପାରିବା ନାହିଁ କାହିଁକି ? ଉତ୍ତମ ଶିଷ୍ୟକୁ ଗୁରୁ ଖୋଜିବାର ଆବଶ୍ୟକତା ନଥାଏ । ଗୁରୁ ଆପେ ମିଳନ୍ତି ଓ ଶିଷ୍ୟକୁ ଅର୍ଜୁନ ପରି ବିଶ୍ୱବିଜୟୀ ତଥା ଧନୁର୍ଦ୍ଧର ବି କରିପାରନ୍ତି । ଏହା ହିଁ ହେଉଛି ଗୀତାର ଗୂଢ଼ ତତ୍ତ୍ୱ । ସେହି ଭଗବଦ୍ ଗୀତା ପ୍ରତିଟି ଜୀବନ ବେଦୀରେ ଜ୍ୱଳନ୍ତ ଦୀପଶିଖା ହେଉ । ପ୍ରତି ମୁହୂର୍ତ୍ତରେ ଗୀତାର ଅମୃତ ନିର୍ଝର ଚେତନାର ଚଉହଦିକୁ ଚଉବର୍ଗ ଦେଉ । ଜୀବନ ଅଶାନ୍ତିର ଅନଳରୁ ପ୍ରଶାନ୍ତିର ନିଳୟକୁ ଯାଉ- ଏହା ହିଁ ନମ୍ର ନିବେଦନ ।




ଅଧ୍ୟାପକ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ମୋ: ୯୪୩୭୧୧୩୧୬୨

# ତାଇୱାନ୍, ଚୀନ୍ ଓ ଜାପାନ୍

ଚୀନ୍ ଓ ଜାପାନ୍ ହେଉଛନ୍ତି ଏସିଆ ମହାଦେଶର ଦୁଇ ଗୋଟି ମହାଶକ୍ତି । ନିକଟରେ ଏ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ଏକ ବଡ଼ ଧରଣର ବିବାଦ ଉପୁଜିଛି ତାଇୱାନ୍‌କୁ ନେଇ ଯାହା ଦକ୍ଷିଣ ଚୀନ୍ ସାଗରର ଉତ୍ତରକୁ ଅବସ୍ଥିତ ଦ୍ୱୀପପୁଞ୍ଜ ରାଷ୍ଟ୍ର । ବେଶ୍ କିଛି ବର୍ଷ ହେବ ଚୀନ୍ ଏହି ଦେଶକୁ ନିଜର ବୋଲି ଦାବି କରି ଆସୁଥିବା ବେଳେ ତାଇୱାନ୍ ତାହା ଗ୍ରହଣ କରିବାକୁ ଅସ୍ୱୀକାର କରି ଆସୁଛି । ଏବେ ଏହି ଦୀପପୁଞ୍ଜ ରାଷ୍ଟ୍ର ଚୀନ୍ ଓ ଜାପାନ୍ ମଧ୍ୟରେ କୂଟନୀତିକ ଉତ୍ତେଜନାର କାରଣ ପାଲଟିଛି । ଏହାର ପୃଷ୍ଠଭୂମିରେ ରହିଛି ଜାପାନ୍‌ର ନୂଆ ପ୍ରଧାନମନ୍ତ୍ରୀ ସାନାଇ ତାକାଇଚିଙ୍କ ଦ୍ୱାରା ଗତ ନଭେମ୍ବର ୭ ତାରିଖରେ ପ୍ରଦତ୍ତ ବିବୃତି- ତାଇୱାନ୍ ବିରୁଦ୍ଧରେ ଚୀନ୍‌ର ଯେ କୌଣସି ପ୍ରକାରର ସାମରିକ କାର୍ଯ୍ୟାନୁଷ୍ଠାନ ଜାପାନ୍‌ର ଅସ୍ତିତ୍ୱ ପ୍ରତି ଏକ ବିପଦ ସୃଷ୍ଟି କରିପାରେ, ଯାହାର ଅର୍ଥ ହେଉଛି- ଚୀନ୍ ଯଦି ତାଇୱାନ୍ ଉପରେ ଆକ୍ରମଣ କରେ, ତା'ହେଲେ ଟୋକିଓ ସାମରିକ ଭାବରେ ସେଥିରେ ହସ୍ତକ୍ଷେପ କରିପାରେ । ସୂଚନାଯୋଗ୍ୟ ଯେ ପ୍ରଥମ ଥର ପାଇଁ ଜାପାନ୍‌ର କୌଣସି କାର୍ଯ୍ୟକାରୀ ପ୍ରଧାନମନ୍ତ୍ରୀ ଏତେ ବିଶଦ ଭାବରେ ଉପରୋକ୍ତ କଥା ପ୍ରକାଶ କରିଛନ୍ତି । ଆଉ ଏହି ବିବୃତି ହିଁ ଚୀନ୍ ଓ ଜାପାନ୍ ମଧ୍ୟରେ ଉତ୍ତେଜନାର କାରଣ ସାଜିଛି । ଏହା ବର୍ତ୍ତମାନ ଏକ ଭୂରାଜନୀତିକ କନ୍ଦଳ ସୃଷ୍ଟି କରିଛି, ଯାହାର ଆଞ୍ଚଳିକ ସୁରକ୍ଷା ଏବଂ ଏପରିକି ଅର୍ଥନୀତିକ ନିରାପତ୍ତା ପାଇଁ ମହତ୍ତ୍ୱପୂର୍ଣ୍ଣ ନିହିତାର୍ଥମାନ ରହିଛି । ଉତ୍ତେଜନା ପ୍ରକାଶ ପାଇବାର ପଛରେ ରହିଛି ତାକାଇଚିଙ୍କ କଥା ଯେ 'ସ୍ଥିତି ପ୍ରତି ବିପଦ ସୃଷ୍ଟିକାରୀ ଅବସ୍ଥା' ଭଳି ଜାପାନୀ ତତ୍ତ୍ୱ ଅନୁସାରେ ଚୀନ୍ ତାଇୱାନ୍ ଉପରେ ଆକ୍ରମଣ କଲେ ଜାପାନ୍‌ର ଆତ୍ମ-ରକ୍ଷା ବାହିନୀ ତା'ର ଜବାବ ଦେବ । ବେଜିଂ ଏହାକୁ ଏକ ସ୍ପଷ୍ଟ ସଂକେତ ଭାବରେ ତର୍ଜମା କରିଛି ଯେ ଟୋକିଓ ତାଇୱାନ୍ ବାବଦରେ ଯୁକ୍ତରାଷ୍ଟ୍ର ଆମେରିକାର ମତ ସହିତ ଅଧିକ ଖୋଲାଖୋଲି ଭାବରେ ଯୋଡ଼ି ହେଉଛି । ଚୀନ୍ ଏଥି ପ୍ରତି ତୁରନ୍ତ ଏବଂ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଓସାକାଠାରେ ଚୀନ୍‌ର କନ୍‌ସୁଲ୍ ଜେନେରାଲ ଉତ୍ତେଜନା ସୃଷ୍ଟିକାରୀ ମନ୍ତବ୍ୟ ପ୍ରଦାନ କରିବାକୁ ଯାଇ ସୂଚନା ଦେଇଥିଲେ ଯେ ତାକାଇଚିଙ୍କ 'ମଇଳା ମୁଣ୍ଡ'କୁ 'କାଟି ଦିଆଯିବା' ଉଚିତ- ଯାହା କେବଳ ଶାଳୀନତାର ସୀମା ଲଂଘନ କରି ନଥିଲା, ବରଂ କୂଟନୀତିକ ମର୍ଯ୍ୟାଦାର ଉଲ୍ଲଙ୍ଘନ କରିବା ସଙ୍ଗେ ସଙ୍ଗେ ପ୍ରତିବାଦ, ପ୍ରତିବାଦର ପ୍ରତିବାଦ, ଯାତ୍ରା କରିବାର ଚେତାବନୀ ଏବଂ ସାଂସ୍କୃତିକ ଅନୁଦାନ ବନ୍ଦ କରିବା ଭଳି ତୀବ୍ର ପ୍ରତିକ୍ରିୟାଗୁଡ଼ିକର ଏକ ଶୃଙ୍ଖଳ ସୃଷ୍ଟି କରିଥିଲା । ଏହି ମୌଖିକ ଝଗଡ଼ା ଗୋଟିଏ ଫିଲ୍ମର ମୁକ୍ତିଲାଭ, ଯାତାୟାତ ବାତିଲ ଏବଂ ଅବିଶ୍ୱାସରେ ବୃଦ୍ଧିକୁ ପରିଲକ୍ଷିତ କରିଛି ।

ଚୀନ୍‌ର କ୍ରୋଧ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅବାନ୍ତର ନୁହେଁ । ତାଇୱାନ୍ ଅଞ୍ଚଳ ଉପରେ ଜାପାନ୍‌ର ଉପନିବେଶବାଦୀ ଉତ୍ତରାଧିକାରର ଏବେ ସୁଦ୍ଧା ଏକ ଲମ୍ବା ଛାଇ ମଣ୍ଡି ହୋଇ ରହିଛି । ୧୮୯୫ଠାରୁ ୧୯୪୫ ପର୍ଯ୍ୟନ୍ତ ତାଇୱାନ୍ ଶିମୋନୋସେକି ଚୁକ୍ତି ଅନୁସାରେ ଜାପାନ୍ ଅଧୀନରେ ରହିଥିଲା । ଚୀନ୍‌ର କିଛି ଅଂଶକୁ ନିର୍ଦ୍ଦୟ ଭାବରେ ଜାପାନ୍ ଅଧିକାର କରିନେବା ମଧ୍ୟ ଚୀନୀୟମାନଙ୍କ ସାମୂହିକ ସ୍ମୃତିରେ ରହିଛି । ତେଣୁ ଏଠାକାର ଇତିହାସ ଚୀନ୍ ଓ ଜାପାନ୍ ମଧ୍ୟରେ ତାଇୱାନ୍‌କୁ ନେଇ ଉତ୍ତେଜନା ସୃଷ୍ଟି କରିବା, ଆଉ ତାହା ପୁଣି ଯେ କୌଣସି ପ୍ରକାରର ସାମାନ୍ୟ କୌଶଳପୂର୍ଣ୍ଣ କଥାରେ ସୃଷ୍ଟି ହେବାରେ କିଛି ଅସ୍ୱାଭାବିକତା ନାହିଁ । ନିଜର ଗୁରୁ ସିଞ୍ଜୋ ଆବେଙ୍କ ଦ୍ୱାରା ପ୍ରଭାବିତ ତାକାଇଚି ଏକ ବଳିଷ୍ଠ ପ୍ରତିରକ୍ଷା ସାମର୍ଥ୍ୟ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ସହିତ ଘନିଷ୍ଠ ସମ୍ପର୍କ ବଜାୟ ରଖିବା ଚୀନ୍‌ର ସହଜରେ ହଜମ ହେଉନାହିଁ । ଏହା ଏମିତି ଏକ ନିଆଁ ଲଗାଇବା ସ୍ଥାନ, ଯାହାକୁ ସମଗ୍ର ବିଶ୍ୱ ଆଦୌ ଦେଖିବାକୁ ପସନ୍ଦ କରିବ ନାହିଁ, କାରଣ ଏହାର ନିହିତାର୍ଥ ସୁଦୂରପ୍ରସାରୀ ହେବ । ମୁଖ୍ୟ ସ୍ଥଳଭାଗଠାରୁ ତାଇୱାନ୍‌କୁ ବିଚ୍ଛିନ୍ନ କରୁଥିବା ସରୁ ପ୍ରଣାଳୀଟି ଚୀନ୍ ପାଇଁ ରଣନୀତିକ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିରେ ଯେ କୌଣସି ତୃତୀୟ ପକ୍ଷଙ୍କ ସମ୍ପୃକ୍ତି- ବିଶେଷକରି ଜାପାନ୍ ଭଳି ଏକ ପ୍ରମୁଖ ଶକ୍ତିର ସମ୍ପୃକ୍ତି- ଚୀନ୍ ପାଇଁ ଏକ ଲୋହିତ ଝଣ୍ଡା ଦେଖାଇବା ସଦୃଶ । ରଣନୀତିକ ପ୍ରସଙ୍ଗ ବ୍ୟତୀତ ଚୀନ୍ ଏବଂ ଜାପାନ୍ ମଧ୍ୟରେ ବିବାଦ ସୃଷ୍ଟିର ଅର୍ଥନୀତିକ ପରିଣତି ମଧ୍ୟ ସମାନ ଭାବରେ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଚୀନ୍ ହେଉଛି ଜାପାନ୍‌ର ସର୍ବବୃହତ୍ ବ୍ୟବସାୟିକ ଭାଗିଦାର । ତେଣୁ ପର୍ଯ୍ୟଟକମାନଙ୍କ ଉପରେ କଟକଣା ଲାଗୁ କରାଯିବା, ସାଂସ୍କୃତିକ ବର୍ଜନ, ଫିଲ୍ମ ପ୍ରଦର୍ଶନ ଉପରେ ନିଷେଧାଦେଶ ଭଳି କେତେକ ପ୍ରତୀକାତ୍ମକ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ମଧ୍ୟ ଜାପାନ୍‌ର ଅର୍ଥନୀତି ଉପରେ ଏକ ପରିମାପଯୋଗ୍ୟ ପ୍ରଭାବ ପକାଇବ, ନିର୍ଦ୍ଦିଷ୍ଟ ଭାବରେ ଏହାର ଖୁଚୁରା ବିକ୍ରୟ ଏବଂ ସେବା କ୍ଷେତ୍ର ଉପରେ । ଆଉ ଜାପାନ୍‌ର ଅର୍ଥନୀତିରେ ଯେ କୌଣସି ପ୍ରକାରର ଉତ୍‌ଥାନ ପତନର ପ୍ରଭାବ ପଡ଼ିବ ବିଶ୍ୱ ଅର୍ଥନୀତି ଉପରେ ।

ଏସିଆ ମହାଦେଶର ଅନ୍ୟତମ ମାନ୍ୟତାପ୍ରାପ୍ତ ଶକ୍ତି ଭାବରେ ଭାରତ ଉପରୋକ୍ତ ପ୍ରସଙ୍ଗରେ କେଉଁ ପାଣି କେଉଁ ଆଡ଼କୁ ଯାଉଛି, ତାହା ଉପରେ ଯଦିଓ ଆଖି ରଖିଛି, ତଥାପି ପୂର୍ବ ଏସିଆ ରାଜନୀତିକୁ ନେଇ ମଧ୍ୟ ଏହାର ଅବଶ୍ୟ ଚିନ୍ତା ଏବଂ ସ୍ୱାର୍ଥ ରହିଛି । କ୍ୱାଡ୍ ଗୋଷ୍ଠୀର ଏକ ସଦସ୍ୟ ରାଷ୍ଟ୍ର ଭାବରେ ତଥା ଉଭୟ ଚୀନ୍ ଏବଂ ଜାପାନ୍ ସହିତ ଏହାର ସମ୍ପର୍କ ଦୃଷ୍ଟିରୁ ଭାରତର ଭାରତ-ପ୍ରଶାନ୍ତ ମହାସାଗରରେ ସ୍ଥିରତା ଏବଂ ଶାନ୍ତି ବଜାୟ ରହିବାକୁ ନେଇ ପକ୍ଷ ରହିଛି । ଟୋକିଓର ଆଞ୍ଚଳିକ ସୁରକ୍ଷା ବାବଦରେ ମନୋଭାବ ଚୀନ୍‌ର ବିସ୍ତାରବାଦୀ ବ୍ୟବହାରକୁ ନେଇ ଭାରତର ନିଜସ୍ୱ ଚିନ୍ତା ସହିତ ମେଳ ଖାଇଥାଏ । ଜାପାନ୍ ଏକ କୌଶଳପୂର୍ଣ୍ଣ ସମଭାର ଭାବରେ କାର୍ଯ୍ୟ କରିଥାଏ, ଯାହା ଭାରତ ପାଇଁ ଲାଭଜନକ ହୋଇଥାଏ ଯେତେବେଳେ କି ଏକ ଦୁର୍ବଳ ଜାପାନ୍ ପୂର୍ବ ଏସିଆରେ ଭାରତର ସ୍ଥିତିକୁ ଗୌଣ ଦୃଷ୍ଟିରେ ଦେଖିଥାଏ । ସାମ୍ପ୍ରତିକ ସମୟରେ ଚୀନ୍ ଏବଂ ଜାପାନ୍ ମଧ୍ୟରେ ସ୍ଥିତି ଯେଭଳି ଲାଗି ରହିଛି, ସେ ଦୃଷ୍ଟିରୁ ଭାରତ ସେମାନଙ୍କ ମଧ୍ୟରେ ଏକ ଦୀର୍ଘକାଳୀନ ମୁହାଁମୁହିଁ ଅବସ୍ଥା ଲାଗି ରହିବାର ସମ୍ଭାବନା ପ୍ରତି ପ୍ରସ୍ତୁତ ରହିବା ଉଚିତ କାରଣ ଏହା ଯୋଗାଣ ଶୃଙ୍ଖଳ, ବ୍ୟବସାୟିକ ପ୍ରବାହ ଏବଂ ଏସୀୟ ରାଷ୍ଟ୍ରମାନଙ୍କର ଅର୍ଥନୀତିକ ବ୍ୟବସ୍ଥାକୁ ବିଗାଡ଼ିବା ଏକ ପ୍ରକାର ନିଧାର୍ଯ୍ୟ । ପରବର୍ତ୍ତୀ ସମୟରେ ସବୁକିଛି ଶୁଭଙ୍କର ହେବ ଯଦି ବେଜିଂ ଏବଂ ଟୋକିଓ ବାସ୍ତବବାଦୀ ଆଭିମୁଖ୍ୟ ଆପଣାନ୍ତି । ସେ ପର୍ଯ୍ୟନ୍ତ ଭାରତ ସତର୍କ ରହିବା ଅପରିହାର୍ଯ୍ୟ ।

# ମତେ ଆଣିବାର ନାମ ଜନ୍ମ ...

ମହିମା ଧର୍ମର ଜଣେ ପ୍ରସିଦ୍ଧ ଓ ସିଦ୍ଧ ସାଧୁ ଥିଲେ ବିଶ୍ୱନାଥ ବାବା । ସେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ଦିନେ ଜଣେ ଭକ୍ତ ତାଙ୍କୁ ପଚାରିଲା- 'କ'ଣ ପାଇଁ ଜଣେ ଲୋକ ଜନ୍ମ ହୁଏ ପୁଣି ମରିଯାଏ ?' ଜିଜ୍ଞାସୁଙ୍କୁ ବିଶ୍ୱନାଥ ବାବା କହିଲେ- 'ବାବା ! ମୁଁ ଏବକାର ଜୀବ ବିଜ୍ଞାନୀ ନୁହେଁ । ମୁଁ ତୁମରି ଭଳି ଜଣେ ମଣିଷ । ତୁମରି ଭଳି ମୁଁ ଆସିଛି, ଦିନେ ଯିବି । ତେବେ ମୁଁ କାହିଁକି ଆସିଛି, ଆଉ କାହିଁକି ମରିବି, ତାହା ମତେ ଜଣା ନାହିଁ । କେବଳ ଜାଣିଛି ଏ ସଂସାରକୁ ମୋତେ କେହି ଜଣେ ପଠାଇଛି । ମୋତେ ପଠାଇବା ବାଲା ଆଉ ଆଣିବା ବାଲା ଭିନ୍ନ ବ୍ୟକ୍ତି । କିଏ ପଠାଇଛି, ମୁଁ ଜାଣିନାହିଁ । କିନ୍ତୁ ଏ ସଂସାରକୁ ଆଣିଛନ୍ତି ମୋର ମା' ! ତେଣୁ ମା', ବାପା, ମାତୃଭୂମି, ମାତୃଭାଷା- ଏଇମାନଙ୍କ ସେବା ପାଇଁ ମୁଁ ଆସିଛି । ସଂସାରରୁ ମୋର କାମ ସରିଲେ ମୋତେ ଯିଏ ପଠାଇଛି, ସେ ପୁଣି ଫେରେଇ ନେବ । ମୋତେ ଆଣିବାର ନାମ ହେଉଛି ଜନ୍ମ । ଫେରସ୍ତ ନେଇଯିବାର ନାମ ହେଉଛି ମୃତ୍ୟୁ ।'

ପଦାରବିନ୍ଦ

କିଛି ବର୍ଷ ଅତିକ୍ରାନ୍ତ ହୋଇଛି । ବିଶ୍ୱନାଥ ବାବା ଜନ୍ମ ମୃତ୍ୟୁକୁ ନେଇ ତାଙ୍କ ଭାବନାର ମୋଡ଼ ବଦଳେଇ ଥିଲେ । ଦିନେ ଶ୍ରାବଣ ମାସରେ ଡଙ୍ଗାରେ ଆର ପାରିକୁ ଯିବା ପାଇଁ ବ୍ରାହ୍ମଣୀ ନଦୀ କୂଳରେ ଠିଆ ହୋଇଥିଲେ । ଡଙ୍ଗା ଭାର ସମ୍ଭାଳି ନପାରି ହଠାତ୍ ନଈ ମଝିରେ ବୁଡ଼ିଗଲା । ପହଁରି ଜାଣିଥିବା ମାତ୍ର ଦଶ ଜଣ ସୌଭାଗ୍ୟକ୍ରମେ ବଞ୍ଚି ଯାଇଥିଲେ । ବାକି ଚାଳିଶ ଜଣ ବୁଡ଼ି ମରିଥିଲେ । ଏ ଦୃଶ୍ୟ ଦେଖି ବିଶ୍ୱନାଥ ବାବା କହିଲେ- 'ପାଣି ଓ ପବନ ବିନା ମଣିଷ ବଞ୍ଚି ପାରିବନି । ଏହା ଆମ ଜୀବନକୁ ସୁରକ୍ଷା ଦେଉଛି । ନାକ ବାଟେ ପବନ ଯାଉଛି ଓ ଆସୁଛି । ଯେଉଁ ଦିନ ଯିବା ଆସିବା ବନ୍ଦ ହୋଇଯିବ, ସେହି ଦିନ ଆମେ ମରିଯିବା । ଯେଉଁ ପବନ ଯାଉଛି, ତାହା ଶୁଦ୍ଧ ପବନ । ଫେରିଲା ବେଳକୁ ଅଶୁଦ୍ଧ ହୋଇ ଫେରି ଆସୁଛି । ହୃଦୟ ଭିତରେ ଶୁଦ୍ଧ ଓ ଅଶୁଦ୍ଧର ଏଇ ଖେଳ ଚାଲିଛି । ପାଣି ବି ଠିକ୍ ସେମିତି ଶୁଦ୍ଧ ହୋଇ ଯାଏ, ମୂତ୍ରାଶୟ ଦେଇ ଅଶୁଦ୍ଧ ହୋଇ ଫେରେ । ଏ ଶରୀର ବି ଶୁଦ୍ଧ ଅଶୁଦ୍ଧର ଖେଳ । ଯେତେବେଳେ ଶୁଦ୍ଧ ଓ ଅଶୁଦ୍ଧ ଏକାକାର ହୋଇଯିବେ, ସେତେବେଳେ ଜୀବନ ଚାଲିଯିବ । ଯେଉଁ ପାଣି ଜୀବନ ରକ୍ଷା କରୁଥିଲା, ସେହି ପାଣିରେ ଲୋକ ବୁଡ଼ିଯିବାରୁ ଶୁଦ୍ଧ- ଅଶୁଦ୍ଧ ଏକାକାର ହୋଇଗଲା । ଶୁଦ୍ଧ ଦେହ ଧୀରେ ଧୀରେ ନାନା କୁକର୍ମ ଦ୍ୱାରା ଅଶୁଦ୍ଧ ହୋଇଯାଏ ।'

ବିଶ୍ୱନାଥ ବାବାଙ୍କର ଶେଷ ମତ ଥିଲା, ଶୁଦ୍ଧ ଦେହକୁ ଶୁଦ୍ଧ ପବନ ଯାଉ, ଶୁଦ୍ଧ ପାଣି ଯାଉ । ଯେଉଁ ଦିନ ଦେହ ଭିତରେ ଶୁଦ୍ଧ ପାଣି, ଶୁଦ୍ଧ ପବନ ଅଶୁଦ୍ଧ ହୋଇ ପୂରା ଅଶୁଦ୍ଧ ପାଣି, ଅଶୁଦ୍ଧ ପବନ ଭାବରେ ପଦାକୁ ବାହାରି ଆସିବ, ସେହି ଦିନ ଆମେ ବ୍ରହ୍ମଲୀନ ହୋଇଯିବା । ଏହି ଖେଳ ବୁଝିବା ପାଇଁ ବିଶ୍ୱ ନିୟନ୍ତା ଆମକୁ ଏ ସଂସାରକୁ ପଠାଇଛନ୍ତି ।

ନିତିଦିନ NITIDIN



## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ବ୍ୟାଳିଶମୌଜା,୩୦।୧୧/ଏନ୍ଏନ୍ଏସ୍:** ୪୨ ମୌଜା ସିପିଆଇ(ଏମ) ତରଫରୁ ଉତ୍କଳମଣି ଗୋପବନ୍ଧୁ ପ୍ରଜ୍ଞ ଆଶ୍ରମ ଏରଞ୍ଚ ଠାରେ ସମାଜସେବୀ, ସାହିତ୍ୟିକ ତଥା ସାରସ୍ୱତ ସାଧକ ଶ୍ୟାମ ସୁନ୍ଦର ଦାଶଙ୍କ ସ୍ମୃତିଚାରଣ ଓ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶରତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଇଂ. ମନମୋହନ ପତି, ବଦ୍ରିନାରାୟଣ ଦାଶ, ନିତ୍ୟାନନ୍ଦ ସାହୁ, ବିମଳ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ନିଜର ବକ୍ତବ୍ୟ ରଖିଥିଲେ। ମନମୋହନ ପତି ଶ୍ୟାମ ସୁନ୍ଦର ଦାଶଙ୍କୁ ବହୁମୁଖୀ ପ୍ରତିଭା, ତାଙ୍କ ମହାନ୍ ଆଦର୍ଶ ଉପରେ ଅନେକ ତଥ୍ୟ ଉପସ୍ଥାପନା କରିଥିଲେ। ଆଶ୍ରମର ସମସ୍ତ ଅନ୍ତେବାସୀମାନେ ଉପସ୍ଥିତ ଥିଲେ। ଅଭୟ ସ୍ୱାଇଁ ଧନ୍ୟବାଦ ଦେଇ ସଭା ସମାପ୍ତି କରିଥିଲେ।

# କାକଟପୁର ତହସିଲ୍ କମ୍ପ୍ୟୁଟରରେ ଟେକ୍ନିକାଲ୍ ତ୍ରୁଟି, ଲୋକେ ହନ୍ତସନ୍ତ

**କୁଣ୍ଢେଇ,୩୦।୧୧/ଏନ୍ଏନ୍ଏସ୍:** କାକଟପୁର ତହସିଲରେ କମ୍ପ୍ୟୁଟରରେ ଟେକ୍ନିକାଲ ତ୍ରୁଟି, ଯୋଗୁଁ ଭୁଲେଖ ଓ ଭୂନକ୍ସା ଅପଡେଟ ହେଉନଥିବାରୁ ଅସୁବିଧା ଭୋଗୁଛନ୍ତି ସାଧାରଣ ଲୋକ। ପୁରୀ ଜିଲ୍ଲା କାକଟପୁର ତହସିଲରେ କମ୍ପ୍ୟୁଟରିକରଣ ହୋଇ ଥିଲେ ମଧ୍ୟ ପୁର୍ବରୁ ପ୍ରଜାମାନଙ୍କୁ ଦିଆଯାଇଥିବା ହାତ ଲେଖା ପଟ୍ଟା ଭୁଲେଖରେ ସଂଶୋଧନ ହୋଇ ନାହିଁ କି ପାର୍ଟ ପ୍ଲଟ ଗୁଡିକ ଭୁନକ୍ସାରେ ସଂଶୋଧନ ହୋଇ ନାହିଁ। ୨୦୧୮ ମସିହାରୁ ଜମି ରେଜିଷ୍ଟ୍ରେସନ ପରେ ତହସିଲ ତରଫରୁ ସୋମୋଟ ମ୍ୟୁଟେସନ ପଟ୍ଟା ଦେବାକୁ ନିୟମ ହୋଇଛି।ଭୁଲେଖ, ଭୁନକ୍ସା ଓ ଟେକ୍ନିକାଲ ତ୍ରୁଟି କାରଣରୁ ଜମି ରେଜିଷ୍ଟ୍ରେସନ ପରେ ମ୍ୟୁଟେସନ କେଶ୍, କନଭର୍ସନ କେଶ୍ ଗୁଡିକ ଫାଇନାଲ ହୋଇ ପଟ୍ଟା ସଂଶୋଧନ ପାଇଁ ରେକର୍ଡ ରମକୁ ଯିବା ପରେ ସେହି ପଟ୍ଟା ଗୁଡ଼ିକୁ ସଂଶୋଧନ ହୋଇପାରୁନାହିଁ। ଫଳରେ କିଛି ଦିନ ପରେ ବା ପରବର୍ତ୍ତୀ ସମୟରେ ସହି କେଶ୍ ଗୁଡ଼ିକ ରିଜେକ୍ଟ କରି ଦିଆଯାଉଛି। ବାଜପୁର ଗାଁର ପ୍ରମିଳା ଦେଇ ୨୦୨୦ ମସିହାରେ ଜମି କିଣି ଦୁଇ ଦୁଇ ଥର ମ୍ୟୁଟେସନ କେଶ୍ କରିବା ପାଇଁ ଦରଖାସ୍ତ କରି ପଟ୍ଟା ପାଇବା ପାଇଁ ଆଦେଶ



ପାଇବା ପରେ ମଧ ତାଙ୍କ ଅଜାଣତରେ କେଶ୍ ଟିକୁ କିଛି ଦିନ ପରେ ରିଜେକ୍ଟ କରାଯାଇଥିବା ପ୍ରକାଶ କରିଛନ୍ତ। କିଛି କନଭର୍ସନ କେଶରେ କନଭର୍ସନ ଫିସ୍ ଲୋକମାନଙ୍କ ଠାରୁ ଆଦାୟ ପରେ ଫାଇନାଲ ହୋଇ ପଟ୍ଟ । ସଂଶୋଧନ ପାଇଁ ରେକର୍ଡ ରମକୁ ଯାଇ ଏରିଆ ମିସମ୍ୟାଚ ହେଉଥିବା କାରଣ ଦର୍ଶାଇ କେଶ୍ ରିଜେକ୍ଟ କରାଯାଇଛି। ଲୋକଙ୍କ ଠାରୁ କନଭର୍ସନ କେଶରେ ହଜାର ହଜାର ଟଙ୍କା କନଭର୍ସନ ଫିସ୍ ସରକାରଙ୍କ ପାଖରେ ଡିପୋଜିଟ ପରେ କେଶ ରିଜେକ୍ଟ ହୋଇଥିବାରୁ ଏହା କିପରି ଫେରି ପାଇବେ ସେ କଥା ଜାଣିନପାରି ଅଯଥା ହଇରାଣ ହେଉଛନ୍ତି। ମ୍ୟୁଟେସନ କେଶରେ ଅର୍ଡର ଗୋଟିଏ ଥିଲାବେଳେ ଆଉ ଗୋଟିଏ ପ୍ରକାର ପଟ୍ଟ । ଲୋକମାନଙ୍କୁ ଦିଆଯାଇଛି। ଭୁଲ ପଟ୍ଟା ଠିକ କରିବାକୁ ବର୍ଷ ବର୍ଷ ଧରି ତହସିଲକୁ ଦୌଡ଼ିବାକୁ ପଡୁଛି। ହାତ ଲେଖା ପଟ୍ଟା ଭୁଲେଖରେ ସଂଶୋଧନ କରାଯାଇ ନଥିବାରୁ ସେହି ପଟ୍ଟାରୁ ଅନ୍ୟ ଅଂଶୀଦାର ତାଙ୍କ ଜମି ବିକ୍ରି କଲେ ଭୁଲେଖର ନୂତନ ପଟ୍ଟାରେ ପୂର୍ବ ପ୍ରଜାଙ୍କ ନାମ ଆସୁନଥିବାରୁ ସେମାନେ ହାତଲେଖା ମାନୁଆଲ ପଟ୍ଟାକୁ ଧରି ଭୁଲେଖରେ ତାଙ୍କ ନାମ ଯୋଗ କରିବାକୁ ତହସିଲକୁ ଯାଇ ନିରାଶ ହେଉଛନ୍ତି। କାକଟପୁର ତହସିଲରେ ଭୁଲେଖ ଓ ଭୁନକ୍ସା ସଂଶୋଧନ କରିବାକୁ ତହସିଲରେ ଦରଖାସ୍ତ ଦେଲେ ମଧ କିଛି କାମ ହେଉ ନାହିଁ। ପୁରୁଣା ମ୍ୟୁଟେସନ କେଶ୍ ର ପାର୍ଟ ପ୍ଲଟ ଭୁନକ୍ସା ରେ ସଂଶୋଧନ ପାଇଁ କେଶ୍ ରେକର୍ଡ କପି ମାଗିଲେ କିମ୍ବା ଅନ୍ୟ କୌଣସି କାରଣ ପାଇଁ କେଶ୍ ରେକର୍ଡ କପି ଆର୍ ଟି ଆଇ ମାଧମରେ କେଶ୍ ରେକର୍ଡ କପି ମାଗିଲେ ସମ୍ପୃକ୍ତ କ୍ଲର୍କ କେଶ୍ ତାଙ୍କ ଚାର୍ଜଲିଷ୍ଟରେ କେଶ୍ ନଥିବା ତଥ୍ୟ ଦେଉଛନ୍ତି। ୨୦୧୮ ମସିହାରେ ଫାଇନାଲ ହୋଇଥିବା ମାନୁଆଲ କେଶ୍ର ନକଲ ମାଗିଲେ ମଧ ମିଳୁନାହିଁ। ଏଥିପ୍ରତି ଦୃଷ୍ଟି ଦେଇ ଲୋକମାନଙ୍କୁ ଉଚିତ ନ୍ୟାୟ ଦେବା ଏବଂ ଅଯଥା ଅସୁବିଧାରେ ନପକାଇବା ପାଇଁ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ରାଜସ୍ୱ ମନ୍ତ୍ରୀ, ସଚିବ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏଥିସହିତ କେଶ୍ ରେକର୍ଡ ଗୁଡିକର ତଦନ୍ତକରି ସମାଧାନ କରିବା ପାଇଁ ଦାବି କରିଛନ୍ତି।

## ବସ୍ତି ବାସିନ୍ଦାଙ୍କୁ ଶୀତବସ୍ତ୍ର ବିତରଣ




**ବ୍ୟାଳିଶମୌଜା,୩୦।୧୧/ଏନ୍ଏନ୍ଏସ୍:** କଟକ ସଦର ୪୨ ମୌଜା ବନ୍ତୁଣିଆ ସ୍ଥିତ ବସ୍ତି ବାସିନ୍ଦାଙ୍କୁ ଶୀତବସ୍ତ୍ର ବିତରଣ କରାଯାଇଛି। ଏଥିରେ 'ୟୁନିଅନ୍ ଫର୍ କଟକ ସଦର ଡେଭଲପମେଣ୍ଟ'ର ସଭାପତି ତଥା ସମାଜସେବୀ ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ୩୬ ରୁ ଉର୍ଦ୍ଧ୍ୱ ବସ୍ତି ବାସିନ୍ଦାଙ୍କୁ ଶୀତବସ୍ତ୍ର ବିତରଣ କରାଯାଇଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଛୋଟ ପିଲାମାନଙ୍କୁ ଖାଦ୍ୟ ସାମଗ୍ରୀ ବିତରଣ କରାଯାଇଛି। ଏଥିରେ ୪୦ରୁ ଉର୍ଦ୍ଧ୍ୱ କର୍ମୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ବିନୋଦ ବେହେରା, ଜୟନ୍ତ ଦାସ, ବରିଷ୍ଠ ସାମ୍ବାଦିକ ଦୀପକ ଆଚାର୍ଯ୍ୟ, ଚନ୍ଦନ ମହାନ୍ତି ଉପସ୍ଥିତ ରହିଥିଲେ। ସେହିପରି ଅଈନି ଗ୍ରାମ, କୂଳକଳପଡା ଗ୍ରାମ ରେ ୪୦ ଗରିବ ପରିବାରଙ୍କୁ ୩୦ ତାରିଖ ସନ୍ଧ୍ୟା ୬ ଘଟିକା ସମୟ ରେ ଶ୍ରୀ ନାୟକ ଶୀତବସ୍ତ୍ର ବିତରଣ କରିଥିଲେ। ଏଥିରେ କର୍ମୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗରେ ଶୋକ

**ଓଡ଼ଗାଁ,୩୦।୧୧/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ପାଇକରାୟ ସାହି ବାସିନ୍ଦା ତଥା ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ରଘୁନାଥ ଆଚାର୍ଯ୍ୟଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିବାବେଳେ ଗତ ରାତିରେ ତାଙ୍କର ମୃତ୍ୟ ଘଟିଥିବା ଜଣାପଡ଼ିଛି। ସ୍ୱର୍ଗତ ଆଚାର୍ଯ୍ୟ ଶିକ୍ଷକତା ସମୟରୁ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଥିବାବେଳେ ତାଙ୍କର ଶେଷକୃତ୍ୟ କୁରାଳ ଗାଁ ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ଏକମାତ୍ର ପୁତ୍ର ତଥା ଶିକ୍ଷକ ଶ୍ରୀଧର ଆଚାର୍ଯ୍ୟ ମୁଖାଗ୍ନି ଦେଇଥିଲେ। ମୃତ୍ୟୁବେଳକୁ ପାଖରେ ଝିଅ ଓ ପୁଅ, ବୋହୂ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ କୁରାଳ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମହାବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା



**କଣ୍ଟିଲୋ,୩୦।୧୧/ଏନ୍ଏନ୍ଏସ୍:** ଚାକିରି ଜୀବନ ଆରମ୍ଭରୁ ଅବସର ଅର୍ଯ୍ୟନ୍ତ୍ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟରେ ନିଜର କର୍ତ୍ତବ୍ୟ ସୁଚାରୁ ରୂପେ ତୁଲାଇ ସମସ୍ତଙ୍କର ପ୍ରିୟ ଭାଜନ ହୋଇଥିବା କିରାଣୀ କାମରାଜ ଦାସଙ୍କୁ ଆଜି ରବିବାର ଛୁଟି ଦିବସ ଥିବା ହେତୁ ଗତକାଲି କଲେଜ୍ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ୍ ଅଧକ୍ଷା ଡ. ନନ୍ଦିତା ବାରିକ ଙ୍କ ଅଧକ୍ଷତାରେ ଆୟୋଜିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭା ରେ କଲେଜ୍ର ସମସ୍ତ ଅଧାପକ, ଅଧାପିକା ଓ ସମସ୍ତ କର୍ମଚାରୀ ବୃନ୍ଦ ଯୋଗଦେଇ ଶ୍ରୀ ଦାସଙ୍କର ଗୁଣବଳି ବର୍ଣ୍ଣନା କରିବା ସହିତ ମାନପତ୍ର, ଉପଢ଼ୌକନ ଓ ଅବସରକାଳୀନ କିଟ୍ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିବା ସୂଚନା ମିଳୁଛି।

## ଚୁଡ଼ଙ୍ଗକଳିକା ଶିଶୁ ପ୍ରତିଭା ପ୍ରତିଯୋଗିତା



**ବାରଙ୍ଗ,୩୦।୧୧/ଏନ୍ଏନ୍ଏସ୍:** ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁର ଉ ପ୍ରା ବିଦ୍ୟାଳୟ ଓ ଜୟନ୍ତୀ ଦେବୀ ବିଦ୍ୟାପୀଠ ପରିସରରେ ବାରଙ୍ଗ ଚୁଡଙ୍ଗଗଡ ଶିକ୍ଷକ ସାହିତ୍ୟ ସଂସଦ, ଆନୁକୂଲ୍ୟରେ ରବିବାର ଚୁଡଙ୍ଗକଳିକା ଶିଶୁ ପ୍ରତିଭା ପ୍ରତିଯୋଗିତା-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ଉଭୟ କେନ୍ଦ୍ରରେ ବାରଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୫୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ସର୍ବକନିଷ୍ଠ, କନିଷ୍ଠ ଓ ବରିଷ୍ଠ ଭିତ୍ତିରେ ଚିତ୍ରାଙ୍କନ, ଶ୍ରୁତଲିଖନ,ପୌରାଣିକ ଗଳ୍ପ,କବିତା, ପ୍ରବନ୍ଧ ଲିଖନ ଓ କୁଇଜ ଆଦି ପ୍ରତିଯୋଗିତାମାନ କରାଯାଇଛି। ସଂସଦର କୋଷାଧ୍ୟକ୍ଷ ଶ୍ରୀନିବାସ ସେଠୀ ଓ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ଦଳେଇଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂସଦର ସଭାପତି, ସମ୍ପାଦକ, ଉପଦେଷ୍ଟା ମଣ୍ଡଳୀ, କର୍ମକର୍ତ୍ତାବୃନ୍ଦ ତଥା ସଭ୍ୟା ସଭ୍ୟମାନେ ପରିଚାଳନା କରିଥିଲାବେଳେ ଅଭିଭାବକମାନେ ସହଯୋଗ କରିଥିଲେ। ସଂସଦର ସୂଚନା ଅନୁସାରେ କୃତୀ ପ୍ରତିଯୋଗୀଙ୍କୁ ସଂସଦର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବାର ଯୋଜନା ହୋଇଛି।

## ରାଜ୍ୟସ୍ତରୀୟ ଭଲିବଲ୍ ଓ ହାଣ୍ଡବଲ୍ ପ୍ରତିଯୋଗିତାରେ ପ୍ରଜ୍ଞା ଓ ସୁଚିତ୍ରା

**କଣ୍ଟିଲୋ,୩୦।୧୧/ଏନ୍ଏନ୍ଏସ୍:** ଚଳିତ୨୦୨୫ ବର୍ଷର ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତା ପାଇଁ କଣ୍ଟିଲୋ କୁଞ୍ଜ ବିହାରୀ ନୋଡାଲ ହାଇସ୍କୁଲର ଦଶମ ଶ୍ରେଣୀର ଛାତ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା ଭଲିବଲ୍ ପାଇଁ ଓ ସୁଚିତ୍ରା ବେହେରା ହାଣ୍ଡବଲ୍ ପାଇଁ ଚୟନ ହୋଇଛନ୍ତି। ସୂଚନା ଅନୁଯାଇ ଉଭୟେ ବ୍ଲକସ୍ତରୀୟ ଓ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ସଫଳତା ହାସଲ କରିବା ପରେ ବିଦ୍ୟାଳୟ ସ୍ତରୀୟ ରାଜ୍ୟ କ୍ରୀଡା ପ୍ରତିଯୋଗିତା ପାଇଁ ଚୟନ ହୋଇ ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ସୁନାମ ଓ ଗୌରବ ଆଣିଛନ୍ତି। ବିଦ୍ୟାଳୟର କ୍ରୀଡା ଶିକ୍ଷକ ରାଜୀବ ଲୋଚନ ନାୟକ ଉଭୟ କ୍ରୀଡାବିତ୍ଙ୍କୁ ତାଲିମ ଦେଇଥିବା ଖବର ମିଳିଛି।

## ଦୁର୍ଘଟଣାରେ ମୃତ୍ୟୁ ପରେ ଦାନକଲେ ଦୁଇ ଆଖି



**ଖଣ୍ଡପଡ଼ା,୩୦।୧୧/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଯୋଗୀଆପଲ୍ଲୀ ଗ୍ରାମର ରଙ୍ଗବତୀ ପ୍ରଧାନ ଗତକାଲି ଗୁରୁବାର ମାଣବସା ଉପବାସ ସାରି ବାଇକ୍ ଯୋଗେ ନିଜ ଝିଅ ଘର ଭଗବାନପୁର ଗାଁକୁ ପିଠା ନେଇ ଯାଉଥିବା ବେଳେ ରାଣୀପଡା ଗ୍ରାମଠାରେ ଦୁର୍ଘଟଣା ଘଟିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଏମ୍ସଡାକ୍ତରଖାନା ପଠାଇ ଦେଇଥିଲେ। ସେଠାରେ ରଙ୍ଗବତୀଙ୍କ ମୃତ୍ୟୁ ହୋଇଥିଲା। ଫଳରେ ସ୍ୱାମୀ ବାନାମ୍ବର ପ୍ରଧାନ ଓ ପରିବାରବର୍ଗ ରଙ୍ଗବତୀଙ୍କ ଆଖି ଦୁଇଟି ଦାନ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ଖୋର୍ଦ୍ଧା,୩୦।୧୧/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା କଦଳୀବାଡ଼ି ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପମଞ୍ଜରୀ ବିଶ୍ୱାଳଙ୍କର ଆଜି ଅବସରକାଳୀନ ସମ୍ବର୍ଦ୍ଧନା ସଭା ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଏବିଓ ଭରତ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସନ୍ଧ୍ୟାବତୀ ଲେଙ୍କା ଯୋଗଦେଇ ଶ୍ରୀମତୀ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଉପସ୍ଥାପନ କରି ପ୍ରଶଂସା କରିଥିଲେ। ଶ୍ରୀମତୀ ବିଶ୍ୱାଳ ୧୯୮୯ ମସିହାରେ ଚାକିରି ଜୀବନ ଆରମ୍ଭ କରି ବାଜପୁର, ପୋଡ଼ାପୁଟ, ନିଆଳ, ଭାଲିଆବାଡ଼ି, ବ୍ଲକ ଆରଇଓ କଲୋନୀ, ଗଡ଼ଖୋର୍ଦ୍ଧା ପ୍ରାଥମିକ ବିଦ୍ୟାଳୟରେ ସଫଳତାର ସହ ଶିକ୍ଷକତା ଜୀବନ ଅତିବାହିତ କରି ଶେଷରେ କଦଳୀବାଡ଼ି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ପଦରୁ ଅବସର ନେଇଛନ୍ତି। ଏହି ଅବସରରେ ନବକିଶୋର ସାହୁ, ପ୍ରଶାନ୍ତ ବେହେରା ପ୍ରମୁଖ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ମହିଳା ଓ ଶିଶୁ ସ୍ୱାସ୍ଥ୍ୟ ସମ୍ପର୍କିତ କର୍ମଶାଳା



**କଣାସ,୩୦।୧୧/ଏନ୍ଏନ୍ଏସ୍:** କଣାସ ବ୍ଲକ ପଟଯୋଶିପୁର ଗ୍ରାମର ଯୁବ ଜ୍ୟୋତି ସେବା ପ୍ରତିଷ୍ଠାନ ପରିସରରେ ଆଜି ମହିଳା ଓ ସ୍ୱାସ୍ଥ୍ୟ ଓ ଶିଶୁ ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବକୁ ପଞ୍ଚାୟତର ଶତାଧିକ ମହିଳା ଶିଶୁ ଯୋଗଦେଇଥିଲେ। ମହିଳାମାନଙ୍କର ପ୍ରଜନନ ସ୍ୱାସ୍ଥ୍ୟ, ଶିଶୁ ସ୍ୱାସ୍ଥ୍ୟ ତଥା କିଶୋରୀ ବାଳିକା ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ଦିଗ ଉପରେ ଆଲୋକପାତ କରାଯାଇଥିଲା। ସର୍ବପରି ଜନସଂଖ୍ୟା ହ୍ରାସ, ଶିଶୁ ଓ ମାତୃ ମୃତ୍ୟୁହାର କିପରି ରୋକା ଯାଇପାରିବ ତାହା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ଉପସ୍ଥିତ ଥିବା ମହିଳାମାନେ ସେମାନଙ୍କର ସମସ୍ୟା ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିଶୁ ଓ ମହିଳାମାନଙ୍କ ଭିତରେ ସ୍ୱାସ୍ଥ୍ୟ ସଂପର୍କିତ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କର୍ମଶାଳାରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ଜଗଦେବ, ସଂପାଦକ ଦୁର୍ଗାଶଙ୍କର ମହାପାତ୍ର, ଲିଙ୍ଗରାଜ ମିଶ୍ର, ରାମଚନ୍ଦ୍ର ସ୍ୱାଇଁ, ଦେବଦତ୍ତ ମିଶ୍ର, ଦିବାକାର ମିଶ୍ର, ପ୍ରିୟରଂଜନ ନନ୍ଦ, ସବିତା ମହାପାତ୍ର, ମମତା ମହାପାତ୍ର, ତାରାଶଙ୍କର ମହାପାତ୍ର, ସୁକାନ୍ତ ମହାପାତ୍ର, ରମାରଂଜନ ମହାପାତ୍ର ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ। ଓ୍ୱାର୍ଡମେମ୍ବର ସସ୍ମିତା ଦାସ, ଅଙ୍ଗନବାଡି କର୍ମୀ କଳ୍ପନା ପତି, ଆଶାକର୍ମୀ ଦେବପ୍ରଭା ପଣ୍ଡା ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ମହିଳାମାନଙ୍କୁ ସ୍ୱାସ୍ଥ୍ୟ କିଟ୍, ପିଲାମାନଙ୍କୁ ଶିକ୍ଷା କିଟ୍ ପ୍ରଦାନ କରାଯାଇଥିଲା।

## ଅଟଳ ସେନା ପ୍ରତିଷ୍ଠା ଉତ୍ସବ ପ୍ରସ୍ତୁତି ବୈଠକ

**ସାଲେପୁର,୩୦।୧୧/ଏନ୍ଏନ୍ଏସ୍:** ଅଟଳ ସେନା ତରଫରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ୧୦୧ତମ ଜୟନ୍ତୀ ଓ ଅଟଳ ସେନା, ଓଡ଼ିଶାର ୨୬ ତମ ପ୍ରତିଷ୍ଠା ଦିବସ ଆସନ୍ତା ୨୫ ତାରିଖରେ ପାଳନ ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ସାଲେପୁରସ୍ଥ ଶାରଳା ମଣ୍ଡପ, ସପନପୁର ଠାରେ ଅଟଳ ବୁଦ୍ଧିଜୀବୀ ସଙ୍ଘର ରାଜ୍ୟ ସଭାପତି ଡଃ ଉମେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉପରୋକ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଏକ କୋର୍ କମିଟି ଗଠନ କରାଯାଇଛି। ବୈଠକରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା କରାଯିବା ସହ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ଅଟଳ ରତ୍ନ, ଅଟଳ ସାରସ୍ୱତ ସମ୍ମାନ, ଅଟଳ ଜ୍ୟୋତି, ଅଟଳ କ୍ରୀଡ଼ା ସମ୍ମାନ ସହ ଅଟଳ ସହିଦ୍ ସମ୍ମାନ ପ୍ରଦାନ କରାଯିବା ପାଇଁ ସ୍ଥିର କରାଗଲା। ଉକ୍ତ ବୈଠକରେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ଉପଦେଷ୍ଟା ଡଃ ପୂର୍ଣ୍ଣଚନ୍ଦ୍ର ଓଝା, ଉପାଧ୍ୟକ୍ଷ ଗୌତମ ରାୟ ଚୌଧୁରୀ, ମହିଳା ସଂଘ ସଂପାଦିକା ନାଗମଣି ସ୍ୱାଇଁ, ମିନତୀ ନାୟକ, ବିନତୀ ପ୍ରଧାନ, ଧ୍ରୁବାନନ୍ଦ ଶରଣ, ଭିକାରୀ ଚରଣ ବେହେରା , କବୀର୍ ପ୍ରସାଦ ସାମଲ, ତାପସ ରଂଜନ ତ୍ରିପାଠୀ, ମାନସ ରଞ୍ଜନ ଦାଶ, ବରିଷ୍ଠ ବିଜେପି ନେତା କୁଞ୍ଜ ମୋହନ ସେଠୀ, କବି ଚନ୍ଦ୍ରମଣି ଭୂୟାଁ, ଅଟଳ ଯୁବ ସଂଘ ସଂପାଦକ ସନ୍ତୋଷ ସାମଲ, ଅଶ୍ୱିନୀ କୁମାର ମହାପାତ୍ର, କେଶବ ଚନ୍ଦ୍ର ସେଠୀ, ଅମିୟ ରଞ୍ଜନ ଦାସ, ଅନନ୍ତ ଚରଣ ଦାସ, ରଶ୍ମୀରଞ୍ଜନ ପରିଡ଼ା, ରମେଶ ଚନ୍ଦ୍ର ନାଥ, ରୁଦ୍ର ପ୍ରସାଦ ସାମଲ, କୃଷ୍ଣଚନ୍ଦ୍ର ବାରିକ୍, ହିମାଦ୍ରି ଭୂଷଣ ମିଶ୍ର ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ଉପଦେଷ୍ଟା ଶିକ୍ଷାବିତ୍ ଅଶୋକ କୁମାର୍ ସ୍ୱାଇଁ ଧନ୍ୟବାଦ୍ ଦେଇଥିଲେ।

## ନକଲି ସାମଗ୍ରୀ ବିକ୍ରି ଅଭିଯୋଗରେ ହାର୍ଡ଼ୱେୟାର ଦୋକାନରେ ଚଢ଼ଉ

**ଚୌଦ୍ୱାର,୩୦।୧୧/ଏନ୍ଏନ୍ଏସ୍:** ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ ଛକ ନିକଟରେ ଥିବା ଜଗନ୍ନାଥ ଟ୍ରେଡର୍ସ ନାମକ ଏକ ହାର୍ଡ଼ୱେୟାର ଦୋକାନ ଉପରେ ଆଜି ଚୌଦ୍ୱାର ପୁଲିସ୍ ଚଢ଼ଉ କରିଥିଲା। ସୂଚନାରୁ ପ୍ରକାଶ ଯେ, ଜିନ୍ଦଲ କମ୍ପାନୀ ନାମରେ ନକଲି ଟିଣ ଚାଦରକୁ ବିକ୍ରି କରୁଥିବା ଅଭିଯୋଗରେ କମ୍ପାନୀ ପକ୍ଷରୁ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ପରେ ଚୌଦ୍ୱାର ପୁଲିସ୍ ଓ କମ୍ପାନୀ କର୍ତ୍ତୃପକ୍ଷ ଜଗନ୍ନାଥ ଟ୍ରେଡର୍ସ ଉପରେ ଚଢ଼ାଉ କରିବା ସହ ଦୋକାନରେ ଥିବା ଗଚ୍ଛିତ ୧୦୦ରୁ ଉର୍ଦ୍ଧ୍ୱ ନକଲି ଟିଣ ଚାଦରକୁ ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଅପରପକ୍ଷରେ ଦୋକାନର ମାଲିକଙ୍କୁ ପଚାରିବାରୁ ସେ ଏହି ଟିଣ ଚାଦରକୁ ଜାରକା ଓ ଜଗତ୍ପୁରରେ ଥିବା ଡିଲରଙ୍କ ଠାରୁ ଜିଏସ୍ଟି ବିଲ ମାଧ୍ୟମରେ କିଣିଥିବା ନେଇ ପ୍ରକାଶ କରିଥିଲେ। ତେଣୁ ଉକ୍ତ ଟିଣ ଚାଦର ନକଲି କି ଅସଲି ତାଙ୍କ ଦ୍ୱାରା ଜାଣିବା ସମ୍ଭବପର ହୋଇପାରିନାହିଁ। ଏ ସଂକ୍ରାନ୍ତରେ କାହାକୁ ଗିରଫ୍ କରାଯାଇ ନଥିବା ବେଳେ ଘଟଣାର ତଦନ୍ତ ଜାରି ରହିଛି।

## ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଉଦ୍ୟମ, ଯୁବକ ଗିରଫ

**କଣାସ,୩୦।୧୧/ଏନ୍ଏନ୍ଏସ୍:** କଣାସ କଲେଜରେ କ୍ଲାସ ସାରି ଘରକୁ ଯିବା ବାଟରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ଜନୈକ ନାବାଳିକା ଛାତ୍ରୀଙ୍କୁ(୧୭ ବର୍ଷ) ଜଟଣୀ ଥାନା ଅନ୍ତର୍ଗତ ଜୋରକଣି ବୁଢ଼ାଂଗାରା ଗ୍ରାମର ସୁଦେଇ ଓରଫ ପ୍ରଭାସ ପ୍ରଧାନ ନାମକ ଜଣେ ଯୁବକ ରାସ୍ତାରେ ଅଟକାଇ ଅସଦାଆଚରଣ କରିବାକୁ ଚେଷ୍ଟା କରିଥିଲେ। ପାଟି କଲେ ମାରିଦେବି ବୋଲି ଧମକ ଦେଇ ବାହା ହେବାର ଧମକ ବି ଦେଇଥିଲେ। ନାବାଳିକାର ସାଇକେଲକୁ ଫିଙ୍ଗି ଦେଇ ତାଙ୍କୁ ଟଣାଓଟରା କରିବା ବେଳେ ଛାତ୍ରୀଜଣକ ତାଙ୍କ ଭାଇକୁ ଫୋନକରି ଡାକିଥିଲେ। ଭାଇ ଆସିବା ଜାଣି ଅପରାଧୀ ଘଟଣାସ୍ଥଳରୁ ବାଇକ୍ ଯୋଗେ ଖସି ପଳାଇ ଯାଇଥିଲା। ସମ୍ପୃକ୍ତ ନାବାଳିକା କଣାସ ଥାନାରେ ଜଣାଇବା ପରେ ଆଇଆଇସି ନିଜେ ଘଟଣାର ତଦନ୍ତ ଦାୟିତ୍ୱ ନେଇ ପୁଲିସ ଟିମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉକରି ଆଜି ସକାଳୁ ଆସାମୀ ପ୍ରଭାସ ପ୍ରଧାନକୁ ମନ୍ଦାରବସ୍ତି ନିକଟରୁ ଗିରଫ କରିଥିଲେ। ଏ ସଂକ୍ରାନ୍ତରେ କଣାସ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତାଧୀନ ଅଛି।

## ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା

**ସାଲେପୁର,୩୦।୧୧/ଏନ୍ଏନ୍ଏସ୍:** ସାଲେପୁର ବ୍ଲକ ଅନ୍ତର୍ଗତ ଚନ୍ଦ୍ରାଦେଇପୁର ପଞ୍ଚାୟତର ଲୁଣାହାର ଗ୍ରାମ ମଲ୍ଲସାହି ଠାରେ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ହୋଇଯାଇଛି। ଲୁଣାହାର ମଲ୍ଲସାହି କେନାଲ କୂଳରେ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗତ ୨୬ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଚାରିଦିନ ଧରି ନୂତନ ମନ୍ଦିର ପ୍ରତିଷ୍ଠା ଓ ପ୍ରଭୁ ପଞ୍ଚମୁଖୀ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା ଏବଂ ରୀତିନୀତି ଅନୁଯାଇ ପୂଜାପାଠ କରାଯାଇଥିଲା । ଚନ୍ଦ୍ରାଦେଇପୁର ଓ ଲୁଣାହାର ଗ୍ରାମବାସୀଙ୍କ ସମେତ ଆଖପାଖ ଗ୍ରାମରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରତିଦିନ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ। ପ୍ରତିଦିନ ପ୍ରସାଦ ସେବନ ଓ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା। ଅନ୍ତିମ ଦିବସରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମନ୍ଦିର ପ୍ରତୀଷ୍ଠା ଉତ୍ସବରେ ଯୋଗଦେଇ ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ ।ଏହି ନୂତନ ପଞ୍ଚମୁଖୀ ହନୁମାନଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଗ୍ରାମବାସୀ ମାନେ ସମସ୍ତ ପ୍ରକାର ସହଯୋଗ କରିଥିଲେ।

## ଶିକ୍ଷକଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା




**ଡେଲାଙ୍ଗ,୩୦।୧୧/ଏନ୍ଏନ୍ଏସ୍:** ବରକେରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସେଠୀଙ୍କ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ଯୁଧିଷ୍ଠିର ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ପ୍ରଧାନ, ଚିତରଞ୍ଜନ ସ୍ୱାଇଁ, ପ୍ରମୋଦ କୁମାର ପରିଡା, ଆର୍ତ୍ତତ୍ରାଣ ମିଶ୍ର, ଶରତ ଚନ୍ଦ୍ର ମିଶ୍ର, ବର୍ଷିୟାନ ସାମ୍ବାଦିକ ପ୍ରସନ୍ନ ତ୍ରିପାଠୀ, ପ୍ରାକ୍ତନ ଶିକ୍ଷକ ସଂଘ ସଭାପତି ପ୍ରହଲ୍ଲାଦ ସ୍ୱାଇଁ, ସତ୍ୟବାଦୀ ବ୍ଲକର ଏବିଇଓ ଛାଟୋଇ ମୋତିଲାଲ ରାୟ, ଜିଉଦୟଗିରିରୁ ନିବେଦିତ ପ୍ରଧାନ, ବ୍ରହ୍ମାନନ୍ଦ ନାୟକ,ପ୍ରାକ୍ତନ ଏବିଇଓ ଶ୍ୟାମସୁନ୍ଦର ଦାସ, ଶିକ୍ଷାବିତ୍ ଗୋଲଖ ବରାଳ, ଶ୍ରୀଧର ପ୍ରଧାନ, ଜଟାଧାରୀ ପରିଡା,ନିରଞ୍ଜନ ସାହୁ, ଆଲୁମିନା କମିଟି ସଭାପତି ପ୍ରଭାସ ପରିଡା, ପରିଚାଳନା କମିଟି ସଭାପତି ପବିତ୍ର ମୋହନ ପରିଡା,ସିଆରସିସି ତପନ ମଲ୍ଲିକ୍, ଦିଲିପ ନାୟକ, ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟଚରଣ ସାହୁ, ଫକିର ଦାଶ, ପ୍ରଭାତ ସେଠୀ, ସମାଜସେବୀ ପ୍ରହଲ୍ଲାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଅଭିଭାବକ ଓ ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟର ସାମଗ୍ରୀକ ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିବା ସହିତ ବିଦାୟୀ ଶିକ୍ଷକ ଶ୍ରୀ ସେଠୀଙ୍କ ବିଦ୍ୟାଳୟ ପ୍ରତି ଅବଦାନ ଓ ବହୁମୁଖୀ ସୁଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ ।ଶିକ୍ଷକ ମହେନ୍ଦ୍ର ଦାଶ ଓ ଶିକ୍ଷୟିତ୍ରୀ କଳ୍ପନା ମିଶ୍ର ସଭା ସଂଯୋଜନା କରିଥିବା ବେଳେ ପରିବେଶ ପ୍ରେମୀ ତଥା ଶିକ୍ଷାବିତ୍ ମିଟୁ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟ, ପୁରାତନଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ଶିକ୍ଷକ ବଂଶିଧର ମହାପାତ୍ର, ବିରଞ୍ଚି ନାରାୟଣ ବରାଳ, ପୁରୁଷୋତ୍ତମ ନାୟକ, ସୁଧିର କୁମାର ଜେନା, ଶିକ୍ଷୟିତ୍ରୀ ମଞ୍ଜୁଲତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅପରାହ୍ନରେ ଜିଉଦୟଗିରିର ଶିକ୍ଷକ ମନମୁଗ୍ଧକର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ୟଙ୍ଗ୍‌ଫୋନିକ୍ସ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ନୟାହାଟ,୩୦।୧୧/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଯୋଗେଶ୍ୱରପୁରଠାରେ ଥିବା ୟଙ୍ଗ ଫୋନିକ୍ସ ଇଂରାଜୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଗୋପୀକାନ୍ତପୁର ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ ଶନିବାର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଳକ ବିଭାଗର ଆଇଶ୍ୱ ସୁଭାଦର୍ଶନ କାଣ୍ଡୀ ଓ ବାଳିକା ବିଭାଗର ଶୁଭଲକ୍ଷ୍ମୀ ସ୍ୱାଇଁ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରା ନନ୍ଦ ପାତ୍ର ସମ୍ମାନିତ ଅତିଥି ଭାବେ ଗୋପୀକାନ୍ତପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ଅବଦୁଲ ବର୍କତ ଖାଁ, ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ତ୍ରିଲୋଚନ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଦେବସ୍ମିତା ମହାନ୍ତି । ସ୍ୱପ୍ନସାଗରିକା ପଣ୍ଡା, ଯୋଷ୍ନା ନାୟକ, ଫିଜା ଅର୍ଫିନ, ଷ୍ଟାଲାଇନ୍ ପ୍ରିୟଦର୍ଶନ, କ୍ରୀଷ୍ଣା ବାରିକ, ସୌଭାଗ୍ୟଲକ୍ଷ୍ମୀ ସାହୁ, ମାମାଲି ବେହେରା, ଅକ୍ଷୟ ପରିଡା ପ୍ରମୁଖ ଖେଳରେ ସହଯୋଗ କରିଥିବା ବେଳେ ସହକାରୀ ଶିକ୍ଷକ ଲିପ୍ସା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


## ବ୍ରିକ୍ସ-ଏଜିଏସି ସଂଘର କାଉନସିଲ୍ ସଦସ୍ୟ ହେଲେ ପ୍ରଦ୍ୟୁମ୍ନ ସାହୁ



**ଖଣ୍ଡପଡ଼ା,୩୦।୧୧/ଏନ୍ଏନ୍ଏସ୍:** ହାଇଦ୍ରାବାଦ ସ୍ଥିତ ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି ଆଣ୍ଡ ସାଇନ୍ସରେ ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନ କୁମାର ସାହୁ ଭାରତ ସମେତ ୫ଟି ଦେଶକୁ ନେଇ ଗଠିତ ବ୍ରିକ୍ସ-ଏଜିଏସ ସଂଘର କାଉନସିଲ ସଦସ୍ୟ ଭାବେ ମନୋନୀତ ହୋଇଥିବା ଜଣାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ବୈଜ୍ଞାନିକ ଶ୍ରୀ ସାହୁଙ୍କ କାର୍ଯ୍ୟକାଳ ଆସନ୍ତା ୨୦୨୬ ଜାନୁୟାରୀ ୧ ତାରିଖରୁ ଆରମ୍ଭ ହେବ ଓ ସେ ୪ ବର୍ଷ ଧରି କାର୍ଯ୍ୟ କରିବେ ବୋଲି ଜଣାପଡିଛି। ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ସହ ମାଡ୍ରାସ ଆଇଆଇଟିର ପ୍ରଫେସର ଏଲ ଶ୍ରୀରାମ କୁମାର,ଦିଲ୍ଲୀ ଆଇଆଇଟିର ପ୍ରଫେସର ସୁପ୍ରିତ ସିଂହ ଓ ଗାନ୍ଧୀନଗର ଆଇଆଇଟିର ପ୍ରଫେସର ସୁଦୀପ୍ତ ସର୍କାର ମଧ ଭାରତ ପକ୍ଷରୁ ଉକ୍ତ କାଉନସିଲରେ ସଦସ୍ୟ ଭାବେ ପ୍ରତିନିଧିତ୍ୱ କରିବେ ବୋଲି ସୂଚନା ମିଳିଛି। ପୃଥିବୀର ୫ଟି ଦେଶ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ଗଠିତ ବ୍ରିକ୍ସ-ଏଜିଏସି ସଂଘର କାର୍ଯ୍ୟକଳାପ ମୁଖ୍ୟତଃ ମାଧ୍ୟାକର୍ଷଣ, ଜ୍ୟୋତିର୍ବିଜ୍ଞାନ ଓ ବ୍ରହ୍ମାଣ୍ଡ ବିଜ୍ଞାନ କ୍ଷେତ୍ରରେ ବୈଜ୍ଞାନିକ ସହଯୋଗ ଓ ଗବେଷଣା ଉପରେ ପର୍ଯ୍ୟବେସିତ ବୋଲି ଜଣାପଡିଛି। ଉପରୋକ୍ତ ୫ ଟି ଦେଶର କାର୍ଯ୍ୟରତ ବୈଜ୍ଞାନିକ,ଗବେଷକମାନଙ୍କୁ ସହଯୋଗ କରିବା ସହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ଏ ସମ୍ବନ୍ଧୀୟ ଜ୍ଞାନର ଆଦାନ ପ୍ରଦାନ କରିବାରେ ମନୋନୀତ କାଉନସିଲ ସଦସ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ଜଣାପଡିଛି। କାଉନସିଲ ସଦସ୍ୟ ଭାବେ ଖଣ୍ଡପଡ଼ା ମାଟିର ପୁଅ ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ନାମ ସ୍ଥାନ ପାଇଥିବାରୁ ନୟାଗଡ ଜିଲ୍ଲାବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ବୈଜ୍ଞାନିକ ପ୍ରଫେସର ପ୍ରଦ୍ୟୁମ୍ନଙ୍କ ଘର ନୟାଗଡ ଜିଲ୍ଲାର ଖଣ୍ଡପଡ଼ା ବ୍ଲକ ଅଧିନ ଜଗନ୍ନାଥପ୍ରସାଦ ପଞ୍ଚାୟତର କୁଆହାରା ଗ୍ରାମରେ ହୋଇଥିବା ବେଳେ ମାଟିର ପୁଅ ପ୍ରଦ୍ୟୁମ୍ନଙ୍କୁ ନେଇ ଗ୍ରାମବାସୀ ବେଶ ଗର୍ବ ଅନୁଭବ କରିଛନ୍ତି। ଏବେ ବିଭିନ୍ନ ମହଲରୁ ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀସ୍ତରରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ବୈଜ୍ଞାନିକ ଶ୍ରୀସାହୁଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଥିବା ଜଣାଯାଇଛି। ବୈଜ୍ଞାନିକ ପ୍ରଦ୍ୟୁମ୍ନ କୁଆହରା ଗ୍ରାମର ଦାମୋଦର ସାହୁଙ୍କ ପୁଅ ବୋଲି ଜଣାପଡିଛି।

# ପ୍ରଦୂଷଣ ଓ ରାସ୍ତାଘାଟ ସମସ୍ୟାରେ ତାଳଚେରବାସୀ ହନ୍ତସନ୍ତ





**ତାଳଚେର,୩୦।୧୧/ଏନ୍ଏନ୍ଏସ୍:** ତାଳଚେରରେ ବର୍ଷ ବର୍ଷ ଧରି ପ୍ରଦୂଷଣ ଓ ରାସ୍ତାଘାଟ ଜନିତ ସମସ୍ୟା ରହିଥିଲେ ସୁଦ୍ଧା ଏହାର ନିରାକରଣ ଅଦ୍ୟାବଧି ହୋଇନପାରିବା ଏକ ଉଦ୍‌ବେଗ ବିଷୟ ପାଲଟିଛି। ତାଳଚେର ବ୍ଲକ୍‌ର ତାଳବେଡ଼ାରୁ ଚାଇଁପାଳ ଦେଇ ବଆଁରପାଳ ଯାଇଥିବା ଜାତୀୟ ରାଜପଥରେ ଯାତାୟାତ କରିବା ଯମ ଯନ୍ତ୍ରଣା ପାଲଟିଛି। ରାସ୍ତାପାର୍ଶ୍ୱରେ ରହିଥିବା ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଲୋକେ ଦୀର୍ଘ ବର୍ଷ ହେବ ରାସ୍ତାରୁ ଉଡୁଥିବା ପ୍ରଚୁର କୋଇଲା ଗୁଣ୍ଡ ମିଶ୍ରିତ ଧୂଳିଧୂଆଁରେ ଅଣନିଶ୍ୱାସୀ ହେବାସହ ଦୈନିକ ଦୁର୍ଘଟଣା ଶିକାର ହେଉଥିବା ଘଟଣା ଅଞ୍ଚଳବାସୀଙ୍କୁ ବ୍ୟଥିତ କରୁଛି। ଏଠାରେ ପୂର୍ବରୁ ଅନୁଗୋଳ ଜିଲ୍ଲାପାଳ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧୂଳିଧୂଆଁ ଟ୍ରାଫିକ୍ ବ୍ୟବସ୍ଥା ନେଇ ନୋ ଏଣ୍ଟ୍ରି ଓ ଭାରୀଯାନ ଗୁଡ଼ିକ ୨୦ କିମି ବେଗରେ ଯିବାରୁ ସ୍ପଷ୍ଟଭାବେ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଲୋକଙ୍କୁ ସେହି ନୋ ଏଣ୍ଟ୍ରି ସମୟରେ ଯାତାୟତ କରିବାକୁ ସୁବିଧା ହେଉଥିଲା। ମାତ୍ର ବର୍ତ୍ତମାନ ପରିସ୍ଥିତିରେ ଏହାକୁ ହେୟ ମନେକରି ଟ୍ରକ୍ ଗୁଡ଼ିକ ଦ୍ରୁତ ଗତିରେ ଏହି ଜାତୀୟ ରାଜପଥରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ତେଲ ପକାଇବା ତଥା ମରାମତି କରିବା ନାମରେ ରାଜପଥ ପାର୍ଶ୍ୱରେ ମନଇଚ୍ଛା ରଖିବା ଯୋଗୁ ରାସ୍ତା ସଙ୍କୁଚିତ ହେବାରୁ ଦୁର୍ଘଟଣା ମାତ୍ରା ବୃଦ୍ଧି ପାଉଛି। ଦୈନିକ ଶହ ଶହ ଟ୍ରକ୍ ଯାତାୟାତ ଯୋଗୁ ତାଳଚେର ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ସାଙ୍ଗକୁ ୧୩ କିମି ରାସ୍ତାକୁ ଅତିକ୍ରମ କରିବାକୁ ପ୍ରାୟ ୪ରୁ ୫ ଘଣ୍ଟା ଲାଗିଯାଉଛି। ବେଳେ ବେଳେ ଜରୁରିକାଳୀନ ଗାଡ଼ି ଯଥା ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ୍ ଓ ଅଗ୍ନିଶମ ଗାଡ଼ି ଗୁଡ଼ିକ ମଧ୍ୟ ଏହି ରାସ୍ତାରେ ଯାଇନପାରି ଦୀର୍ଘ ସମୟଧରି ଅପେକ୍ଷା କରୁଥିବା ଲକ୍ଷ୍ୟ କରାଯାଉଛି।

ପ୍ରକାଶଥାଉକି ତାଳଚେର ଉପଖଣ୍ଡରେ ବିଭିନ୍ନ କୋଇଲା ଖଣି, ଏନ୍‌ଟିପିସି, ଡେରେଙ୍ଗ ଓ ଜିନ୍ଦଲ୍ ଆଦି ଶିଳ୍ପାନୁଷ୍ଠାନ ରହିଛି। ଏହି କୋଇଲା ଖଣିରୁ ଓ ଏନ୍‌ଟିପିସି ଜିନ୍ଦଲ୍‌ରୁ ହଜାର ସଂଖ୍ୟକ କୋଇଲା ଓ ପାଉଁଶ ବୋଝେଇ ଟ୍ରକ୍ ଏହି ଜାତୀୟ ରାଜପଥ ଉପରେ ଚଳପ୍ରଚଳ କରିଥାନ୍ତି। ଫଳତଃ ଟ୍ରକ୍ ଗୁଡ଼ିକରୁ ଆସୁଥିବା କୋଇଲା ଗୁଣ୍ଡ ଓ ଧୂଳିଧୂଳିଆଁରେ ଜାତୀୟ ରାଜପଥଟିକୁ ସମ୍ପୂର୍ଣ୍ଣଭାବେ ପ୍ରଦୂଷିତ କରୁଛି। ସାଇକେଲ୍ କିମ୍ବା ବାଇକ୍ ଆରୋହୀ ପ୍ରଚୁର ଧୂଳିରେ ଅଣନିଶ୍ୱାସୀ ହେବାସହ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଏପରିକି ରାସ୍ତାରପାର୍ଶ୍ୱରେ ତାଳବେଡ଼ା ଗ୍ରାମରୁ ଆରମ୍ଭକରି ଚାଳକିଆକୁଟା, ତାଳଚେର କଲେଜ, ବାଇପାସ୍ ଛକ, ବହ୍ଲ, ଥର୍ମାଲ୍, ଆନନ୍ଦ ବଜାର ଓ ଚାଇଁପାଳ ପର୍ଯ୍ୟନ୍ତ ଏହି ଉଡୁଥିବା କୋଇଲା ଧୂଳି ଓ ଗୁଣ୍ଡ ଉଡ଼ି ଭାତହାଣ୍ଡିରେ ପଡୁଥିବା ଅଭିଯୋଗ ହୋଇଆସୁଛି। ଏହାର ପ୍ରତିକାର ନିମନ୍ତେ ଅଞ୍ଚଳବାସୀ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳିପାରୁନଥିବା ଅଭିଯୋଗ ହେଉଛି। ଏହି ଜାତୀୟ ରାଜପଥ ଦେଇ ମନ୍ତ୍ରୀ, ସାଂସଦ, ବିଧାୟକ, ପ୍ରଶାସନିକ ଅଧିକାରୀ, ଏନ୍ଏଚ୍ଆଇ ଓ ପ୍ରଦୂଷଣ ବିଭାଗର ବାବୁମାନେ ଚଳପ୍ରଚଳ କରୁଥିଲେ ମଧ୍ୟ ସମସ୍ୟା ସମାଧାନ କରିବାକୁ କେହି ବି ଚେଷ୍ଟିତ ନାହାନ୍ତି। ତେବେ ତାଳଚେରରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚୁର ରାଜସ୍ୱ ନେଉଥିଲେ ମଧ୍ୟ ବର୍ଷ ବର୍ଷ ଧରି ପ୍ରମୁଖ ସମସ୍ୟା ଗୁଡ଼ିକ ଲାଗି ରହିଛି। ଜିଲ୍ଲା ଖଣିଜ ପାଣ୍ଠିରେ କୋଟି କୋଟି ଟଙ୍କା ପଡ଼ି ରହିଥିଲେ ମଧ୍ୟ ତାହାକୁ କାହିଁକି ସମସ୍ୟାର ସମାଧାନ କରିବାକୁ ଖର୍ଚ୍ଚ କରାଯାଉ ନାହିଁ ତଥା ନିର୍ବାଚିତ ପ୍ରତିନିଧିମାନେ ଏନେଇ କାହିଁକି ଚୁପ୍ ହୋଇ ବସିଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ରାଷ୍ଟ୍ରୀୟ ବଜରଙ୍ଗ ଦଳର ଜିଲ୍ଲା ଟୋଲୀର ମଧୁବନ ଗସ୍ତ

**କୁଆଖିଆ,୩୦।୧୧/ଏନ୍ଏନ୍ଏସ୍:** ରସୁଲପୁର ବ୍ଲକ୍ ଅନର୍ଗତ ମଧୁବନ ଅମୃତେଶ୍ୱର ମନ୍ଦିରରେ ବଜରଙ୍ଗ ଦଳର ଶୌର୍ଯ୍ୟ ଜାଗରଣ ଯାତ୍ରା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖ ଯାଜପୁର ଜିଲ୍ଲା ରାଷ୍ଟ୍ରୀୟ ବଜରଙ୍ଗ ଦଳ ପକ୍ଷରୁ ଶୌର୍ଯ୍ୟ ଜାଗରଣ ଯାତ୍ରା କୁଆଖିଆ ମଧୁବନ ଅମୃତେଶ୍ୱର ଖେଳ ପଡ଼ିଆରୁ ଏକ ଜନସଚେତନତା ଉଦ୍ଦେଶ୍ୟରେ ବାଇକ୍ ଶୋଭାଯାତ୍ରା ହେବା ପୂର୍ବରୁ ଜିଲ୍ଲା ଟୋଲୀ ମଧୁବନ ଗସ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଖଣ୍ଡ ସଂଯୋଜକ ପ୍ରଣୟ ଘଡ଼େଇ, ପ୍ରତାପ ସ୍ୱାଇଁ ଓ ତପନ ତରାଇଙ୍କ ସମେତ ସମସ୍ତ ପ୍ରଖଣ୍ଡ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମର ସମସ୍ତ ପ୍ରସ୍ତୁତି ବିଷୟରେ ଜିଲ୍ଲା ଟୋଲୀକୁ ଅବଗତ କରିଥିଲେ। ଜିଲ୍ଲା ଟୋଲୀର ପ୍ରତିନିଧି ଯଥା ଜିଲ୍ଲା ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ପ୍ରଭାତ ମଲ୍ଲିକ, ରାଷ୍ଟ୍ରୀୟ ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ଚିନ୍ମୟ ଚୀର ସୁନ୍ଦର ପରିଡ଼ା, ଜିଲ୍ଲା ଗୋରକ୍ଷା ମୁଖ୍ୟ ମୃତ୍ୟୁଞ୍ଜୟ ପଟ୍ଟନାୟକ, କେନ୍ଦ୍ରାପଡ଼ା ବିଭାଗ ସଂଯୋଜକ ବାଦଲ ନାୟକ ଓ ଜିଲ୍ଲା ସହ ସଂଯୋଜକ ଗୌତମ ପ୍ରଶାଦ ସାହୁ ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଗସ୍ତ କରିଥିଲେ।

**AFFIDAVIT**

By virtue of an affidavit sworn before the Notary Public, Bhubaneswar; I Sk Istak Ulla S/o Sk Islam Ulla resident of At/P.O.-Makundaspur, P.S.- Balipatana, Dist.- Khordha, Pin-752104 hereby declare that my actual and correct name is Sk Istak Ulla & Date of Birth 07.07.1992 which has been mentioned in my HSC Certificate Sl No- 195442. But unfortunately in Aadhaar Card bearing No- 4280 7289 6870, my name has wrongly been inserted as Sk Istak & Date of Birth 21.10.1993. So Sk Istak Ulla & Sk Istak of above address is one and same person for all purposes.

# ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ କଳସ ଯାତ୍ରା



**ଢେଙ୍କାନାଳ,୩୦।୧୧/ଏନ୍ଏନ୍ଏସ୍:** ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ସ୍ଥାନୀୟ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜିଉ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ପ୍ରଥମେ ସ୍ଥାନୀୟ ଭାଗିରଥୀ ସାଗର କୂଳରୁ ପୂଜାର୍ଚ୍ଚନା କରାଯାଇ ୨୮ରୁ ଊର୍ଦ୍ଧ୍ୱ ମହିଳା ଘଣ୍ଟ ଓ ବାଦ୍ୟ ଦ୍ୱାରା କଳସ ଧାରଣ କରି ସହର ପରିକ୍ରମା ପୂର୍ବକ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଆସନ୍ତା ୨୮ ତାରିଖରେ ଅଙ୍କୁରାରୋପଣ, ୩୦ ତାରିଖରେ କଳସ ଆନୟନ, ଅଧିବାସ କର୍ମ, ଡିସେମ୍ବର ୧ ତାରିଖରେ ସୂର୍ଯ୍ୟପୂଜା, ସୁରଭି, ପୂଜନ, ଦେବତା ଆବାହନ, ଯଜ୍ଞକୁଣ୍ଡେ ଅଗ୍ନି ସଂସ୍ଥାପନ, ୨ ତାରିଖରେ ସୂର୍ଯ୍ୟପୂଜନ, ସୁରଭି ପୂଜନ, ମହା ରୁଦ୍ରାର୍ଚ୍ଚନ, ମହାଦେବ୍ୟାର୍ଚ୍ଚନ, ରୁଦ୍ର ଚଣ୍ଡୀ ଯାଗ, ୩ ତାରିଖରେ ସୂର୍ଯ୍ୟପୂଜନ, ସୁରଭି ପୂଜନ, ମହାବିଷ୍ଣୁ ପୂଜନ ଗୀତାଯାଗ, ପୂର୍ଣ୍ଣାହୁତି ଦିବା ୧ଟା ୩୦ରେ ଆରମ୍ଭ ହୋଇ ମହାଆଳତୀ ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ। ପ୍ରତ୍ୟେହ ଦିନ ୧ଟାରୁ ହରିହାଟ ବ୍ୟବସ୍ଥା କରାଯାଇଛି। ମୁଖ୍ୟ ପୂଜକ ପ୍ରଦୀପ ଆଚାର୍ଯ୍ୟ, ସହଯୋଗୀ ପ୍ରଦୀପ ମିଶ୍ର, ଜିତେନ୍ଦ୍ର ମହାପାତ୍ର, ଓଁ ପ୍ରକାଶ ରଥ, ହେମନ୍ତ ଆଚାର୍ଯ୍ୟ ଓ ତାରେଣୀ ପ୍ରସାଦ ପଣ୍ଡା ପ୍ରମୁଖ ଯଜ୍ଞ ଅନୁଷ୍ଠାନକୁ ସମ୍ପାଦନ କରିବେ। ଉପଦେଷ୍ଟା ବିଭୁଦତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବିଶ୍ୱଶାନ୍ତି ଶ୍ରୀବିଷ୍ଣୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପାଦନ କରିବେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ପ୍ରଥମ ଅସ୍ମିତା ଖେଳ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**କେନ୍ଦ୍ରାପଡ଼ା,୩୦।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଖେଳ ଇଣ୍ଡିଆ କ୍ରୀଡ଼ା ପ୍ରତିଯୋଗିତା କେନ୍ଦ୍ରାପଡ଼ା ଅଟୋନମସ୍ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ବାଳିକା ବିଭାଗ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ମଧ୍ୟରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆୟାର ଯୋଗଦେଇ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ଜାତୀୟ ଫୁଟବଲ୍ ଖେଳାଳି ଆଲୋଚନା ସେନାପତି ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ପ୍ରତିଯୋଗିତା ୬୦ ମିଟର ଦୌଡ଼, ଲଙ୍ଗଜମ୍ପ, ହାଇଜମ୍ପ, ଜାଭିଲିନ ଥ୍ରୋ, ୧୬ ବର୍ଷରୁ କମ୍ ୬୦ ମିଟର୍ ଦୌଡ଼, ୬୦୦ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗଜମ୍ପ, ସଟ୍‌ଫୁଟ୍, ଜାଭିଲିନ ଥ୍ରୋ ଓ ଡିସକସ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ୨୫୦ ଜଣ ବାଳିକା ଖେଳାଳି ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଅୟଦ ଅକମଲ ଅଲ୍ଲୀ କ୍ରୀଡ଼ା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଯେଉଁମାନେ ଭଲ ପ୍ରଦର୍ଶନ କରିବେ ସେମାନଙ୍କୁ ସରକାରୀ ହଷ୍ଟେଲ୍‌ରେ ସ୍ଥାନ ପାଇପାରନ୍ତି ବୋଲି ପ୍ରକାଶ କରିଛନ୍ତି। କୃତକାର୍ଯ୍ୟ ହୋଇଥିବା ଖେଳାଳିଙ୍କୁ ପ୍ରମାଣ ପତ୍ର ସହ ପଦକ ପୁରସ୍କୃତ କରାଯାଇଥିଲା। ଅଫିସିଆଲ୍ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ମନୋଜ ସାହୁ, ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ଉମାକାନ୍ତ କର, ସୁହାନା ପରମିନ୍, ମାମୁନି ଦାସ, ସ୍ୱାସିତା ଓ ଜ୍ୟୋତି ପଙ୍କଜ ଦାସ ଖେଳ ପରିଚାଳନା କରିଥିଲେ। ଉକ୍ତ କ୍ରୀଡ଼ା ଦିବସରେ ଓଡ଼ିଶା କୋଚ୍ ଦୀପିକା ମହାପାତ୍ର ଓ ଅତୁଲ କୁମାର ଓଡ଼ିଶା କ୍ରୀଡ଼ା ବିଭାଗ ପକ୍ଷରୁ ଯୋଗ ଦେଇଥିଲେ। କ୍ରୀଡ଼ା ସମ୍ପାଦକ ଜ୍ୟୋର୍ତିମୟ ଦାସ ଧନ୍ୟବାଦ ଦେଇଥିଲେ।

# ଜାତୀୟ ରାଜପଥ ଗୋପଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ

**କେନ୍ଦ୍ରାପଡ଼ା,୩୦।୧୧/ଏନ୍ଏନ୍ଏସ୍:** ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ଗୋପ ଛକରୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରାଯାଇଛି। ଜିଲ୍ଲାର ଅନ୍ୟତମ ବରିଷ୍ଠ ପରିବାହକ ଭାବେ ପରିଚିତ ଗୋପହାଟର ଶହ ଶହ ବ୍ୟବସାୟୀ ଜାତୀୟ ରାଜପଥରେ ବ୍ୟବସାୟ କରୁଥିଲେ। ଫଳରେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ବଡ଼ ବଡ଼ ଆଇରନ୍ ଟ୍ରକ୍, ଟ୍ୟାଙ୍କର୍ ଓ ପାରାଦ୍ୱୀପ ପୋର୍ଟକୁ ଯାଉଥିବା ସାମଗ୍ରୀ ଗାଡ଼ି ଚଳାଚଳରେ ଘୋର ସମସ୍ୟା ଦେଖା ଦେଉଥିଲା। ଏହାସହ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକ ଆହତ ହେବାସହ ପ୍ରାଣ ହରାଉଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ରବିବାର ସକାଳେ ପୁଲିସ୍ ସହାୟତା ଓ ଡାକବାଜି ଯନ୍ତ୍ର ଯୋଗୁ ବ୍ୟବସାୟୀଙ୍କୁ ଜାତୀୟ ରାଜପଥରୁ ହଟାଯାଇ ବଜାର କମିଟି ଦ୍ୱାରା ନିର୍ମାଣ କରାଯାଇଥିବା ହାଟ ଭିତରକୁ ପଠାଯାଇଛି। ଏହାସହ ଜାତୀୟ ରାଜପଥରେ ଛିଡ଼ା କରୁଥିବା ଟ୍ରକ୍ ଗୁଡ଼ିକୁ ମଧ୍ୟ ସେଠାରୁ ହଟାଯାଇଛି। ବ୍ୟବସାୟୀମାନେ ଜାତୀୟ ରାଜପଥକୁ ମାଡ଼ି ବ୍ୟବସାୟ କରୁଥିବାରୁ ଯାତାୟାତ କରୁଥିବା ଟ୍ରକ୍, ଆମ୍ବୁଲାନ୍ସ ଓ ଦମକଳ ଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଛିଡ଼ାହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିଲା। ପୁନର୍ବାର ଜାତୀୟ ରାଜପଥ କଡ଼ରେ ନ ବସିବାକୁ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ବ୍ୟବସାୟୀଙ୍କୁ ସଚେତନ କରାଯାଇଛି।

# ଆଖି ପିଛୁଳାକେ ବାଇକ୍ ଚୋରି

**କେନ୍ଦ୍ରାପଡ଼ା,୩୦।୧୧/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗରାପୁର ଭିଆଇପି ରାସ୍ତାର ଦି ପ୍ୟାଲେସ୍ ନିକଟରୁ ଆଖି ପିଛୁଳାକେ ଜଣଙ୍କ ବାଇକ୍ ଚୋରି ହୋଇଥିବା ଜଣାପଡ଼ିଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଶୃତିପୁର ଗ୍ରାମର ମେଜର୍ ଭରତ ଚନ୍ଦ୍ର ଜେନା ବାଇକ୍ ରଖି ଜିନିଷ କିଣୁଥିବାବେଳେ ତାଙ୍କ ବାଇକ୍ ଚୋରି ହୋଇଯାଇଥିବା ନେଇ ସେ ସଦର ଥାନାରେ ଅଭିଯୋଗ କରିଛନ୍ତି।

# ଧର୍ମଶାଳା ମହୋତ୍ସବ ପାଇଁ ପ୍ରସ୍ତୁତି



**ଧର୍ମଶାଳା,୩୦।୧୧/ଏନ୍ଏନ୍ଏସ୍:** ପ୍ରସିଦ୍ଧ ଧର୍ମଶାଳା ମହୋତ୍ସବ ଓ ଲକ୍ଷ୍ମୀନାରାୟଣ ପୂଜା ନେଇ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ସତ୍ୟପ୍ରିୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ପୂଜା ଓ ମହୋତ୍ସବ ପାଇଁ ପ୍ରସ୍ତୁତି କାର୍ଯ୍ୟକ୍ରମ ସହିତ ଦାୟିତ୍ୱ ବଣ୍ଟାଯାଇଛି। ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ, ଦୋକାନୀଙ୍କୁ ବ୍ୟବସ୍ଥିତ ଢଙ୍ଗରେ ବସାଇବା, ଟ୍ରାଫିକ୍ ସମସ୍ୟା, ଶୌଚାଳୟ ଓ ଉପହାର ଯୋଜନା ପାଇଁ ପ୍ରାକ୍ ପ୍ରସ୍ତୁତି କରାଯାଇଛି । ଡିସେମ୍ବର ୧୫ ତାରିଖରେ ଲକ୍ଷ୍ମୀନାରାୟଣ ପୂଜା ଅନୁଷ୍ଠିତ ହେବାସହ ୨୫ ତାରିଖ ଧର୍ମଶାଳା ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ। ଜାନୁୟାରୀ ୭ ତାରିଖ ଉପହାର ଯୋଜନା ସହିତ ଭଷାଣି ଉତ୍ସବ ଅନୁଷ୍ଠିତ ହେବ। ସବୁ ବର୍ଷ ପରି ଲକ୍ଷ୍ମୀନାରାୟଣ ପୂଜାରେ ସ୍ଥାନୀୟ କୀର୍ତ୍ତନ ମଣ୍ଡଳୀ ଦ୍ୱାରା ସଙ୍କୀର୍ତ୍ତନ ଓ ପାଲା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ବୈଠକରେ ମହୋତ୍ସବ ସଂଯୋଜକ ଦେବରାଜ ମିଶ୍ର, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, ସବ୍ୟସାଚୀ ସୁନ୍ଦରାୟ, କିଶୋର ନାୟକ, ରାମ ମଲ୍ଲିକ, ବିଚିତ୍ରାନନ୍ଦ ସ୍ୱାଇଁ, ମାନସ ମହାନ୍ତି, ଚନ୍ଦ୍ରମଣି ପଣ୍ଡିତ, ଉପେନ୍ଦ୍ର କର, ତୁଷାର ରାୟ ଓ ଲୋକନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ବରିଷ୍ଠ ନାଗରିକ ମଞ୍ଚ ବୈଠକ



**ରାଜନଗର,୩୦।୧୧/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ସଦର ମହକୁମାସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ବ୍ଲକ୍ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ବସନ୍ତ କୁମାର ହାତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରୁ ଅବସର ନେଇଥିବା ତଥା ମଞ୍ଚର ଉପଦେଷ୍ଟା କୃପାସିନ୍ଧୁ ସାମଲ ବରିଷ୍ଠ ନାଗରିକଙ୍କ ଦିନଚର୍ଯ୍ୟା ଓ ଖାଦ୍ୟ କିପରି ହେବା ଉଚିତ୍ ସେସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମଞ୍ଚର ସମ୍ପାଦକ ପଦବୀ ଖାଲିଥିବା ସମ୍ପର୍କରେ ସଭାପତି ଶ୍ରୀ ହାତି ବୈଠକରେ ପ୍ରକାଶ କରିଥିଲେ। ଏନେଇ ସଭାରେ ଆଲୋଚନା ହୋଇ ସମ୍ପାଦକ ପଦବୀର ଗୁରୁତ୍ୱ ଉପଲବ୍ଧି କରାଯାଇ ବଳରାମ ତ୍ରିପାଠୀଙ୍କୁ ସର୍ବସମ୍ମତିକ୍ରମେ ସମ୍ପାଦକ ମନୋନୀତ କରାଯାଇଥିଲା। ଆସନ୍ତା ବୈଠକରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ଏହାର ନିରାକରଣ ପାଇଁ ମଞ୍ଚ କି ପ୍ରକାର ପଦକ୍ଷେପ ନେଇପାରିବ ସେ ସମ୍ପର୍କରେ ଆଲୋଚନା ହେବାକୁ ସ୍ଥିରୀକୃତ ହୋଇଥିଲା। ଏହି ବୈଠକରେ ଉପଦେଷ୍ଟା ନିରଞ୍ଜନ ଶତପଥୀ, ବିପ୍ରଚରଣ ବେହୁରା, ବୈକୁଣ୍ଠନାଥ ଦାସ, ଅଭିରାମ ସାହୁ, ଅନିଲ କୁମାର ରାଉତ, ଅଧିର କୁମାର ଜେନା, ଅର୍ଜୁନ ଚରଣ ସ୍ୱାଇଁ ଓ ବିଭୂତି ବିଶ୍ୱାଳ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ସୁକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ।

## ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା

# ଘର ଘର ବୁଲି ସମ୍ପର୍କ ମଜବୁତ୍ କରିବାକୁ ଆହ୍ୱାନ



**ଯାଜପୁରରୋଡ଼,୩୦।୧୧/ଏନ୍ଏନ୍ଏସ୍:** ବିଜେଡି ପକ୍ଷରୁ କାଳିଆପାଣି ଖଣି ଅଞ୍ଚଳରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଦୁର୍ଗାପୂଜା ପଡ଼ିଆରୁ ଆରମ୍ଭ ହୋଇ ପ୍ରୀତିନଗରର କେଟିଏଲ୍ କ୍ୟାମ୍ପ୍ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ସହସ୍ରାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ଏବଂ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଘଡ଼ାଇ କହିଥିଲେ ଯେ ସୁକିନ୍ଦାରେ ଗତ ଦୁଇ ବର୍ଷ ଧରି ବିକାଶ କାର୍ଯ୍ୟ ଆଗେଇ ପାରୁନାହିଁ। ଲୋକେ ଯାହା ବିକାଶ ଆଶା କରିଥିଲେ ସେଥିରେ ବିନାଶ ଦେଖାଯାଉଛି। ଆସନ୍ତା ନିର୍ବାଚନକୁ ଲକ୍ଷ୍ୟ କରି କର୍ମୀମାନେ ଘରେ ଘରେ ଏବଂ ସାହି ସାହିରେ ସମ୍ପର୍କ ମଜବୁତ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ବିଜେପି ସରକାରକୁ ତୀବ୍ର ସମାଲୋଚନା କରି ଭୋଟ୍ ଚୋରି ହେଉ କି ଚାକିରି ଚୋରି ସବୁଠି ସରକାରୀ ଦଳର ଲିପ୍ତତା ଦେଖାଯାଉଛି। ସୁକିନ୍ଦା ଜନତା ଆସନ୍ତା ନିର୍ବାଚନରେ ଏହି ସରକାରକୁ ଉଚିତ୍ ଶିକ୍ଷାଦେବେ। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ବ୍ଲକ୍ ଅଧ୍ୟକ୍ଷ ଦିବ୍ୟ ରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଏସ୍ଆର୍‌ସି କେଏମଏସ୍ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମହାନ୍ତ, ଯୁବ ବିଜେଡି ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ମହାନ୍ତି, ଶ୍ରମିକ ସଂଘ ଉପସଭାପତି ପ୍ରଭାତ ରଞ୍ଜନ ପ୍ରଧାନ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ଭଗବତୀ ମହାନ୍ତ, ଜିଲ୍ଲାପରିଷଦ ସଦସ୍ୟ ଜେମା ଚାଖି, କାଳିଆପାଣି ସରପଞ୍ଚ ବିକାଶ କୁମାର ପାତ୍ର, କାଙ୍କଡ଼ପାଳ ସରପଞ୍ଚ ସଞ୍ଜୟ କୁମାର ପରିଡ଼ା ଓ ରଂଶୋଳ ସରପଞ୍ଚ କନକଲତା ସର୍ଦ୍ଦାରଙ୍କ ସହ ଅନ୍ୟ ନେତାମାନେ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀ କବିତା ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କାମାକ୍ଷାନଗର,୩୦।୧୧/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ କାନପୁରାସ୍ଥିତ ପଞ୍ଚାୟତରାଜ୍ ଉଚ୍ଚବିଦ୍ୟାଳୟରେ କାମାକ୍ଷାନଗର ବ୍ଲକ୍ ଓଷ୍ଟା ଓ ଉକ୍ତ ବିଦ୍ୟାଳୟ ଆନୁକୂଲ୍ୟରେ ସହାକାରୀ ଶିକ୍ଷୟିତ୍ରୀ କବିତା ରାଉତଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଢେଙ୍କାନାଳ ଓଷ୍ଟା ଜିଲ୍ଲା ସଭାପତି ଶ୍ରୀରାମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଷ୍ଟା ରାଜ୍ୟ ସମ୍ପାଦକ ପ୍ରଣବ କୁମାର ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଟକୃଷ୍ଣ ଦାସ, ଶିକ୍ଷାବିତ୍ ପ୍ରମୋଦ କୁମାର ମିଶ୍ର, ଲୋକନାଥ ଷଡ଼ଙ୍ଗୀ, କୈଳାଶ ଚନ୍ଦ୍ର ପୃଷ୍ଟି, ଉପେନ୍ଦ୍ର ନାଥ ପଣ୍ଡା, ଉପେନ୍ଦ୍ର କୁମାର ପଣ୍ଡା, ଓଷ୍ଟା ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ କୁମାର ଆଚାର୍ଯ୍ୟ, ଓଷ୍ଟା ବ୍ଲକ୍ ସମ୍ପାଦକ ଗଜେନ୍ଦ୍ର କୁମାର ନାୟକ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ରାଉତ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଜିତେନ୍ଦ୍ରିୟ ବିଶ୍ୱାଳ, ପୂର୍ବତନ ଛାତ୍ର ସଂସଦ ସଭାପତି ନିହାରକାନ୍ତ ରାଉତ, ସମ୍ପାଦକ ଜିତେନ୍ଦ୍ରପ୍ରସାଦ ସାମଲ, କୋଷାଧ୍ୟକ୍ଷ ସୁଧୀର କୁମାର ରାଉତ ସମ୍ମାନିତ ଅତିଥିରୂପେ ଉପସ୍ଥିତ ଥିଲେ। ଜଣେ ଆଦର୍ଶ କଳା ଶିକ୍ଷୟିତ୍ରୀ ଭାବେ ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିବା ଶ୍ରୀମତି ରାଉତଙ୍କ ଅବଦାନ ଯୋଗୁ ବିଦ୍ୟାଳୟ ଜିଲ୍ଲା ତଥା ରାଜ୍ୟସ୍ତରୀୟ ପୁରସ୍କାର ପାଇଥିବା ନେଇ ପ୍ରଧାନଶିକ୍ଷକ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ବ୍ଲକ୍ ଓଷ୍ଟା ସଭାପତି ସୁରେଶ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ପ୍ରଥମ ପୃଷ୍ଠାରୁ

## ଓଡ଼ିଶା ହେବ ପୂର୍ବ ଭାରତର ...

ସଫଳତା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି। ଆମର ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି। ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ। ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି। ସୁଭଦ୍ରା ଯୋଜନା ଏକ ସହାୟତା ଯୋଜନା ନୁହେଁ। ଏହା ହେଉଛି, ମା'ମାନଙ୍କୁ ଛୋଟ ଛୋଟ ବ୍ୟାପାର ଜରିଆରେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା। ସମାଜରେ ଓ ପରିବାରରେ ସେମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିବା। ଆଜି ଏହି ଯୋଜନା ଯୋଗୁଁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଆଗାମୀ ଦିନରେ ଆମ ରାଜ୍ୟରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ବାତାବରଣ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଥିଲେ ଯେ ସମ୍ଭାବନାର ରାଜ୍ୟ ଆଜି ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା, କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ ଆମେ ପଦକ୍ଷେପ ଗ୍ରହଣ କରୁଛୁ ଏବଂ ଏହା ଆଗାମୀ କିଛି ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିଦେବ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର, ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ।

## ଆଜିଠାରୁ କୋଣାର୍କ ଉତ୍ସବ ...

ଜୟନ୍ତ ଓ ସାଥୀଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ ହେବ। ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଏହି କୋଣାର୍କ ଉତ୍ସବ ଚାଲିବ। କୋଣାର୍କ ରଙ୍ଗମଞ୍ଚ ପରିସରରେ ଛୋଟବଡ଼ ବୃକ୍ଷ ରାଜି, ରଙ୍ଗବେରଙ୍ଗର ଚାନ୍ଦୁଆ ଓ ରଙ୍ଗିନୀ ଆଲୋକମାଳା ରାତିର ଶୋଭାକୁ ଅତ୍ୟନ୍ତ ଲୋଭନୀୟ କରୁଛି। ଚନ୍ଦ୍ରଭାଗା ବେଳାଭୂମିରେ ଦେଶ ବିଦେଶର ଶତାଧିକ ବାଲୁକାଶିଳ୍ପୀ ବିଭିନ୍ନ ପ୍ରସଙ୍ଗରେ ୩୫ଟି ଷ୍ଟଲରେ ବିଭିନ୍ନ କଳାକୃତି ପ୍ରଦର୍ଶିତ କରିବେ। ପ୍ରଥମ ଥର ପାଇଁ ମିଶନ ଶକ୍ତି ପକ୍ଷରୁ ଚନ୍ଦ୍ରଭାଗା ମେଳାପଡ଼ିଆରେ ୭ ଦିନ ପାଇଁ ୧୫୦ଟି ଷ୍ଟଲରେ ସୁଭଦ୍ରା ଶକ୍ତି ମେଳା ଅନୁଷ୍ଠିତ ହେବାକୁଥିଲା ବେଳେ ହସ୍ତଶିଳ୍ପ ବିଭାଗ ପକ୍ଷରୁ ୫୦ଟି ଷ୍ଟଲରେ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ।ସେହିଭଳି ୫ ଦିନ ଧରି ହେଲିପ୍ୟାଡରେ ଅପେରା, ମୀନାବଜାର, ପୁସ୍ତକ ମେଳା ସମେତ ପର୍ଯ୍ୟଟନ ବିଭାଗ ସହାୟତାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେବ।

## ଆଜିଠୁ ସଂସଦର ଶୀତ ...

ସାମିଲ ହୋଇଥିଲେ। ରକ୍ଷାମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ସଂସଦୀୟ ସୌଧରେ ଆୟୋଜିତ ସର୍ବଦଳୀୟ ବୈଠକରେ ରାଜ୍ୟସଭାରେ ନେତା ଜେ. ପି. ନଡ୍ଡା, ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ଓ ତାଙ୍କ ସହଯୋଗୀ ଅର୍ଜୁନ ରାମ ମେଘୱାଲ, କଂଗ୍ରେସର ଲୋକସଭା ଉପନେତା ଗୌରବ ଗୋଗୋଇ ସହ ବିଭିନ୍ନ ଦଳର ଫ୍ଲୋର୍ ନେତା ମାନେ ଯୋଗ ଦେଇଥିଲେ। ବୈଠକରେ ୩୬ଟି ରାଜନୈତିକ ଦଳର ୫୦ ନେତା ଉପସ୍ଥିତ ଥିଲେ। ବିରୋଧୀ ଦଳର ନେତାମାନେ ଏସ୍‌ଆଇଆର୍ ଅଭିଯାନକୁ ନେଇ ଅଭିମତ ଦେଇଥିଲେ। ଏଥିସହ ନିରାପତ୍ତା, ଗଣତନ୍ତ୍ର ଓ ଆଂଚଳିକ ବିଷୟରେ ମଧ୍ୟ ମତ ରଖିଥିଲେ।ସଂସଦୀୟ କାର୍ଯ୍ୟମନ୍ତ୍ରୀ କିରେନ୍ ରିଜିଜୁ ସଂସଦ ପରିସରରେ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ସର୍ବଦଳୀୟ ବୈଠକରେ ବିରୋଧୀ ଦଳଗୁଡିକ ପକ୍ଷରୁ ଅନେକ ବିଷୟ ଉଠାଯାଇଥିଲା ଏବଂ ପ୍ରସ୍ତାବ ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ବିରୋଧୀ ଦଳମାନଙ୍କ ଦ୍ୱାରା ଉଠାଯାଉଥିବା ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଆମେ ପ୍ରସ୍ତୁତ। ଆମେ ଆଶା କରୁଛୁ ଯେ ସଂସଦକୁ ସୁଚାଳିତ ଭାବେ ଚଳାଇବାରେ ବିରୋଧୀ ଦଳ ମାନେ ଯଥୋଚିତ ସହଯୋଗ କରିବେ ବୋଲି ଶ୍ରୀ ରିଜିଜୁ କହିଛନ୍ତି। ସେପଟେ ଶୀତ ଅଧିବେଶନ ପୂର୍ବରୁ 'ଇଣ୍ଡିଆ' ବ୍ଲକ୍‌ର ନେତାମାନେ ମଧ୍ୟ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଅଫିସ୍‌ରେ ଏକ ବୈଠକ କରିବେ। ଡିସେମ୍ବର ୧ ଅର୍ଥାତ୍ ସୋମବାର ତାହା ଆୟୋଜିତ ହେବ। ସେଥିରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ ହେବ।

## ସପ୍ତାହେ ବଢ଼ିଲା ଏସ୍‌ଆଇଆର୍ ...

ପର୍ଯ୍ୟନ୍ତ ସମୟ ସୀମାକୁ ବଢାଇଛନ୍ତି। ପୋଲିଂ ଷ୍ଟେସନକୁ ଠିକ୍ କରିବା ଓ ପୁଣିଥରେ ବ୍ୟବସ୍ଥିତ ସୁନିଶ୍ଚିତ କରିବାକୁ କୁହାଯାଇଛି। କଣ୍ଟ୍ରୋଲ ଟେବଲର ଅପଡେଟ୍ ଓ ଡ୍ରାଫ୍ଟ ରୋଲ୍ ପ୍ରସ୍ତୁତ କରିବାର ସମୟ ସୀମା ୧୨-୧୫ ଡିସେମ୍ବର ପର୍ଯ୍ୟନ୍ତ ରହିବ। ଡ୍ରାଫ୍ଟ ଇଲେକ୍ଟୋରାଲ ରୋଲ୍ ପବ୍ଲିକେସନ୍ ୧୬ ଡିସେମ୍ବରରୁ କରାଯିବ। ଦାବି ଏବଂ ଆପତ୍ତି ଫାଇଲ କରିବାର ସମୟ ୧୬ ଡିସେମ୍ବରରୁ ୧୫ ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏସଆଇଆର ପ୍ରକ୍ରିୟା ସମାପ୍ତ କରିବାର ଶେଷ ତାରିଖ ୪ ଡିସେମ୍ବର ଥିଲା। ଏହାର ଅର୍ଥ କେବଳ ଚାରି ଦିନ ବାକି ଥିଲା। ଏବେ,ଶେଷ ତାରିଖକୁ ଡିସେମ୍ବର ୧୧ ପର୍ଯ୍ୟନ୍ତ ସାତ ଦିନ ବୃଦ୍ଧି କରାଯାଇଛି। ସେଥିରେ ପଶ୍ଚିମବଙ୍ଗ ଓ ଉତ୍ତର ପ୍ରଦେଶ ରହିଛି। ନିର୍ବାଚନ କମିଶନଙ୍କ ଦ୍ୱାରା ଦିଆଯାଇଥିବା ସମୟ ସୀମା ସହ ମତଦାତାଙ୍କୁ ନିଜର ଡିଟେଲ୍ସ ଭେରିଫାଏ କରିବା, ଅବଜରଭେସନ୍ ଫାଇଲ୍ କରିବା କିମ୍ବା ଭୋଟର ଲିଷ୍ଟରେ ଜରୁରୀ ସୁଧାର କରିବାକୁ ସମୟ ମିଳିଯିବ।

## ୩୭ ମାଓବାଦୀଙ୍କ ...

ରହିଥିଲା। ଏହି ମାଓବାଦୀମାନେ ବରିଷ୍ଠ ପୁଲିସ ଏବଂ ସିଆରପିଏଫ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ଏସ୍‌ପି ଗୌରବ ରାଏ କହିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କ ମଧ୍ୟରେ ୧୨ ଜଣ ମହିଳା ରହିଛନ୍ତି। ଏହି ଗୋଷ୍ଠୀରେ ଅନେକ ହାଇପ୍ରୋଫାଇଲ କ୍ୟାଡରର ମାଓବାଦୀ ଅନ୍ତର୍ଭୁକ୍ତ। ସେମାନେ ହେଉଛନ୍ତି କୁମାଲି ଓରଫ ଅନିତା ମଣ୍ଡାଭି, ଗୀତା ଓରଫ ଲକ୍ଷ୍ମୀ ମାଡ଼କାମ, ରଞ୍ଜନ ଓରଫ ସୋମା ମଣ୍ଡାଭି ଏବଂ ଭୀମା ଓରଫ ଜାହାଜ କାଲମୁ। ପ୍ରତ୍ୟେକଙ୍କ ଉପରେ ୮ ଲକ୍ଷ ଲେଖାଏଁ ପୁରସ୍କାର ରାଶି ରହିଥିଲା। ରାଜ୍ୟ ସରକାରଙ୍କ ଥଇଥାନ ଏବଂ ପୁନର୍ବାସ ନୀତି ଅନୁସାରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନଙ୍କୁ ତୁରନ୍ତ ୫୦ ହଜାର ଟଙ୍କା ଲେଖାଏ ସହାୟତା ମିଳିବ। ତା' ସହିତ ସେମାନଙ୍କୁ ଦକ୍ଷତା ବିକାଶ ସମ୍ପର୍କିତ ତାଲିମ ପ୍ରଦାନ କରାଯିବ। ଦାନ୍ତେୱାଡା ଏସ୍‌ପି କହିଛନ୍ତି ଯେ ଗତ ୨୦ ମାସରେ ଦାନ୍ତେୱାଡାରେ ୫୦୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୬୫ ଜଣଙ୍କ ମୁଣ୍ଡରେ ପୁରସ୍କାର ରାଶି ରହିଥିଲା।

## ଦୁଇ ବସ୍ ମୁହାଁମୁହିଁ ...

ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ଶିବଗଙ୍ଗା ଜିଲ୍ଲା ହସ୍ପିଟାଲରେ ପହଞ୍ଚାଇଥିଲା। ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢିବା ନେଇ ଆଶଙ୍କା ରହିଛି। ଅନ୍ୟପଟେ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମକେ ଷ୍ଟାଲିନ୍ ସମସ୍ତ ଆହତଙ୍କୁ ତୁରନ୍ତ ଉତ୍ତମ ଚିକିତ୍ସା ଯୋଗାଇ ଦେବା ସହ ମୃତକଙ୍କ ପରିବାରକୁ ଯଥା ସମ୍ଭବ ସହାୟତା ପ୍ରଦାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭୂମିହୀନଙ୍କୁ ତୁରନ୍ତ ଘର ...

ଜିଲ୍ଲାରେ ୨୭୧ ଜଣ ଭୂମିହୀନଙ୍କୁ ଘର ମିଳିନଥିବା ବେଳେ ଗଞ୍ଜାମରେ ରହିଛନ୍ତି ୧୭୧ ଜଣ। ସମୟ ସୀମା ଭିତରେ ତୁରନ୍ତ ଘର ଯୋଗାଇବା ପାଇଁ ନିର୍ଦ୍ଦେଶ ରହିଛି। ୨୦୨୪ ସର୍ଭେ ଅନୁଯାୟୀ ରାଜ୍ୟର ୩୭ ଲକ୍ଷ ୮୯ ହଜାର ୨୩୪ ପରିବାର କଚ୍ଚା ଘରେ ରହୁଛନ୍ତି। ସେଥି ମଧ୍ୟରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ।

## ମାଡ଼ିଗଲା ଟ୍ରକ୍ ...

ଲୋକ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକ ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଦୁର୍ଘଟଣା ପରେ ଟ୍ରକ ଚାଳକ ଫେରାର ହୋଇଯାଇଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରି ଘଟଣାର ତଦନ୍ତ କରୁଛି।

## ଦକ୍ଷିଣରେ 'ଦିଟ୍‌ୱାହା' ତୋଡ ...

ଗୁଜରାଟର ଏନ୍‌ଡିଆର୍‌ଏଫ୍ ବେସ୍‌ରୁ ୧୦ ଟିମ୍ ଚେନ୍ନାଇ ପହଞ୍ଚିଛନ୍ତି। ତାମିଲନାଡୁରେ ଭୀଷଣ ବର୍ଷା କାରଣରୁ ଶନିବାର ୫୪ ବିମାନ ଚଳାଚଳ ରଦ୍ଦ କରାଇଥିଲା। ବାତ୍ୟା କାରଣରୁ ପୁଡୁଚେରୀ ସେଣ୍ଟ୍ରାଲ୍ ୟୁନିଭର୍ସିଟି ଛୁଟି ଘୋଷଣା ସହିତ ସମସ୍ତ ପରୀକ୍ଷା ସ୍ଥଗିତ କରିଦେଇଛି। ପାଣିପାଗ ବିଭାଗ ମତ୍ସ୍ୟଜୀବୀମାନଙ୍କୁ ତାମିଲନାଡୁ-ପୁଡୁଚେରୀ ଉପକୂଳ, ମନ୍ନାର୍, କୋମୋରିନ୍ ଉପକୂଳ, ଦକ୍ଷିଣ-ପଶ୍ଚିମ ଏବଂ ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ ଉପକୂଳ ସହିତ ଏହା ଆଖାପାଖ ସମୁଦ୍ର ମଧ୍ୟକୁ ନଯିବାକୁ ଚେତାବନୀ ଜାରି କରିଛି। ଏଠାରେ ୬୦ରୁ ୮୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହା ବୃଦ୍ଧିପାଇ ୯୦ କିମି ହୋଇପାରେ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ ପ୍ରକଳ୍ପର ଶିଳାନ୍ୟାସ



**ଚାରିଛକ,୩୦।୧୧/ଏନ୍‌ଏନ୍‌ଏସ୍:** ନିମାପଡା ବ୍ଲକ ଅନ୍ତର୍ଗତ ବାହାରଣା ପଂଚାୟତରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶ୍ରୀକୋଇଲିଠାରୁ ବାଇଦୀପଡା ୩କିମି କେନାଲ ବନ୍ଧ ବାମପଟ ରାସ୍ତାର ସଂପ୍ରସାରଣ ଓ ଉନ୍ନତି କରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି । ସେହିପରି କୁଣ୍ଡେଇ ଡିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲର ବାହାରଣା ଡିଭିଜନ ତାଳଦଣ୍ଡା ଠାରେ ୧୭ଲକ୍ଷ ଟଙ୍କା ବ୍ୟୟରେ ଏକ ବ୍ରୀଜ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏହି ରାସ୍ତାଟି ନିର୍ମାଣ ହେଲେ ୨ଟି ବାହାରଣା ଓ ତୁଳସୀପୁର ପଂଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଉପକୃତ ହେବେ। ଉତ୍ସବରେ ବିଜେପିନେତା ଶ୍ୟାମ ସୁନ୍ଦର ନାୟକ, ଜଗତସିଂହପୁର ନିମାପଡା ବ୍ଲକ ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, ବାହାରଣା ବିଜେପି ପଞ୍ଚାୟତ ସଭାପତି ବ୍ରଜବନ୍ଧୁ ନାୟକ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳ, ଦୁର୍ଯ୍ୟୋଧନ ମହାନ୍ତି,କୈଳାସ ଚନ୍ଦ୍ର କର, ଜ୍ୟୋତିରଞ୍ଜନ ପାତ୍ର, ଅରକ୍ଷିତ ଭୋଇ, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ଛଣିଜଙ୍ଗ ସରପଞ୍ଚ ଅଜୟ କୁମାର ପରିଡାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତଥିଲେ।




ଓସିଏ ପକ୍ଷରୁ ବାରବାଟୀ ଟି-୨୦ ମ୍ୟାଚ୍ ପାଇଁ ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଉଛି।

## କେଦାର ଗୁରୁଙ୍କ ପୁଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ସଭା

**ପୁରୀ,୩୦।୧୧/ଏନ୍‌ଏନ୍‌ଏସ୍:** ଲୋକପ୍ରିୟ ଅଭିନେତା, ଚଳଚ୍ଚିତ୍ର ପ୍ରଯୋଜକ ଓ ସଂଗଠକ କେଦାରନାଥ ଗୁରୁଙ୍କ ୩୮ତମ ପୁଣ୍ୟତିଥିରେ ଏକ ସ୍ମୃତି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ବଡ଼ଦାଣ୍ଡ ସ୍ଥିତ ଗୁରୁ ଇଷ୍ଟେଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। 'କେଦାରଗୁରୁ କଳା ସଙ୍ଗମ' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସେବାୟତ ଜନ୍ମେଶ୍ୱର ପୂଜାପଣ୍ଡା ଅଧ୍ୟକ୍ଷତା କରିଥିଲେ। ସାହିତ୍ୟିକ ଶ୍ୟାମପ୍ରକାଶ ସେନାପତି ଦିବଂଗତ ଶ୍ରୀ ଗୁରୁଙ୍କର ସଂକ୍ଷିପ୍ତ ଜୀବନୀ ପାଠ ସହିତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏଥିରେ ବରିଷ୍ଠ ସେବାୟତ ରବି ନାରାୟଣ ଗୁରୁ, ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର, ସଙ୍ଗୀତ ନାଟକ ଏକାଡ଼େମୀର ସଦସ୍ୟ ବଦ୍ରି ମିଶ୍ର, ପ୍ରତିହାରୀ ନିଯୋଗ ସମ୍ପାଦକ କେଦାର ନାଥ ଖୁଣ୍ଟିଆ ,ପୂର୍ବତନ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମାଧବ ମହାପାତ୍ର, ସଂଗଠକ ଚକ୍ରଧର ମହାପାତ୍ର, ସେବାୟତ ଉଦୟ ଶଙ୍କର ପ୍ରତିହାରୀ, ରବିଶଙ୍କର ପ୍ରତିହାରୀ, ଉମାଶଙ୍କର ପ୍ରତିହାରୀ, କୃଷ୍ଣଚନ୍ଦ୍ର ପଣ୍ଡା, ବିଶ୍ୱଜିତ ମୁନା ମିଶ୍ର , ସୋମନାଥ ଗୁରୁ, ସତ୍ୟ ନାରାୟଣ ଗୁରୁ , ସନ୍ତୋଷ କୁମାର ପଣ୍ଡା, ଅମରନାଥ ଗୁରୁ, ପ୍ରେମନାଥ ଗୁରୁ, ପ୍ରଭାତ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କଣ୍ଠଶିଳ୍ପୀ କାର୍ତ୍ତିକ କୁମାର ସାହୁ ପାରମ୍ପରିକ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ଆବାହକ ଜଗଦୀଶ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ପୁରୀ ଗଉଡବାଡ଼ ସାହିରେ ଜନ୍ମଗ୍ରହଣ କରିଥିବା ଦିବଂଗତ ଶ୍ରୀ ଗୁରୁ ମଞ୍ଚରୁ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ ଓଡ଼ିଆ ଚଳଚ୍ଚିତ୍ର ଗୌରୀ, ସିନ୍ଦୂର ବିନ୍ଦୁ, ବନ୍ଧୁ ମହାନ୍ତି, ସାକ୍ଷୀ ଗୋପୀନାଥ, ସୁବର୍ଣ୍ଣ ସୀତା, ରାମାୟଣ, ନୀଳମାଧବ ଓ ଶ୍ରୀଜଗନ୍ନାଥ ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ।

## ଓଡ଼ିଶୀ ନୃତ୍ୟ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି

**ଟାଙ୍ଗୀ,୩୦।୧୧/ଏନ୍‌ଏନ୍‌ଏସ୍:** ଟାଙ୍ଗୀ ଚୌଦ୍ୱାର ବ୍ଲକ ଜରିପଡା ପଞ୍ଚାୟତ କଣୀ ଗ୍ରାମର ଜଣେ ଓଡ଼ିଶୀ ନୃତ୍ୟ ଗୁରୁ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସହ ପ୍ରକୃତିପ୍ରେମୀ ସ୍ୱର୍ଗତ ବୀରବର ଲେଙ୍କାଙ୍କ ଏକାଦଶରେ ଜୟ ଜାଦୁଆ ଡ୍ରାମା ଟ୍ରିକ୍ କ୍ଲବ୍‌ର କର୍ମକର୍ତ୍ତା ଓ ଟ୍ରେଟାହେଡନ୍ କେଲଜ ପ୍ରତିଷ୍ଠାତା ତ୍ରିଦେବ ବେହେରା ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସ୍ୱର୍ଗତ ଲେଙ୍କା ଜଗତପୁର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ସମୟରେ ତାଙ୍କର ସଚ୍ଚୋଟ ମନୋଭାବ ପାଇଁ ପ୍ରଶଂସା ସାଉଣ୍ଟି ଥିବା ବେଳେ କଳା କ୍ଷେତ୍ରରେ ଓଡ଼ିଶୀ ନୃତ୍ୟ ଗୁରୁ ସହ ଅନେକ ବାଦ୍ୟଯନ୍ତ୍ର ସିଦ୍ଧହସ୍ତ ରହିଥିଲେ। ଖାଲି ସେତିକି ନୁହେଁ ପ୍ରକୃତିପ୍ରେମୀ ଭାବେ ଅନେକ ବୃକ୍ଷ ରୋପଣ କରି ମାନବ ପ୍ରେମୀର ଉଦାହରଣ ଦେଇଥିଲେ। ତାଙ୍କର ଏକାଦଶ କାର୍ଯ୍ୟକ୍ରମରେ ଜୟ ଜାଦୁଆ ଡ୍ରାମା ଟ୍ରିକ୍ କ୍ଲବ୍‌ର ସଭାପତି ଧୁଳେନ୍ଦ୍ର ଦଳାଇ, ଉପଦେଷ୍ଟା ଜଗନ୍ନାଥ କର, ମ୍ୟାନେଜର ଉଦ୍ଧବ ଦାସ, ଅଭିରାମ କର, ନିତ୍ୟ ରଞ୍ଜନ



ବେହେରା, ଜ୍ୟୋତି ରଞ୍ଜନ ସ୍ୱାଇଁ, ପ୍ରଦିପ ନାୟକ, ନିର୍ମଳ ରାଉତ, ଅକ୍ଷୟ ମହାରଣା, କୈଳାସ ବେହେରା, ଅଶ୍ୱିନୀ ଦାସ, ପ୍ରଦିପ ଦାସ, ମାଷ୍ଟର ଅନାମ, ଜିତେନ୍ଦ୍ର ଲେଙ୍କା, ଚନ୍ଦନ ଦାସ, ଅରୁ ଦଳେଇ ସହ ସମାଜ ସେବୀ ଅମୂଲ୍ୟ କୁମାର ବେହୁରା ଉପସ୍ଥିତ ରହିଥିଲେ। ବୀରବରଙ୍କ ଚାରିପୁତ୍ର ଜୀବନନେନ୍ଦୁ, ପୂର୍ଣ୍ଣେନ୍ଦୁ ନାରାୟଣ, ଶୁଭେନ୍ଦୁ ଏବଂ ନିର୍ମଳେନ୍ଦୁ ଲେଙ୍କା ଉପସ୍ଥିତ ରହିଥିଲେ।

## ବାଟରେ ପଡ଼ି ଯୁବ ଡାକ୍ତରଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୩୦।୧୧/ଏନ୍‌ଏନ୍‌ଏସ୍:** ଏମିତିବି ମୃତ୍ୟୁ ଆସେ। ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମର ନିହାରରଞ୍ଜନ ସୁନ୍ଦରାୟଙ୍କ ପୁତ୍ର ଡାକ୍ତର ନିର୍ମଳ ରଞ୍ଜନ ସୁନ୍ଦରାୟ(୨୮) ଡେଣ୍ଟାଲ୍ କ୍ଲିନିକ୍‌ରୁ ତାଙ୍କ ଘରକୁ ଫେରିଲା ବେଳେ ବାଟରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ସୂଚନାଥାଉ କି ଗତକାଲି ଶନିବାର ରାତି ୧୦ଟା ସମୟରେ ନିହାର ତାଙ୍କ ବାଇକ୍ ଦ୍ୱାରା ଘରକୁ ଫେରୁଥିବା ବେଳେ ଘରଠାରୁ ମାତ୍ର ୨୦୦ ସହ ମିଟର ଦୂରରେ କୌଣସି କାରଣରୁ ବାଟରେ ସେ ଗାଡି ରଖି ସେହି ପାଖରେ ପଡ଼ିଯାଇଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଦେଖି ଲୋକମାନଙ୍କୁ ଡାକିଥିଲେ ଓ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଏମ୍ସ ଡାକ୍ତରଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଚାରିଛକ,୩୦।୧୧/ଏନ୍‌ଏନ୍‌ଏସ୍:** ଚାରିଛକ-ଗୋପ ମୁଖ୍ୟ ରାସ୍ତାର ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ନିକଟରେ ଆଜି ଅପରାହ୍ଣରେ ଏକ ବେଲେରୋ ଧକ୍କାରେ ଜଣେ ବ୍ୟକ୍ତଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି। ଖବରରୁ ଜଣାଯାଇଛି ଯେ ଗୋପ ଥାନା ଅନ୍ତର୍ଗତ ବାଇଆକୁଦ ଗ୍ରାମର ଜଗନ ସେନାପତି ଚାରିଛକରୁ ନିଜ ଘରକୁ ପରିବା କିଣି ନେଇ ଯାଉଥିବା ସମୟରେ ଏକ ବୋଲେରୋ ସହ ମୁହାଁ ମୁହିଁ ଧକ୍କାହୋଇଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣା ସ୍ଥଳରୁ ଜଗନଙ୍କୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଜଗନ ପରିବା ବ୍ୟବସାୟୀ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଗ୍ରାମର ଲୋକମାନେ ଦାବି କରିଛନ୍ତି। ଚାରିଛକ-ଗୋପ ରାସ୍ତାରେ ଦୈନନ୍ଦିନ ଟ୍ରାଫିକ ସମସ୍ୟା ଯୋଗୁଁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଲୋକମାନେ ପ୍ରକାଶ କରିଛନ୍ତି। ବିଶେଷକରି ଆଜି ସନ୍ଧ୍ୟାରେ ନିମାପଡା-ଚାରିଛକ ରାସ୍ତାର ମହାବୀରଙ୍କ ମନ୍ଦିର ନିକଟରେ ପ୍ରାୟ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ରାସ୍ତା ଯାମ ହେବା ଫଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ସଜାଗ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଶ୍ରୀରଘୁନାଥଙ୍କୁ ଦର୍ଶନକଲେ ହାଇକୋର୍ଟ ବିଚାରପତି



**ଓଡ଼ଗାଁ,୩୦।୧୧/ଏନ୍‌ଏନ୍‌ଏସ୍:** ଓଡ଼ିଶା ହାଇକୋର୍ଟର ବିଚାରପତି ଗୌରୀଶଙ୍କର ଶତପଥୀ ଓଡ଼ଗାଁ ଗସ୍ତରେ ଆସି ରବିବାର ପ୍ରଭୁ ଶ୍ରୀରଘୁନାଥ ଜିଉଙ୍କୁ ଦର୍ଶନ କରିଛନ୍ତି। ପ୍ରଭୁ ଶ୍ରୀରାମ, ଭ୍ରାତା ଲକ୍ଷ୍ମଣ ଓ ମାତା ଜାନକୀଙ୍କ ପାଖରେ ପୂଜାର୍ଚ୍ଚନା କରିବା ସହିତ ଆଶିର୍ବାଦ ନେଇଥିଲେ। ପୂଜକ ପରିଷଦ ସଭାପତି ପ୍ରଫୁଲ କୁମାର ମହାପାତ୍ର ମନ୍ଦିରର ଚତୁଃପାର୍ଶ୍ୱ ବୁଲାଇ ଦେଖାଇଥିଲେ ଓ ପ୍ରଭୁ ବନବାସ ସମୟରେ ଏଠାରେ ବିଶ୍ରାମ ନେଇଥିବା କହିଥିଲେ। ବିଚାରପତି ଠାକୁରଙ୍କ କଳାକୃତି ଦେଖି ଅଭିଭୂତ ହୋଇ ଯାଇଥିଲେ। ତାଙ୍କ ସହିତ ଓଡ଼ଗାଁ ଦେୱାନୀ କନିଷ୍ଠ ବିଚାରପତି ପ୍ରେରଣାଶ୍ରୀ ଦେଓ ଓ ମନ୍ଦିର ପରିଚାଳକ ଜିତେନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ।

## ଆଜିଠୁ ଅନ୍‌ଲାଇନ୍ ...

ଡିସେମ୍ବର ୫ ତାରିଖରେ ସାଧାରଣ ଦର୍ଶକଙ୍କ ପାଇଁ କାଉଣ୍ଟରରେ ଟିକେଟ ବିକ୍ରି ହେବ। କାଉଣ୍ଟରରେ ସର୍ବମୋଟ ୧୦ହଜାର ଟିକେଟ ବିକ୍ରି ହେବ ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଜଣେ ବ୍ୟକ୍ତି ସର୍ବାଧିକ ୨ଟି ଟିକେଟ ବୈଧ ପ୍ରମାଣପତ୍ର ଦେଖାଇ କିଣି ପାରିବେ। ଦିନ ୯ ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାଉଣ୍ଟରରେ ଟିକେଟ ବିକ୍ରି ହେବ। ଗତ ମ୍ୟାଚର ଟିକେଟ ବିଭ୍ରାଟକୁ ଦେଖି ଏଥର ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି ବୋଲି ଓସିଏ ସଂପାଦକ ଶ୍ରୀ ବେହେରା ସୂଚନା ଦେଇଛନ୍ତି। ପୂର୍ବରୁ ପ୍ରତ୍ୟେକ ସିଟର ବ୍ୟବଧାନ ୧୯ଇଞ୍ଚ ଥିଲା। ଏଥର ଏହାକୁ ୨୨ ଇଞ୍ଚ କରାଯାଇଛି। ଗ୍ୟାଲେରୀ ନମ୍ବର ୧ ଓ ୩ର ଟିକେଟ ମୂଲ୍ୟ ୧୧୦୦ଟଙ୍କା ଥିବାବେଳେ ୨ ଓ୪ ନମ୍ବର ଗ୍ୟାଲେରୀର ଟିକେଟ ମୂଲ୍ୟ ୯୦୦ଟଙ୍କା ରହିଛି। ସେହିପରି ୫ ନମ୍ବର ଗ୍ୟାଲେରୀର ଟିକେଟ ମୂଲ୍ୟ ୧୨୦୦ଟଙ୍କା ରହିଛି। ଏହାଛଡ଼ା ଗ୍ୟାଲେରୀ ନମ୍ବର ୭ର ମୂଲ୍ୟ ୭୦୦ ଟଙ୍କା ରହିଛି। ସେହିପରି ସ୍ପେସିଆଲ ଏନ୍‌କ୍ଲୋଜରର ମୂଲ୍ୟ ୬ହଜାର ଟଙ୍କା, ଏସି ବକ୍ସ ଟିକେଟର ମୂଲ୍ୟ ୮ହଜାର ଟଙ୍କା, ନିଉ ପାଭାଲିୟନ ଟିକେଟର ମୂଲ୍ୟ ୧୦ହଜାର ଟଙ୍କା ଓ କର୍ପୋରେଟ ବକ୍ସ ଟିକେଟର ମୂଲ୍ୟ ୨୦ହଜାର ଟଙ୍କା ରହିଛି। ବାରବାଟୀ ଷ୍ଟାଡିୟମ୍‌ରେ ଆସନ୍ତା ୯ ତାରିଖରେ ଟି-୨୦ ମ୍ୟାଚ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ଅପରାହ୍ଣ ୪ଟାରୁ ପ୍ରବେଶ ଅନୁମତି ଦିଆଯିବ। ଚଳିତ ଥର ଫ୍ଲଡ୍ ଲାଇଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। କ୍ରିକେଟ ପ୍ରେମୀଙ୍କ ପାଇଁ ଉପର ବାଲିଯାତ୍ରା ପଡ଼ିଆ, ତଳ ବାଲିଯାତ୍ରା ପଡ଼ିଆ ଓ ଜବାହାରଲାଲ୍ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ୩ଟି 'ଫ୍ୟାନ ପାର୍କ' ନିର୍ମାଣ କରାଯାଇଛି। ଘରୋଇ ଓ ଭ୍ରମଣକାରୀ ଦଳ ଭୁବନେଶ୍ୱରର ମେ' ଫେୟାର ହୋଟେଲରେ ରହିବେ ଏବଂ କଡ଼ା ସୁରକ୍ଷା ମଧ୍ୟରେ ପୃଥକ ବସ୍‌ରେ ମ୍ୟାଚ ପାଇଁ ବାରବାଟୀ ଷ୍ଟାଡ଼ିୟମକୁ ଯାତ୍ରା କରିବେ। ମ୍ୟାଚ ପାଇଁ ୫୦କୋଟି ଟଙ୍କା ବୀମା କରାଯାଇଛି ବୋଲି ଓସିଏ ପକ୍ଷରୁ ସୂଚନା ଦିଆଯାଇଛି। ଷ୍ଟାଡିୟମ୍ ପ୍ରବେଶ ଦ୍ୱାରରୁ ଆସୁଥିବା ୪ଟି ରାସ୍ତାରେ ସିସିଟିଭି କ୍ୟାମେରା ଲଗାଯିବ। ନେଟ ପ୍ରାକ୍ଟିସ ସମୟରେ ଗ୍ୟାଲେରୀ ୧, ୨, ୬ ଏବଂ ୭ ଖୋଲା ରହିବ। କିମ୍ସ ହସପିଟାଲ ଏବଂ ଏସସିବି ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ଦଳ କାର୍ଯ୍ୟରେ ନିୟୋଜିତ ରହିବେ। ଏହାଛଡ଼ା ଅଗ୍ନି ନିରାପତ୍ତା ଏବଂ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସମସ୍ତ ଗ୍ୟାଲେରୀରେ ପାନୀୟଜଳ ଉପଲବ୍ଧ ହେବ। ଓସିଏ ପକ୍ଷରୁ ବାରବାଟୀ ଟି-୨୦ ମ୍ୟାଚ ପାଇଁ ପ୍ରଥମ ଟିକେଟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରାଯାଇଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓସିଏ ସଭାପତି ପଙ୍କୋଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ସିଇଓ ସୁବ୍ରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆଠଗଡ଼ରେ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ



**ଆଠଗଡ଼,୩୦।୧୧/ଏନ୍‌ଏନ୍‌ଏସ୍:** ଗ୍ରାମାଞ୍ଚଳରେ ଥିବା ଲୁକାୟିତ ପ୍ରତିଭାମାନଙ୍କୁ ଖୋଜି ବାହର କରିବା ସାଂସଦ ଖେଳ ଉତ୍ସବର ମୁଳ ଲକ୍ଷ୍ୟ ବୋଲି ଆଜି ଆଠଗଡ ନିର୍ବାଚନ ମଣ୍ଡଳୀରେ ସାଂସଦ ଖେଳ ମହୋତ୍ସବ ୨୦୨୫ ଉଦଘାଟନ ସଭାରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋ୍‌ଗଦେଇ ୩ ଗୋଟି ବର୍ଗରେ ଖେଳା ଯାଉଥିବା ଏହି ଖେଳ ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦଗାଟନ କରି ଗ୍ରାମାଞ୍ଚଳରେ ଥିବା ଯୁବ ଗୋଷ୍ଠିଙ୍କ ପାଖରେ ଯେଉଁ ଖେଳ ନୈପୁଣ ରହିଛି ସେମାନେ ତାହାକୁ ପ୍ରଦର୍ଶନ କରିବେ ବୋଲି ପ୍ରକାଶ କରିଥିଲେ।

ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ୱବଧାନରେ ଅନୁଷ୍ଠିତ ଏହି ଖେଳ ମହୋତ୍ସବ ପାଇଁ ସାରା ରଜ୍ୟ ଓ ଦେଶରେ କ୍ରୀଡା କ୍ଷେତ୍ରରେ ଥିବା ଲୁକାୟିତ ପ୍ରତିଭା ମାନେ ଆଗକୁ ଆସି ପାରିବେ ଯାହାର ଶ୍ରେୟ ସେ ପ୍ରଧାନମନ୍ତ୍ରୀଙ୍କୁ ଦେବା ସହିତ ପ୍ରଶଂସା ମଧ୍ୟ କରିଥିଲେ। ବରିଷ୍ଠ ବିଜେପି ନେତା ଅଭୟ କୁମାର ବାରିକଙ୍କ ପରିଚାଳନା ଏବଂ ନିର୍ବାଚନ ମଣ୍ଡଳୀ ସାଂସଦ ଖେଳ ମହୋତ୍ସବ ସଂଯୋଜକ ତପନ କୁମାର ଲେଙ୍କାଙ୍କ ସଂଯୋଜନାରେ ସ୍ଥାନିୟ ଦୋରଡ ସ୍ଥିତ ଖେଳପଡିଆ ଠାରେ ଆଜି କ୍ରିକେଟ ଏବଂ ଭଲି ବଲ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଯାଇଛି। ସଭାରେ ସମ୍ମାନିତ ଅତିଥି ଭାବେ ଆଠଗଡ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା, ତିଗିରିଆ ବ୍ଲକ ସହଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଉରୀ, ଗୋପବନ୍ଧୁ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଲୋକନାଥ ସାହୁଙ୍କ ସମେତ ବହୁ କ୍ରୀଡ଼ାବିତ୍ ଯୋଗଦେଇଥିଲେ।

## ଆଜିର ଇତିହାସ

- ୧୮୫୫-ଗାନ୍ଧିବାଦୀ ନେତା କାକା କାଲେଲକାର ଏହି ଦିନ ଜନ୍ମଗ୍ରହଣ କରିଥିଲେ।
- ୧୮୮୬-ଦେଶଭକ୍ତ ସମାଜ ସୁଧାରକ ରାଜା ମହେନ୍ଦ୍ର ପ୍ରତାପଙ୍କ ଆଜି ଜନ୍ମଦିନ।
- ୧୯୩୩-କୋଲକାତା ଓ ଢ଼ାକା ମଧ୍ୟରେ ବିମାନ ସେବାର ଆରମ୍ଭ ହୋଇଥିଲା।
- ୧୯୫୪-ସମାଜସେବୀ ମେଧା ପାଟକରଙ୍କ ଜନ୍ମଦିନ।
- ୧୯୯୦- ପଣ୍ଡିତ ନେହେରୁଙ୍କ ଭଉଣୀ ବିଜୟଲକ୍ଷ୍ମୀ ପଣ୍ଡିତଙ୍କ ନିଧନ।

## ଆଜିର ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** – ଦୀର୍ଘ ଦିନର ସମସ୍ୟାରୁ ମୁକ୍ତ ହେବେ। ଆତ୍ମବିଶ୍ୱାସ ମଜଭୁତ ହେବ। ବାଣୀରେ ସୌମ୍ୟତା ମାନ-ସମ୍ମାନ ଦେବ। ରାଜନୀତିରେ ବଡ଼ ପଦ ପ୍ରାପ୍ତ ହେବ। ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ଖୁସି ଦେବ।

**ବୃଷ** – ପରିବାର ସହିତ ସମୟ ବିତେଇବେ। ମନୋମାଳିନ୍ୟ ଦୂର ହେବ। ନୂଆ ଅତିଥିଙ୍କ ଆଗମନ ହୋଇପାରେ। ଅଜଣା ବ୍ୟକ୍ତିଙ୍କୁ ନେଇ ନିବେଶ ନକଲେ ଭଲ। ସେୟାର୍ ବଜାର ପାଇଁ ଖୁବ୍ ଭଲ ସମୟ।

**ମିଥୁନ** – ଦିନଟି ଆପଣଙ୍କ ପାଇଁ ଅନୁକୂଳ ରହିବ। ଧର୍ମ-କର୍ମରେ ରୁଚି ରହିବ। କାର୍ଯ୍ୟକ୍ରମଗୁଡ଼ିକରେ ଭାଗ ନେବେ। ସମୟାନୁସାରେ କାମ ଶେଷ କରିବେ। ବିଦ୍ୟାର୍ଥୀମାନେ ପାଠପଢ଼ାରେ ଅବହେଳା କରିବେ।

**କର୍କଟ** – ଦିନଟି ଆପଣଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ। ଅକସ୍ମାତ ଧନ ଲାଭ ଖୁସି ଦେବ। କୌଣସି ପରିଜନଙ୍କ ଠାରୁ ଖୁସି ଖବର ଶୁଣିବେ। ପୁରୁଣା ନେଣଦେଣ ସମସ୍ୟାରେ ପକେଇବ। ବ୍ୟବସାୟରେ ସମସ୍ୟା ହେବ।

**ସିଂହ** – ଦିନଟିରେ ମିଶ୍ରିତ ଫଳ ପ୍ରାପ୍ତି ହେବ। ଭାଗୀଦାରୀରେ କାମ କରିବା ଉତ୍ତମ ରହିବ। ଜୀବନସାଥି ସହିତ ମତଭେଦ ଦୂର ହେବ। ସରକାରୀ କାମରେ ବ୍ୟସ୍ତତା ରହିପାରେ। ପ୍ରମୋଶନର ବାଧା ଦୂର ହେବ।

**କନ୍ୟା** – ସାବଧାନ ରହିବେ। ବ୍ୟବସାୟରେ ଶୀଘ୍ର ନିର୍ଣ୍ଣୟ ନିଅନ୍ତୁ ନାହିଁ। ବାଣୀ ଉପରେ ସଂଯମ ରଖନ୍ତୁ। ସାଙ୍ଗସାଥିଙ୍କ ସହିତ ନିକଟତର ହେବେ। ମନରେ ଚାଲୁଥିବା ସମସ୍ୟା ଦୂର ହେବ।

**ତୁଳା** – ଅଟକିଥିବା କାମ ଆଜି ପୂରା ହେବ। ଅନେକ ଦୃଷ୍ଟିରୁ ଦିନଟି ଉତ୍ତମ। ସ୍ୱାସ୍ଥ୍ୟଗତ ସମସ୍ୟା ରହିବ। ବିରୋଧୀଙ୍କୁ ଚିନ୍ତା କରି କଥା କୁହନ୍ତୁ। ସନ୍ତାନ ପକ୍ଷରୁ ଖୁସି ଖବର ଶୁଣିବେ। କାର୍ଯ୍ୟକ୍ଷେତ୍ରରୁ ଲାଭ ଉଠାଇବେ।

**ବିଛା** – ଦିନଟି ଆନନ୍ଦଦାୟକ ରହିବ। ନୂଆ ସମ୍ପତ୍ତି କିଣି ପାରନ୍ତି। ପ୍ରେମ ଜୀବନ ଜିଉଁଥିବା ଲୋକମାନଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ନୂଆ ପରିଚୟ ମିଳିବ। ଅନ୍‌ଲାଇନ୍ ସପିଂ କରିପାରନ୍ତି।

**ଧନୁ** – ମାନ-ସମ୍ମାନ ବୃଦ୍ଧିର ସଂକେତ ମିଳୁଛି। ରାଜନୀତିରେ ନୂଆ ପରିଚୟ ସୃଷ୍ଟି କରିବେ। ପ୍ରେମ ଜୀବନରେ ତାଳମେଳ ରହିବ। ଆହ୍ୱାନମୂଳକ କାମ ନକଲେ ଭଲ। ପ୍ରମୋଶନରେ ରୋକ ଲାଗିପାରେ।

**ମକର** – ଜମିଜମା ସମ୍ବନ୍ଧୀୟ କାମ ପାଇଁ ଦିନଟି ଉତ୍ତମ। ଅଟକିଥିବା କାମ ପୂରା ହେବ। ବ୍ୟବସାୟରେ ଡିଲ୍ ଫାଇନାଲ୍ ହୋଇପାରେ। ଇଚ୍ଛାକୁ ପୂରା କରିବା ପାଇଁ ଖର୍ଚ୍ଚ କରିବେ। ବରିଷ୍ଠଙ୍କ ଠାରୁ ପରାମର୍ଶ ନେଇପାରନ୍ତି।

**କୁମ୍ଭ** – ଦିନଟି ଆପଣଙ୍କ ପାଇଁ ଖୁବ୍ ଖାସ୍। ସଫଳତା ପାଇ ଖୁସି ହେବେ। ପ୍ରେମ ଜୀବନରେ ଲୋକମାନେ ରୋମାଣ୍ଟିକ୍ ରହିବେ। ଅଜଣା ବ୍ୟକ୍ତିଙ୍କ ଠାରୁ ଦୂରରେ ରୁହନ୍ତୁ। ସନ୍ତାନ ପକ୍ଷରୁ ଖୁସି ଖବର ମିଳିବ।

**ମୀନ** – ଆଜି ମିଶ୍ରିତ ଫଳାଫଳ ପାଇବେ। ମନରେ କିଛି କାମକୁ ନେଇ ଟେନ୍‌ସନ୍ ରହିବ। କିଛି ନୂଆ ଆୟ ବି ହୋଇପାରେ। କାରବାରରେ ଖୁବ୍ ଲାଭ ପାଇବେ। ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବେ। କୌଣସି ଯାତ୍ରା ପାଇଁ ପ୍ରସ୍ତୁତ ହୋଇପାରନ୍ତି।

## ଶ୍ରୀମଦ୍ ଭଗବଦ୍‌ଗୀତା



**କାର୍ଯ୍ୟକରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ।**
**ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ। (୧୩/୨୦)**

ଦେହ ଓ ଇନ୍ଦ୍ରିୟ ସକଳ ପ୍ରକୃତି ଠାରୁ ଉତ୍ପନ୍ନ ବୋଲି କ୍ଷେତ୍ର ବା ପ୍ରକୃତିକୁ କାରଣ କହନ୍ତି। ଦୁଃଖ ସୁଖ ଭୋଗ କ୍ଷେତ୍ରରେ ପୁରୁଷ ବା କ୍ଷେତ୍ରଜ୍ଞ ହେଉଛନ୍ତି କାରଣ। ଶ୍ରୀ ରାମକୃଷ୍ଣ କହନ୍ତି - ବ୍ରହ୍ମ ଜ୍ଞାନ ଓ ବ୍ରହ୍ମ-ଆନନ୍ଦ ମହାମାୟାଙ୍କର କରୁଣା ଓ ଆଶୀର୍ବାଦ ଯୋଗୁ ଆମେ ମରଣଶୀଳ ବ୍ୟକ୍ତି ଲାଭ କରନ୍ତି। ତାଙ୍କର କରୁଣା ନ ହେଲେ ବ୍ରହ୍ମଙ୍କର ଟେର ମିଳିବା ତ ଦୂରର କଥା ତାଙ୍କ ଆଡେ ଟିକିଏ ଚାହିଁ ହେବନି। ଏହି ଅନିତ୍ୟ ସଂସାରର ଅନୁଭୂତି ମଧ ଆମେ ତାଙ୍କ କରୁଣା ଯୋଗୁ ପାଇଥାନ୍ତି। ଉପଭୋକ୍ତା ଓ ଉପଭୋଗ ମହାମାୟାଙ୍କ ଜଗତ ଉର୍ଦ୍ଧ୍ୱରେ ନଥାଏ।।


# ମୋକ୍ଷଦା ଏକାଦଶୀ



ମାର୍ଗଶିର ମାସ ଶୁକ୍ଳପକ୍ଷରେ ପାଳନ କରାଯାଏ ମୋକ୍ଷଦା ଏକାଦଶୀ। ନାମରୁ ଏହା ଜଣାପଡ଼େ ଯେ ମୋକ୍ଷଦାର ଅର୍ଥ ମୋକ୍ଷ ପ୍ରଦାନକାରୀ। ଏହି ଦିନ ସଚ୍ଚା ମନରେ ଭଗବାନ ବିଷ୍ଣୁଙ୍କ ପୂଜା ଓ ବ୍ରତ କରିବା ଦ୍ୱାରା ବ୍ୟକ୍ତିକୁ ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତି ମିଳିଯାଏ। ମାନ୍ୟତା ଅନୁସାରେ ଏହି ତିଥି ଦିନ ଭଗବାନ ଶ୍ରୀକୃଷ୍ଣ, ଅର୍ଜୁନଙ୍କୁ ଗୀତା ଉପଦେଶ ଦେଇଥିବାରୁ ଏହି ଦିନଟିକୁ ଗୀତା ଜୟନ୍ତୀ ଭାବରେ ମଧ୍ୟ ପାଳନ କରାଯାଏ। ଏହି ପବିତ୍ର ଅବସରରେ ପୂଜା, ଉପବାସ ଓ ଦାନ ଦ୍ୱାରା ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିଥାଏ। ମୋକ୍ଷଦା ଏକାଦଶୀର ମହତ୍ତ୍ୱ ନା କେବଳ ଧାର୍ମିକ ରୂପରେ ରହିଛି ଏହା ଆଧ୍ୟାତ୍ମିକ ଶୁଦ୍ଧି ଓ ଆତ୍ମାର ଉଦ୍ଧାରର ପ୍ରତୀକ ମଧ୍ୟ। ଏହି ଦିନର ଧାର୍ମିକ ଓ ଐତିହାସିକ ମହତ୍ତ୍ୱ ଅଦ୍ୱିତୀୟ।

ଏକାଦଶୀ ଦିନ କ'ଣ ଖାଇବେ-ଏକାଦଶୀର ଏହି ପବିତ୍ର ଦିନରେ ସବୁ ପ୍ରକାରର ତାଜା ଫଳ ଖାଇପାରିବେ। ଫଳାହାର ବ୍ରତ ଊର୍ଜା ଓ ତାଜାପଣର ଅନୁଭବ ଦେଇଥାଏ। କ୍ଷୀର, ଦହି, ଛାଛର ସେବନ କରାଯାଏ ଯେଉଁଗୁଡ଼ିକୁ ସାତ୍ତ୍ୱିକ ଭୋଜନ ଓ ପାଚନ ପାଇଁ ଲାଭକାରୀ ବୋଲି କୁହାଯାଏ। ଆଳୁ, କନ୍ଦମୂଳ, ସାରୁ ଓ ସିଂଘାଡ଼ାର ଅଟାରୁ ତିଆରି ଜିନିଷ ବ୍ରତ ସମୟରେ ଖାଇପାରିବେ। ଏହା ସହଜରେ ହଜମ ହେଉଥିବା ଓ ଊର୍ଜା ଦେଉଥିବା ଖାଦ୍ୟପଦାର୍ଥ। କୁଟ୍ଟୁ ଅଟା, ସାଗୁଦାନା ଓ ରାଜଗିରାର ଉପଯୋଗ ବ୍ରତରେ କରାଯାଏ। ଏଥିରୁ ହାଲୁକା ଓ ପୌଷ୍ଟିକ ବ୍ୟଞ୍ଜନ ତିଆରି କରିପାରିବେ। ଫଳାହାରରେ ସୈନ୍ଧବ ଲବଣ, ଗୋଲମରିଚ, ଅଦା ଓ କଞ୍ଚା ଲଙ୍କାର ପ୍ରୟୋଗ କରିହେବ।

# ପରମାଣୁ ବିକିରଣ



ନ୍ୟୁକ୍ଲିୟର ରେଡିଏସନ୍ ବା ପରମାଣୁ ବିକିରଣ ଆଜି ବି ବୈଜ୍ଞାନିକ ଦୃଷ୍ଟିକୋଣରୁ ସବୁଠାରୁ ଗମ୍ଭୀର ବିଷୟ ମଧ୍ୟରୁ ଅନ୍ୟତମ ହୋଇ ରହିଛି। ପରମାଣୁର ନାଭିକ ଅସ୍ଥିର ହୋଇ ଊର୍ଜା ଛାଡ଼ିଲେ ଏହି ବିକିରଣ ଉତ୍ପନ୍ନ ହୋଇଥାଏ। ଏହି ପ୍ରକ୍ରିୟାକୁ ରେଡିଓଧର୍ମୀ କ୍ଷୟ ବା ରେଡିଓଆକ୍ଟିଭ ଡିକେ ବୋଲି କୁହାଯାଏ। କିଛି ରେଡିଓଧର୍ମୀ ତତ୍ତ୍ୱଗୁଡ଼ିକର ଜୀବନକାଳ ଏତେ ଲମ୍ବା ହୋଇଥାଏ ଯେ ସେଗୁଡ଼ିକ ଶହ ଶହ ବା ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଜୀବିତ ରହି ରେଡିଏସନ୍ ବା ବିକିରଣ ଉତ୍ସର୍ଜିତ କରିଥାନ୍ତି। ଏହି କାରଣରୁ କିଛି ପରମାଣୁ ପଦାର୍ଥ ଶହ ଶହ ବର୍ଷ ପର୍ଯ୍ୟନ୍ତ ବିପଦଜନକ ହୋଇ ରହିଥାନ୍ତି। ପରମାଣୁ ବିକିରଣ ମୁଖ୍ୟତଃ ତିନି ପ୍ରକାରର- ଆଲ୍ଫା, ବୀଟା ଓ ଗାମା। ଆଲ୍ଫା ବିକିରଣ ବଡ଼ ଓ ଭାରି କଣଗୁଡ଼ିକ ଦ୍ୱାରା ତିଆରି ହୋଇଥାଏ ଯେଉଁଗୁଡ଼ିକ ସାଧାରଣତଃ ପବନରେ କିଛି ସେ.ମି ପର୍ଯ୍ୟନ୍ତ ଯାତ୍ରା କରିପାରନ୍ତି। ଏହି କଣଗୁଡ଼ିକ ସ୍କିନ୍‌ର ବାହାର ସ୍ତରକୁ ଭେଦ କରିପାରନ୍ତି ନାହିଁ। କିନ୍ତୁ ଶରୀରରେ ଯଦି ପ୍ରବେଶ କରନ୍ତି ତେବେ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଉତ୍ପନ୍ନ କରାଇ ଥାଆନ୍ତି। ବୀଟା ବିକିରଣ ହାଲୁକା ଇଲେକ୍ଟ୍ରୋନିକ୍ସ ଦ୍ୱାରା ତିଆରି ହୋଇଥାଏ ଯେଉଁଗୁଡ଼ିକ ଆଲ୍ଫା କଣଗୁଡ଼ିକ ତୁଳନାରେ ଅଧିକ ଦୂର ପର୍ଯ୍ୟନ୍ତ ଯାଇପାରନ୍ତି। ଏଗୁଡ଼ିକ ଶରୀରର ଉତ୍ତକ ଓ କୋଷିକାଗୁଡ଼ିକର କ୍ଷତି କରିପାରନ୍ତି। ଗାମା ବିକିରଣ ସବୁଠାରୁ ବିପଦଜନକ ଯେଉଁଗୁଡ଼ିକ ଉଚ୍ଚ-ଊର୍ଜାସମ୍ପନ୍ନ ଇଲେକ୍ଟ୍ରୋମ୍ୟାଗ୍ନେଟିକ ତରଙ୍ଗଗୁଡ଼ିକ ଭାବରେ ଉତ୍ସର୍ଜିତ ହୋଇଥାନ୍ତି ଓ ସହଜରେ କଠିନ ପଦାର୍ଥଗୁଡ଼ିକୁ ଅତିକ୍ରମ କରିପାରନ୍ତି। ଗାମା ବିକିରଣ ସିଧା ଡିଏନ୍‌ଏ ଓ କୋଷିକାଗୁଡ଼ିକ ଉପରେ ପ୍ରଭାବ ପକାଇ ଥାଆନ୍ତି ଯେଉଁ କାରଣରୁ କ୍ୟାନ୍ସର୍ ଓ ଅନ୍ୟ ଗମ୍ଭୀର ରୋଗ ହେବାର ବିପଦ ବୃଦ୍ଧିପାଏ। ବୈଜ୍ଞାନିକମାନଙ୍କ ଅନୁସାରେ ଦୀର୍ଘ ଦିନ ଧରି ରହିପାରୁଥିବା ରେଡିଓଧର୍ମୀ ତତ୍ତ୍ୱ ଯଥା- ୟୁରାନିୟମ୍-୨୩୮, ପ୍ଲୁଟୋନିୟମ୍-୨୩୯ ଓ ଥୋରିୟମ୍ ଶହ ଶହ ବର୍ଷ ପର୍ଯ୍ୟନ୍ତ ବିକିରଣ ଉତ୍ସର୍ଜିତ କରପାରନ୍ତି। ଏହି କାରଣରୁ ପରମାଣୁ ଊର୍ଜା ସଂଯନ୍ତ୍ର ଓ ପରମାଣୁ ହତିଆରଗୁଡ଼ିକର ଅପଶିଷ୍ଟକୁ ସୁରକ୍ଷିତ ଭାବରେ ସଂଗ୍ରହ କରିବା ବହୁତ ଜରୁରୀ ହୋଇଥାଏ।

# ପ୍ରତି ଘରେ ବିଷାକ୍ତ ସାପ




ଆମେମାନେ ସାପମାନଙ୍କୁ ନେଇ ଅନେକ କାହାଣୀ ଶୁଣିଥିବା କିନ୍ତୁ ମହାରାଷ୍ଟ୍ରର ଏହି ଗ୍ରାମର କାହାଣୀ ଟିକେ ଅଲଗା ଯେଉଁଠାରେ ନାଗ ସାପ ପରି ବିଷାକ୍ତ ସାପମାନେ ଘରମାନଙ୍କରେ ବୁଲୁଥାନ୍ତି। ଲୋକମାନେ ଏମାନଙ୍କୁ ଭୟ କରିବା ପରିବର୍ତ୍ତେ ସାଙ୍ଗ ଭାବରେ ଦେଖନ୍ତି। ତେଣୁ ଯଦି ବିଭିନ୍ନ ସ୍ଥାନକୁ ବୁଲିଯିବାର ସଉକ ଆପଣଙ୍କର ଥାଏ ତେବେ ଏହି ଗ୍ରାମଟି ଭୟଙ୍କର ହେବା ସହିତ ଅନୋଖା ଅଭିଜ୍ଞତା ଦେବ। ସେଠାରେ ସାପମାନେ କେବଳ ପାଳିତ ଜୀବ ହୋଇ ରହିନାହାନ୍ତି ଗ୍ରାମବାସୀମାନଙ୍କ ଜୀବନର ଅଂଶବିଶେଷ ହୋଇ ରହିଛନ୍ତି। ଶେତପାଲ୍ ଗ୍ରାମ ମହାରାଷ୍ଟ୍ରର ସୋଲାପୁର ଜିଲ୍ଲାରେ ସ୍ଥିତ ଓ ଗ୍ରାମଟି ନିଜର ଅନୋଖା ଅନୁଭବ ପାଇଁ ପୂରା ଦେଶରେ ଜଣାଶୁଣା। ପୁନେ ଠାରୁ ପାଖାପାଖି ୨୦୦ କି.ମି ଦୂର ଏହି ଗ୍ରାମରେ କୌଣସି ବ୍ୟକ୍ତି ସାପମାନଙ୍କୁ ଦେଖି ସେତେ ବ୍ୟସ୍ତ ହୁଅନ୍ତି ନାହିଁ ଯେତିକି ଆମେମାନେ ସାପ ଦେଖିଲେ ହେଉଥିବା। କାରଣ ସେମାନେ ଜାଣିଥାନ୍ତି ଯେ ସାମପାନେ ଲୋକମାନଙ୍କର କିଛି କ୍ଷତି ନକରି ଶାନ୍ତିରେ ରହନ୍ତି। ଏଥିପାଇଁ ଶେତପାଲ୍ ଗ୍ରାମକୁ ସାପମାନଙ୍କର ଗ୍ରାମ ବୋଲି କୁହାଯାଏ। ଗ୍ରାମର ପିଲାମାନେ ମଧ ସାପମାନଙ୍କ ସହିତ ଖେଳନ୍ତି ଓ ହାତରେ ଧରିନିଅନ୍ତି। ସାପମାନେ ମଧ ପିଲାମାନଙ୍କୁ ଦେଖି କୌଣସି ପ୍ରକାରର ଆକ୍ରମକତା ରୂପ ଦେଖାନ୍ତି ନାହିଁ। ଏହି ଦୋସ୍ତାନା ବ୍ୟବହାର ଗ୍ରାମର ଅନୋଖା ସାଂସ୍କୃତିକ ଓ ପାରିବାରିକ ପରିବେଶର ଅଂଶବିଶେଷ। ଶେତପାଲ୍ ଗ୍ରାମର ଏହି ଅନୁଭବ କେବଳ ଅଦ୍ଭୁତ ନୁହେଁ ବିପଦପୂର୍ଣ୍ଣ ମଧ। ମଣିଷ ଓ ଜୀବଙ୍କ ମଧ୍ୟରେ କିପରି ଏକ ଅନୋଖା ବୁଝାମଣା କାମ କରୁଛି ସେଠାକୁ ବୁଲିଯାଉଥିବା ଲୋକମାନେ ହିଁ ବର୍ଣ୍ଣନା କରିପାରିବେ। ଗ୍ରାମରୁ ମଜାଦାର ଓ ରୋମାଞ୍ଚକ ଯାତ୍ରାର ଅନୁଭବ ସେମାନେ ପାଇଥାନ୍ତି ଯେଉଁମାନେ ପ୍ରାକୃତିକ ଓ ଅନୋଖା ପ୍ରକାରର ଜୀବନକୁ ଦେଖିବା ପାଇଁ ସଉକ ରଖିଥାନ୍ତି।

## ନୂଆ ଅନ୍ଦାଜରେ
# ରନ୍‌ବୀର ଓ ଦୀପିକା



ବଲିଉଡ୍‌ରେ ହେବାକୁ ଯାଉଛି ଏକ ଜୋର୍‌ଦାର ଧମାକା। କାରଣ ପାଖାପାଖି ଦଶ ବର୍ଷ ପରେ ବଡ଼ ପରଦାରେ ଏକା ସହିତ ନଜର ଆସିବେ ରନ୍‌ବୀର-ଦୀପିକା ଯୋଡ଼ି। ତେବେ ଏହି ଯୋଡ଼ିକୁ ଖୁବ୍ ଭଲ ପାଇବା ଦେଇଛନ୍ତି ଦର୍ଶକମାନେ। ଏବେ ଖବର ଆସୁଛି ଯେ ନିର୍ଦ୍ଦେଶକ ଅୟାନ ମୁଖାର୍ଜୀ ଏହି ଯୋଡ଼ିକୁ ନେଇ ତାଙ୍କର ଆଗାମୀ ଫିଲ୍ମର ନିର୍ମାଣ କରିବେ। ଫିଲ୍ମଟି ପୁରୁଣା ଯୁଗର ସୁପରହିଟ୍ ଫିଲ୍ମ 'ଚୋରି ଚୋରି' ଦ୍ୱାରା ପ୍ରେରିତ ହେବ କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ଭାବରେ ନୂଆ ଅନ୍ଦାଜରେ ନିର୍ମାଣ କରାଯିବ। ଅୟାନ ମୁଖାର୍ଜୀ ଏହି ଫିଲ୍ମଟିକୁ ଏକ ସୁନ୍ଦର ରୋମାଣ୍ଟିକ ଓ ହାଲୁକା କାହାଣୀର ରୂପ ଦେବେ ଯେଉଁଥିରେ ଥିବ ପ୍ରେମ, ଟକ୍କର ଓ ଭାବନାର ମେଳ। ରନ୍‌ବୀର ଓ ଦୀପିକାଙ୍କ ଅନ୍‌ସ୍କ୍ରିନ କେମିଷ୍ଟ୍ରି ଖୁବ୍ ଶାନ୍‌ଦାର ରହିଥିଲା ଯାହା ଦର୍ଶକମାନଙ୍କ ହୃଦୟରେ ଗଭୀର ଛାପ ଛାଡ଼ିଛି। ଶେଷ ଥର ପାଇଁ ରନ୍‌ବୀର-ଦୀପିକା ଯୋଡ଼ିକୁ ୨୦୧୪ରେ ରିଲିଜ ହୋଇଥିବା ଫିଲ୍ମ 'ତମାସା'ରେ ଦେଖିବାକୁ ମିଳିଥିଲା। ତେଣୁ ଯଦି ଏହି ଯୋଡ଼ି ପୁଣି ଥରେ ଫେରିବ ତେବେ ଏହା ଦର୍ଶକମାନଙ୍କ ପାଇଁ କୌଣସି ସର୍‌ପ୍ରାଇଜ ଠାରୁ କମ୍ ହେବ ନାହିଁ। ଖବର ଅନୁସାରେ ରନ୍‌ବୀର କପୁର ତାଙ୍କ ଜେଜେବାପା ରାଜ କପୁରଙ୍କ ବିରାସତକୁ ଆଗକୁ ବଢ଼େଇବା ପାଇଁ ନିଜ ପାରିବାରିକ ବ୍ୟାନର୍ ଆରକେ ଫିଲ୍ମସ୍‌କୁ ପୁଣି ଥରେ ଆରମ୍ଭ କରିବେ ଏହି ଫିଲ୍ମ ଜରିଆରେ। 'ଚୋରି ଚୋରି' ଫିଲ୍ମରେ ରାଜ କପୁର ଓ ନରଗିସ୍ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। 'ଚୋରି ଚୋରି'ର କାହାଣୀ- ଏହାର କାହାଣୀରେ ଦୁଇ ଜଣ ଅଲଗା ଅଲଗା ଚିନ୍ତାଧାରାର ବ୍ୟକ୍ତି ଏକ ଯାତ୍ରା ସମୟରେ ଭେଟ ହୁଅନ୍ତି ଓ ସେହିଠାରୁ ଆରମ୍ଭ ହୁଏ ମଜାଦାର କାହାଣୀ। ଧୀରେ ଧୀରେ ଏହି ସାକ୍ଷାତ ଏକ ସୁନ୍ଦର ସମ୍ପର୍କରେ ବାନ୍ଧି ହୋଇଯାଏ। ଅୟାନ ମୁଖାର୍ଜୀ ଏହି କାହାଣୀକୁ ବହୁତ ହାଲୁକା, ସୁନ୍ଦର ଓ ହୃଦୟସ୍ପର୍ଶୀ କରିବା ପାଇଁ ଚାହୁଁଛନ୍ତି। ତାଙ୍କ ନିର୍ଦ୍ଦେଶନାରେ ସବୁବେଳେ ରହିଥାଏ ଭାବନା ଓ ଭାବନାର ଗଭୀରତା। ଏହା ସହିତ ରହିଥାଏ ଶାନ୍‌ଦାର ଦୃଶ୍ୟ। ସେଥିପାଇଁ ଦର୍ଶକମାନେ ଏହାକୁ ନେଇ ଖୁବ୍ ଆଶାବାଦୀ ଅଛନ୍ତି।

# ବିଶ୍ୱ ଏଡ୍‌ସ ଦିବସ



ଏଚ୍‌ଆଇଭି ଓ ଏଡ୍‌ସ ବିରୁଦ୍ଧରେ ଲଢ଼ିବା ପାଇଁ ଲୋକମାନଙ୍କୁ ଏକଜୁଟ କରିବାର ଏକ ବୈଶ୍ୱିକ ଆନ୍ଦୋଳନ ବିଶ୍ୱ ଏଡ୍‌ସ ଦିବସ। ୧୯୮୮ରୁ ବିଭିନ୍ନ ସମୁଦାୟ ବିଶ୍ୱ ଏଡ୍‌ସ ଦିବସରେ ଏଚ୍‌ଆଇଭି କଳଙ୍କ ବିରୁଦ୍ଧରେ ନିଜର ଶକ୍ତି ଓ ଏକଜୁଟତା ଦେଖାଇବା ପାଇଁ ଓ ହରାଇଥିବା ଜୀବନଗୁଡ଼ିକୁ ସ୍ମରଣ କରିବା ପାଇଁ ଏକା ସହିତ ଛିଡ଼ା ହେଉଛନ୍ତି। ବର୍ତ୍ତମାନ ସମୟରେ ପୂରା ଦୁନିଆରେ ୩.୮ କୋଟିରୁ ଅଧିକ ଲୋକ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥିବା ବେଳେ ବ୍ରିଟେନରେ କେବଳ ଏମାନଙ୍କର ସଂଖ୍ୟା ହେଉଛି ୧,୦୫,୦୦୦। ବିଗତ ୪୦ ବର୍ଷ ମଧ୍ୟରେ ୩.୫ କୋଟିରୁ ଅଧିକ ଲୋକ ଏଚ୍‌ଆଇଭି ବା ଏଡ୍‌ସ ସମ୍ବନ୍ଧୀୟ ରୋଗଗୁଡ଼ିକ ଦ୍ୱାରା ମୃତ୍ୟୁବରଣ କରିଛନ୍ତି ଯେଉଁଥି ପାଇଁ ଏହା ଇତିହାସର ସବୁଠାରୁ ବିନାଶକାରୀ ମହାମାରୀ ମଧ୍ୟରୁ ଅନ୍ୟତମ ହୋଇସାରିଛି। ତେବେ ଚିକିତ୍ସା ଯୁଗର ପ୍ରଗତି ପାଇଁ ଏହାଦ୍ୱାରା ପୀଡ଼ିତ ଲୋକମାନେ ଦୀର୍ଘ ଦିନ ଧରି ସୁସ୍ଥ ଜୀବନ ଜିଇଁ ପାରୁଛନ୍ତି ଓ ଆଶା କରୁଛନ୍ତି ଯେ ଏଚ୍‌ଆଇଭି ସଂକ୍ରମଣକୁ ସମ୍ପୂର୍ଣ୍ଣ ଭାବରେ ରୋକିବା ପାଇଁ ସାଧନ ରହିଛି। କିନ୍ତୁ ଏଚ୍‌ଆଇଭିକୁ ଏବେ ବି ଏକ କଳଙ୍କିତ ସଂକ୍ରମଣ ଭାବରେ ଗ୍ରହଣ କରାଯାଉଛି। ତେବେ ବିଶ୍ୱ ଏଡ୍‌ସ ଦିବସ ଏଚ୍‌ଆଇଭି ଦ୍ୱାରା ଗ୍ରସ୍ତ ଲୋକମାନଙ୍କ ବାସ୍ତବିକ ଅନୁଭବଗୁଡ଼ିକ ଉପରେ ଆଲୋକପାତ କରେ। ଏହା ସହିତ ଅଧିକ ପ୍ରଭାବିତ ସମୁଦାୟଗୁଡ଼ିକର ଶକ୍ତି, ନମନୀୟତା ଓ ବିବିଧତାକୁ ସେଲିବ୍ରେଟ କରେଇବା ପାଇଁ ମଧ୍ୟ ପାଳନ କରାଯାଏ। ଏହା ହେଉଛି ଏପରି ଏକ ମୁହୂର୍ତ୍ତ ଯେତେବେଳେ ଆମେ ଏପରି ଭବିଷ୍ୟତର ନିର୍ମାଣ କରିବା ପାଇଁ ଆବଶ୍ୟକ ନେତୃତ୍ୱକୁ ପ୍ରେରିତ କରିବା ଉଚିତ।

ରେଡ୍ ରିବନ୍- ଏଚ୍‌ଆଇଭି ଗ୍ରସ୍ତ ଲୋକମାନଙ୍କ ପ୍ରତି ସମର୍ଥନ ରଖିବା ପାଇଁ ଓ ସେମାନଙ୍କୁ ସଚେତନ କରିବା ପାଇଁ ରେଡ୍ ରିବନ୍ ସାର୍ବଭୌମିକ ପ୍ରତୀକ ଭାବରେ କାମ କରେ। ଏହାର ଆରମ୍ଭ ହୋଇଥିଲା ୧୯୯୧ରେ। ଯେତେବେଳେ ୧୨ ଜଣ କଳାକାର ନ୍ୟୁୟର୍କର ଏଚ୍‌ଆଇଭି-ସଚେତନତା କଳା ସଂଗଠନ, ଭିଜୁଆଲ୍ ଏଡ୍‌ସ ପାଇଁ ଏକ ନୂଆ ପରିଯୋଜନା ଉପରେ ଚର୍ଚ୍ଚା କରିବା ପାଇଁ ଏକତ୍ରିତ ହୋଇଥିଲେ। ସେହି ଦଶକରେ ସବୁଠାରୁ ପ୍ରସିଦ୍ଧ ପ୍ରତୀକ ଭାବରେ ଲାଲ୍ ରିବନ୍‌କୁ ସେମାନେ ବ୍ୟବହାର କରିଥିଲେ। ଏଚ୍‌ଆଇଭି ଦ୍ୱାରା ଗ୍ରସ୍ତ ଲୋକମାନଙ୍କ ପ୍ରତି କରୁଣାର ଏକ ଅଭିବ୍ୟକ୍ତି ଭାବରେ ସେମାନେ ଏହି ରିବନ୍‌କୁ ଗ୍ରହଣ କରିବାକୁ ଚାହୁଁଥିଲେ। ଲାଲ୍ ରଙ୍ଗ ନିର୍ଭୀକତା ଓ ପାଗଳପଣ, ହୃଦୟ ଓ ପ୍ରେମର ପ୍ରତୀକ।

# ସୀମା ସୁରକ୍ଷା ବଳ

ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର ଦାୟିତ୍ୱ ଅର୍ଦ୍ଧସୈନିକ ବଳଗୁଡ଼ିକ ଉପରେ ଥାଏ। ଅର୍ଦ୍ଧସୈନିକ ବଳ ଅଧୀନରେ ସୀମା ସୁରକ୍ଷା ବଳ, ରାଷ୍ଟ୍ରୀୟ ସୁରକ୍ଷା ଗାର୍ଡ, କେନ୍ଦ୍ରୀୟ ଔଦ୍ୟୋଗିକ ସୁରକ୍ଷା ବଳ, ସଶସ୍ତ୍ର ସୀମା ବଳ ଥାଆନ୍ତି। ତେବେ ଦେଶର ସୁରକ୍ଷା ପାଇଁ ସବୁବେଳେ ତତ୍ପର ରହୁଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଆଜି ସ୍ଥାପନା ଦିବସ। ୧୯୬୫ର ଆଜିର ଦିନରେ କେଏଫ୍ ରୁସ୍ତମଜୀଙ୍କ ନେତୃତ୍ୱରେ ବିଏସ୍‌ଏଫ୍‌ର ଗଠନ ହୋଇଥିଲା। ଦେଶର ସୀମା ସୁରକ୍ଷାର ଦାୟିତ୍ୱ ଏମାନଙ୍କ ଉପରେ ଥାଏ। ଭାରତ-ପାକିସ୍ତାନ ଓ ଭାରତ-ଚୀନ୍ ଯୁଦ୍ଧ ପରେ ଦେଶର ସୀମା ସହିତ ଜଡ଼ିତ ମାମଲାଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏକ ଏକୀକୃତ କେନ୍ଦ୍ରୀୟ ଏଜେନ୍ସି ଭାବରେ ଏହାର ଗଠନ କରାଯାଇଥିଲା।



ଭାରତୀୟ ସେନା ଓ ଅନ୍ୟ ସୁରକ୍ଷା ବଳ ଦେଶର ସୁରକ୍ଷା ପାଇଁ ତତ୍ପର ରହିଥାନ୍ତି। କିନ୍ତୁ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଓ ସୀମା ସୁରକ୍ଷାରେ ଭାରତୀୟ ସେନା ସହିତ କେତେଗୁଡ଼ିଏ ସୁରକ୍ଷା ବଳ କାର୍ଯ୍ୟ କରୁଥାନ୍ତି। ସୀମାବର୍ତ୍ତୀ କ୍ଷେତ୍ରରେ ରହୁଥିବା ଲୋକମାନଙ୍କ ମଧ୍ୟରେ ସୁରକ୍ଷାର ଭାବନା ଉତ୍ପନ୍ନ କରିବାରେ ସୀମା ସୁରକ୍ଷା ବଳର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇପାରେ। ସୀମାପାର ଅପରାଧକୁ ରୋକିବା ଓ ଭାରତୀୟ କ୍ଷେତ୍ରରୁ ଅନଧିକାର ନିକାସ ବା ପ୍ରବେଶକୁ ପ୍ରତିବନ୍ଧିତ କରିବା ଏମାନଙ୍କର କାର୍ଯ୍ୟ।

# ନାଗାଲାଣ୍ଡ ପ୍ରତିଷ୍ଠା ଦିବସ



୧୯୬୨ରେ ନାଗାଲାଣ୍ଡକୁ ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ସଂସଦ ଦ୍ୱାରା ଅଧିନିୟମିତ କରାଯିବା ପରେ ୧ ଡିସେମ୍ବର, ୧୯୬୩ରେ ଔପଚାରିକ ଭାବରେ ଦେଶର ୧୬ତମ ରାଜ୍ୟ ଭାବରେ ଏକ ଅଲଗା ରାଜ୍ୟର ମାନ୍ୟତା ପାଇଥିଲା ନାଗାଲାଣ୍ଡ। ଏହାପରେ କୋହିମାକୁ ରାଜଧାନୀ ଭାବରେ ରଖାଗଲା। ତେବେ ଦ୍ୱାଦଶ ଓ ତ୍ରୟୋଦଶ ଶତାବ୍ଦୀରେ ନାଗାଲାଣ୍ଡରେ ରହୁଥିବା ଲୋକମାନଙ୍କର ଆସାମର 'ଅହୋମ୍' ଲୋକମାନଙ୍କ ସହିତ ସମ୍ପର୍କ ସ୍ଥାପନା ହୋଇଥିଲେ ମଧ ଏହା ଦ୍ୱାରା ସେମାନଙ୍କର ଦୈନନ୍ଦିନ ଜୀବନ ପ୍ରଭାବିତ ହୋଇନଥିଲା। ଊନବିଂଶ ଶତାବ୍ଦୀରେ ଇଂରେଜମାନଙ୍କର ଆଗମନ ପରେ ଏହି ରାଜ୍ୟ ବ୍ରିଟିଶ ପ୍ରଶାସନ ଅଧୀନକୁ ଚାଲିଗଲା ଓ ସ୍ୱାଧୀନତା ପରେ ଏହି କ୍ଷେତ୍ରକୁ କେନ୍ଦ୍ରଶାସିତ ପ୍ରଦେଶ ଭାବରେ ମାନ୍ୟତା ମିଳିଥିଲା। ସେ ସମୟରେ ଆସାମର ରାଜ୍ୟପାଳ ଏହାର ପ୍ରଶାସନ ଦାୟିତ୍ୱରେ ରହିଲେ ଓ ଏହି କ୍ଷେତ୍ରକୁ 'ନାଗା ହିଲ୍ସ ତୁଏନ୍‌ସାଙ୍ଗ' କ୍ଷେତ୍ର ବୋଲି କୁହାଗଲା। କିନ୍ତୁ ଏହି ପ୍ରଶାସନ ଉପରେ ନାଗରିକମାନେ ଅସନ୍ତୋଷ ପ୍ରକାଶ କରିବା ପରେ ୧୯୬୧ରେ ଏହାର ନାମ ପରିବର୍ତ୍ତନ କରି ନାଗାଲାଣ୍ଡ ରଖାଯାଇ ଭାରତୀୟ ସଂଘର ରାଜ୍ୟ ଭାବରେ ମାନ୍ୟତା ଦିଆଗଲା ଯାହାର ବିଧିବଦ୍ଧ ଉଦ୍‌ଘାଟନ ହୋଇଥିଲା ୧ ଡିସେମ୍ବର, ୧୯୬୩ରେ। ଆସାମ ଘାଟିର ସୀମା ସହିତ ଲାଗିଥିବା ଏହି ରାଜ୍ୟର ଅଧିକାଂଶ ଭାଗ ପାହାଡ଼ିଆ ଅଞ୍ଚଳ। ନାଗାଲାଣ୍ଡର ପ୍ରାକୃତିକ ସୌନ୍ଦର୍ଯ୍ୟ, ଭୋଜନ, ବେଶଭୂଷା ଓ ସଂସ୍କୃତି ପୂରା ବିଶ୍ୱକୁ ଆକର୍ଷିତ କରେ।

# ହିନ୍ଦୁ ଏକତା ମଞ୍ଚ ଭାରତର ଜିଲ୍ଲା ସାଂଗଠନିକ ସଭା

**କଟକ,୩୦।୧୧/ଏନ୍ଏନ୍ଏସ୍:** ଚହଟା ରାମ ମନ୍ଦିର ପରିସରରେ ହିନ୍ଦୁ ଏକତା ମଞ୍ଚ ଭାରତ କଟକ ଜିଲ୍ଲା ସଂଗଠନ ଆନୁକୂଲ୍ୟରେ ଏକ ସାଧାରଣ ସଭା ରାଜ୍ୟ ସଭାପତି ପ୍ରଦୀପ୍ତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସଂଗଠନର ସୁଦୃଢ଼ୀକରଣ ପଞ୍ଜିକରଣ ପ୍ରକ୍ରିୟାର ଅଗ୍ରଗତି ସହିତ ଆଗାମୀ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ବୀରେନ୍ଦ୍ର ସାହୁ ମୁଖ୍ୟ ଉପଦେଷ୍ଟା ଓ ପ୍ରଦୀପ୍ତ କୁମାର ଦେବତାଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଉପସଭାପତି ପ୍ରଦୀପ୍ତ ଆଚାର୍ଯ୍ୟ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ଉପସ୍ଥିତ ଥିବା ସଦସ୍ୟ ଶ୍ୟାମସୁନ୍ଦର ଚୌଧୁରୀ ଡକ୍ଟର ପ୍ରଭାତ ସାହୁ, କୋଷାଧ୍ୟକ୍ଷ ସନ୍ତୋଷ ସାହୁ, ଉପସଭାପତି ରବିନାରାୟଣ ଦାଶ, ସମ୍ପାଦକ ରାଜେନ୍ଦ୍ର ମହାପାତ୍ର, ମାନସ କୁମାର ସିଂହ, ସଂଗଠନ ସମ୍ପାଦକ ରୋଜାଲିନ ବସ୍ତିଆ, ସଂଯୋଜିକା ଶରତ ଚନ୍ଦ୍ର ସ୍ୱାଇଁ, ଶଶିକାନ୍ତ ତିୱାରୀ, ସରୋଜ କୁମାର ଜେନା, ସତ୍ୟବାଦୀ ପାଢ଼ୀ, ସୁଦିପ ମିଶ୍ର, ଜୀବନ କୁମାର ମହାପାତ୍ର, କୈଳାସ ଚନ୍ଦ୍ର ବସ୍ତିଆ, ବିମଳ କୁମାର ଦାସ, କୈଳାସ ଚନ୍ଦ୍ର ପରିଡ଼ା, ଶ୍ରୀକାନ୍ତ ଚୌଧୁରୀ, ରାଜ କୁମାର ଖେମକା, ସ୍ମୃତିରଞ୍ଜନ ବେହେରା, ବୀରେନ୍ଦ୍ର କୁମାର ବେହେରା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ମାନସ କୁମାର ସିଂହ ଓ ରବିନାରାୟଣ ଦାଶଙ୍କୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ନେତାଜୀ ନଗରରେ ମୀନାବଜାର



**କଟକ,୩୦।୧୧/ଏନ୍ଏନ୍ଏସ୍:** ସ୍ଥାନୀୟ ନେତାଜୀ ନଗରସ୍ଥିତ ଅଭିପ୍ସା ଇଣ୍ଟରନାସନାଲ୍ ସ୍କୁଲରେ ପ୍ରତ୍ୟେକ ବର୍ଷ ପରି ଏଥର ଏକ ମୀନାବଜାର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଶିକ୍ଷାବିତ୍ ଡ଼ଃ ପ୍ରଦୀପ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ମୀନାବଜାରରେ ସମାଜସେବୀ ଅଭିମନ୍ୟୁ ଦାସ, ସ୍କୁଲର ପ୍ରିନ୍‌ସିପାଲ୍ ଅମିତା ପତି, ଆକ୍ଟିଭିଟି ଇନ୍‌ଚାର୍ଜ ଇସିତା ସାହୁ ପ୍ରମୁଖ ଯୋଗଦେଇ ୩୦ଟି ଷ୍ଟଲରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ, ଅଭିଭାବିକାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ବିକ୍ରି ଦେଖିବା ସହିତ ଏହାର ପ୍ରଶଂସା କରିଥିଲେ । ପିଲାମାନଙ୍କ ଦ୍ୱାରା ନୃତ୍ୟ, ଗୀତ ପରିବେଷଣ ପରିବେଶକୁ ବେଶ ଚିତ୍ତାକର୍ଷକ କରିଥିଲା । ପିଲାମାନଙ୍କୁ କିଣାବିକା କୌଶଳ ଶିଖାଇବା ସହିତ ସେମାନଙ୍କୁ ଭବିଷ୍ୟତରେ ନେତୃତ୍ୱ ନେବାର ଦକ୍ଷତା ବୃଦ୍ଧି କରିବାକୁ ସ୍କୁଲ ପକ୍ଷରୁ ଏପରି ମୀନାବଜାର ଆୟୋଜନ କରାଯାଉଛି ବୋଲି ଚେୟାରମ୍ୟାନ୍ ସୁପ୍ରଭା ସାହୁ କହିଛନ୍ତି ।

# ୭ରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା

**କଟକ,୩୦।୧୧/ଏନ୍ଏନ୍ଏସ୍:** ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଦି ହ୍ୟୁମାନିଟି ପକ୍ଷରୁ ଆସନ୍ତା ୭ ତାରିଖରେ ଜିଲ୍ଲାସ୍ତରୀୟ ବିଜ୍ଞାନମେଳା ଆୟୋଜନ ହେବ । ପୋତାପୋଖରୀ ନେତାଜୀ ପଡ଼ିଆରେ ହେବାକୁ ଥିବା ଏହି ମେଳାରେ ଜିଲ୍ଲାର ୩୦ରୁ ଅଧିକ ବିଦ୍ୟାଳୟର ପ୍ରତିଯୋଗୀ ଭାଗ ନେବେ । ଛାତ୍ରଛାତ୍ରୀଙ୍କ ବୈଜ୍ଞାନିକ ମଡେଲ୍, ନୂତନ ଆବିଷ୍କାର ପ୍ରକଳ୍ପ, ପରିବେଶ ସଚେତନତା, ବିଜ୍ଞାନୀୟ ପରୀକ୍ଷଣ ପ୍ରକାଶ କରିବାର ଏହା ମାଧ୍ୟମ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି । ଆଗ୍ରହୀ ପ୍ରତିଯୋଗୀ ମୋବାଇଲ ନମ୍ବର ୮୭୫୮୫୬୪୪୮ରେ ଯୋଗାଯୋଗ କରିବାକୁ ନିବେଦନ କରାଯାଇଛି ।

## ପ୍ରଗତିଶୀଳ ସାହିତ୍ୟ ସମାଜ ପକ୍ଷରୁ ମହାନଗର ଉତ୍ସବ

# ‘ସବୁ ସମୟରେ ଜୀବନର ଜୟଗାନ କରେ କବିତା’



**କଟକ,୩୦।୧୧/ଏନ୍ଏନ୍ଏସ୍:** କବିତା ଯଦି ସାଧାରଣ ମଣିଷର ହୃଦୟକୁ ସ୍ପର୍ଶ ନକରେ, ତେବେ ତାହା ପ୍ରଗତିଶୀଳ କବିତା ନୁହେଁ । ପ୍ରତ୍ୟେକ କବିର ଚିନ୍ତା-ଚେତନା ସର୍ବଦା ମାଟି ସହ ଜଡ଼ସଡ଼ ହୋଇ ରହିଥାଏ । ସେଥିରେ ଥାଏ ସର୍ବହରାର ଦୁଃଖ, ଯନ୍ତ୍ରଣା ଓ ଦୀର୍ଘଶ୍ୱାସ କବିତା ସବୁ ସମୟରେ ଜୀବନର ଜୟଗାନ କରେ । ଶ୍ରୀରାମଚନ୍ଦ୍ର ଭବନରେ ଆଜି ପୂର୍ବାହ୍ନରେ ‘ପ୍ରଗତିଶୀଳ ସାହିତ୍ୟ ସମାଜ’ ପକ୍ଷରୁ ଆୟୋଜିତ ‘ମହାନଗର’ ଉତ୍ସବରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଖ୍ୟାତ ନାଟ୍ୟକାର ଡକ୍ଟର ରମେଶପ୍ରସାଦ ପାଣିଗ୍ରାହୀ ନିଜର ମତ ଓ ମନ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ କବି ଅମରେଶ ପଟ୍ଟନାୟକ ପ୍ରଗତିଶୀଳ ସାହିତ୍ୟର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

ଅନୁଷ୍ଠାନର ସ୍ଥାୟୀ ସଭାପତି କବି ରମେଶ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଲୋଚକ ଡ. ଅଭିଲାଷ ଜେନା, କବି ହିମାଂଶୁ ପରିଡ଼ା ଓ ଗାଳ୍ପିକ କାର୍ତ୍ତିକ ଚନ୍ଦ୍ର ବିଶ୍ୱାଳଙ୍କୁ ୨୦୨୫ ମସିହା ପାଇଁ ‘ମହାନଗର ସମ୍ମାନ’ ପ୍ରଦାନ କରାଯାଇଥିଲା । ସେହିପରି ଜଣେ ଦଳିତ ପ୍ରେମୀ ମଣିଷ ଚିତ୍ତରଞ୍ଜନ ଶାସ୍ତ୍ରୀଙ୍କୁ ସମାଜସେବା, ଦିଲ୍ଲୀପ କୁମାର ବିଶ୍ୱାଳଙ୍କୁ ପତ୍ରିକା ସମ୍ପାଦନା, କ୍ଷୀରୋଦ ରାଉତଙ୍କୁ ଚିତ୍ରକଳା ଓ କବିତା ପାଇଁ କବି ବୃନ୍ଦାବନ ଦାସଙ୍କୁ ଚଳିତ ବର୍ଷର ‘ଯଯାତି କେଶରୀ ସମ୍ମାନ’ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ କବିତା ପାଠୋତ୍ସବର ସମ୍ମାନିତ ଅତିଥି ଭାବେ କବି ପୀତାମ୍ବର ତରାଇ, କବି ଅମୀୟ ରଞ୍ଜନ ମହାପାତ୍ର, କବି ରାଜୀବ ଷଡ଼ଙ୍ଗୀ ଓ କବି ବ୍ରହ୍ମାନନ୍ଦ ବିଶ୍ୱାଳ ଯୋଗଦେଇ ସାମ୍ପ୍ରତିକ କବିତାର ଦିଶା ଓ ଦଶା ଉପରେ ଆଲୋକପାତ କରିଥିଲେ । କବୀ ନିରୁପମା ଦାସ ଓ ପୂଜାଶ୍ରୀ ସେଠୀଙ୍କ ମିଳିତ ସଂଯୋଜନାରେ କବି ଅୟସ୍‌କାନ୍ତ, ସୁରେଶ ନାୟକ,ଶରତ ଚନ୍ଦ୍ର ନାୟକ,ରାମଚନ୍ଦ୍ର ଦାଶ, ବିଜୟ ମହାପାତ୍ର, ବିଦ୍ୟୁତଲତା ଦାସ, ମାଙ୍ଗଳିକା ଦାସ, ପ୍ରଭାତନଳିନୀ ମହାପାତ୍ର, ଉମାକାନ୍ତ ରାଉତ(ଅରୂପ) ଓ ଅଙ୍ଗୁରବାଳା ପରିଡ଼ା ପ୍ରମୁଖ କବି ଯୋଗଦେଇ ନିଜ ନିଜର ସ୍ୱରଚିତ କବିତା ଆବୃତ୍ତି କରିଥିଲେ । ଅନୁଷ୍ଠାନର ସମ୍ପାଦକ କବି ପ୍ରେମାନନ୍ଦ ଖଣ୍ଡୁଆଳ ସ୍ୱାଗତ ଭାଷଣ ଓ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ଶେଷରେ କବି ଅଜୟ କୁମାର ପାତ୍ର ଧନ୍ୟବାଦ୍ ଦେଇଥିଲେ ।

# ଅଗଣତାନ୍ତ୍ରିକ ଗିରଫ ପ୍ରତିବାଦରେ ବିକ୍ଷୋଭ




**କଟକ,୩୦।୧୧/ଏନ୍ଏନ୍ଏସ୍:** ଗତ ୨୬ ନଭେମ୍ବର ମଧ୍ୟ ରାତ୍ରିରେ କେନ୍ଦୁଝର ଜିଲ୍ଲା ପାଟନା ବ୍ଲକରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଚାଲିଥିବା ଜିନ୍ଦଲ - ପୋସ୍କୋ ଦ୍ୱାରା ଚାଷ ଜମି ଅଧିଗ୍ରହଣ ବିରୋଧି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସ ରାତି ଅଧିଆ ଝରକା ଗ୍ରିଲ ଭାଙ୍ଗି ଜିନ୍ଦଲ - ପୋଷକ ପ୍ରତିରୋଧ ମଞ୍ଚର ସମ୍ପାଦକ, ବେଣୁଧର ସର୍ଦ୍ଦାର ସମେତ ୫ ଜଣ ଚାଷୀ ନେତାଙ୍କୁ ଗିରଫ କରିଛି । ପୁଲିସ ଲାଠି ଚାର୍ଜ କରିବା ସହ ଆନ୍ଦୋଳନକାରୀଙ୍କ ମୋବାଇଲ ଛଡ଼ାଇ ନେଇଛି । ଏହି ଅଗଣତାନ୍ତ୍ରିକ ଓ ବେଆଇନ ଗିରଫଦାରୀରକୁ ପ୍ରତିବାଦ କରି ଏଆଇକେକେଏମ୍‌ଏସ୍ ପକ୍ଷରୁ ସର୍ବଭାରତୀୟ ପ୍ରତିବାଦ ଦିବସ ଡାକରା ଦିଆଯାଇଛି । ସେହି ଉପଲକ୍ଷେ ସଂଗଠନ ପକ୍ଷରୁ ପ୍ରେସ୍ ଛକଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ଆବାହକ ବସନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଖଗେଶ୍ୱର ସେଠୀ, ଭାଗ୍ୟରବି ଦାସ, ଦୀପକ ଦାସ, ସୌଭାଗ୍ୟ ସାମଲ, ଇସା ଧର, ତରୁଣସେନ ନାୟକ, ସୋଭା ଦେହୁରୀ, ଶିବାନୀ ସାହୁ, ପ୍ରିୟଦର୍ଶନ ପାଭେଲ, ଅକ୍ଷୟ ରାଉଳ, ଆଇନଜୀବୀ ପ୍ରତାପ ମିଶ୍ର, ସ୍ୱାଧିନୀ ବେହେରା, ସିପ୍ରା ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଦାସ, ଭାଗ୍ୟଶ୍ରୀ ପ୍ରଧାନ, ସରୋଜ ମାନସିଂ ପ୍ରମୁଖ ନେତୃତ୍ୱ ନେଇଥିଲେ । ଅବିଳମ୍ବେ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର ଓ ଅନ୍ୟ ୫ ଜଣଙ୍କୁ ବିନା ସର୍ତ୍ତରେ ତୁରନ୍ତ ଖଲାସ କରିବା, ଚାଷ ଜମି ବଳପୂର୍ବକ ଅଧିଗ୍ରହଣ ବନ୍ଦ କରିବା, ଆନ୍ଦୋଳନକାରୀଙ୍କ ଉପରୁ ମିଥ୍ୟା ମୋକଦ୍ଦମା ପ୍ରତ୍ୟାହାର କରିବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି ।

# ପ୍ରହସନ ପାଲଟିଛି ଦରମା ବନ୍ଦ କାର୍ଯ୍ୟାନୁଷ୍ଠାନ

**କଟକ,୩୦।୧୧/ଏନ୍ଏନ୍ଏସ୍:** ଜନଅଭିଯୋଗ ଶୁଣାଣିରେ ଅବହେଳା ପାଇଁ ମାତ୍ର କେତେ ଜଣ ହାତ ଗଣତି ଅଧିକାରୀଙ୍କ ଦରମା ବନ୍ଦ କରାଯାଇଛି । ଏହା ସରକାରଙ୍କ ଅସଫଳତା, ଅକ୍ଷମତା ଓ ପ୍ରଶାସନ ଉପରେ ନିୟନ୍ତ୍ରଣ ରଖିବାର ସମ୍ପୂର୍ଣ୍ଣ ଦୁର୍ବଳତାକୁ ପ୍ରମାଣ କରୁଛି ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ଅଶୋକ ସ୍ୱାଇଁ କହିଛନ୍ତି । କିଛି ମାତ୍ର ଅଧିକାରୀଙ୍କ ବେତନ ବନ୍ଦ କରିବା ଦ୍ୱାରା ସରକାର ନିଜ ଅକ୍ଷମତାକୁ ଲୁଚାଇ ପାରିବେ ନାହିଁ । ଅନେକ ଅଧିକାରୀ ମାସ ମାସ ଧରି ଜନସାଧାରଣଙ୍କ ଅଭିଯୋଗକୁ ଅଣଦେଖା କରୁଛନ୍ତି । ଲୋକଙ୍କ ଅଭିଯୋଗକୁ ଫାଇଲ୍ ତଳେ ଚାପି ରଖୁଛନ୍ତି । ସେବା ଦେବାର ବଦଳରେ ଅବହେଳା କରୁଛନ୍ତି । ପୁଲିସ୍ ବିଭାଗରେ ସବୁଠାରୁ ଅଧିକ ଅନିୟମିତତାର ଅଭିଯୋଗ ରହିଛି । ମାତ୍ର ପୁଲିସଙ୍କ ଦରମା ବନ୍ଦ ହେବନି । ଯଦି ସରକାର ପ୍ରକୃତରେ ଅଭିଯୋଗ ନିରାକରଣକୁ ଗୁରୁତ୍ୱ ଦେଉଥାନ୍ତେ, ତେବେ ଲୋକଙ୍କ ଜନଶୁଣାଣି ମାମଲା ଅଟକ ରହୁନଥାନ୍ତା ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଜିଲ୍ଲା ଓ ରାଜ୍ୟରେ ଅସାଧୁ ଅଧିକାରୀମାନଙ୍କ ତାଲିକା ପ୍ରସ୍ତୁତ କରିବା ସହ ଦୃଷ୍ଟାନ୍ତମୂଳକ କଠୋର ଦଣ୍ଡବିଧାନ ଓ ପ୍ରତ୍ୟେକ ଅଭିଯୋଗର ସ୍ଥିତି ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି । ନଚେତ କଂଗ୍ରେସ ଜନ ଆନ୍ଦୋଳନ ଆରମ୍ଭ କରିବ ବୋଲି ସେ ଚେତାବନୀ ଦେଇଛନ୍ତି ।

# କଟକ ଜିଲ୍ଲା କ୍ରୀଡ଼ାଭାରତୀର ବାର୍ଷିକ ମହୋତ୍ସବ



**କଟକ,୩୦।୧୧/ଏନ୍ଏନ୍ଏସ୍:** କଟକ ଜିଲ୍ଲା କ୍ରୀଡ଼ାଭାରତୀ ଆନୁକୂଲ୍ୟରେ ୪ର୍ଥ ବାର୍ଷିକ କ୍ରୀଡ଼ା ମହୋତ୍ସବ ବିଡାନାସୀସ୍ଥିତ ବସୁନ୍ଧରା ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ଯୋଗ, କବାଡ଼ି, ଖୋଖୋ, ବଲ୍ ବ୍ୟାଡ୍‌ମିଣ୍ଟନ୍, ପୁଚି ଓ ଦଉଡ଼ି ଡିଆଁ ପ୍ରତିଯୋଗିତା ପାଇଁ କଟକ ଜିଲ୍ଲା ବିଭିନ୍ନ ସ୍କୁଲରୁ ପ୍ରାୟ ୩୦୦ ପ୍ରତିଯୋଗୀ ଭାଗ ନେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ କଟକ ଜିଲ୍ଲା କ୍ରୀଡ଼ା ଅଧିକାରୀ ଏବଂ ଓଡ଼ିଶା କବାଡ଼ି ଆସୋସିଏସନ୍ ସମ୍ପାଦକ ଅଜୟ କୁମାର ବେହେରା ମୁଖ୍ୟ ଅତିଥି ଓ ସୌଦାମିନୀ ଦାସ କଟକ ଜିଲ୍ଲା ଶାରୀରିକ ଶିକ୍ଷା ପରିଦର୍ଶକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ମହୋତ୍ସବର ଉଦ୍‌ଯାପନୀ ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଖେଳ ମାଧ୍ୟମରେ ଆମେ କିପରି ସୁସ୍ଥ ଓ ସମର୍ଥ ସମାଜ ଗଠନ କରି କ୍ରୀଡ଼ା ଦ୍ୱାରା ଦେଶ ପାଇଁ ସୁନାମ ଅର୍ଜନ କରି ପାରିବା ସେଥିପାଇଁ ଦୃଢ଼ ସଂକଳ୍ପ ଓ ଅନୁଶାସନ ଦରକାର ବୋଲି ପ୍ରତିଯୋଗୀମାନଙ୍କୁ କହିଥିଲେ ।

# ଶ୍ରୀଜଗନ୍ନାଥଙ୍କ ବିଧିବିଧାନରେ ମାନବୀୟ ଚେତନା ରୂପାୟିତ



କଟକ,୩୦।୧୧/ଏନ୍ଏନ୍ଏସ୍: ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ରବିବାର ସନ୍ଧ୍ୟାରେ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନରେ ‘ଶ୍ରୀଜଗନ୍ନାଥ ଦର୍ଶନରେ ମାନବୀୟ ଚେତନା’ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତିର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ କହିଲେ ଯେ ଓଡ଼ିଶାର ଜନଜୀବନ ସହ ଯୋଡ଼ି ହୋଇରହିଛନ୍ତି ଶ୍ରୀଜଗନ୍ନାଥ । ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମାନବୀୟ ଚେତନା ତାଙ୍କର ପ୍ରତିଟି ପର୍ବପର୍ବାଣିରେ ପ୍ରତିଫଳିତ । ଉତ୍କଳ ସାହିତ୍ୟ ସମାଜ ହେଉଛି ସାହିତ୍ୟର ଏନ୍ତୁଡ଼ିଶାଳ ଏବଂ ଶ୍ରୀଜଗନ୍ନାଥ ହେଉଛନ୍ତି ଓଡ଼ିଆ ସାହିତ୍ୟର ଆତ୍ମସାର । ଏଥିରେ ବରେଣ୍ୟ ଅତିଥି ‘ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ’ର ସଭାପତି ପୀତବାସ ରାଉତରାୟ ପଣ୍ଡିତ ନୀଳକଣ୍ଠ ଦାସ, ଜନ୍ ବୀମ୍‌ସଙ୍କ ପରି ବିଦ୍ୱାନ୍‌ଙ୍କ ଗବେଷଣା ସମ୍ପର୍କରେ ଉଲ୍ଲେଖ କରି ବିଶ୍ୱପୂଜିତ ଶ୍ରୀଜଗନ୍ନାଥ ଗଣ ଦେବତା ଓ ରାଷ୍ଟ୍ରଦେବତା । ତାଙ୍କର ପ୍ରତିଟି ବିଧିବିଧାନରେ ମାନବୀୟ ଚେତନା ବେଶ୍ ଉଲ୍ଲେଖଯୋଗ୍ୟ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ‘ପୌରୁଷ’ ସମ୍ପାଦକ ଡକ୍ଟର ଅସିତ ମହାନ୍ତି ସ୍କନ୍ଦ ପୁରାଣଠାରୁ ଭବିଷ୍ୟ ପୁରାଣ ପର୍ଯ୍ୟନ୍ତ ଗ୍ରନ୍ଥରୁ ତଥ୍ୟ ଉପସ୍ଥାପନ କରି ଦ୍ୱାରପାଳ ପୂଜା, ରଥଯାତ୍ରାରେ ହେଉଥିବା ରଥଯାତ୍ରାର ବିଭିନ୍ନ ବିଧିରେ ମାନବୀୟ ଚେତନାର ବାର୍ତ୍ତା ରହିଛି ତାହା ପ୍ରକାଶ ପାଇଛି । ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଶେଖର ଘୋଷ, ତନ୍ମୟ କୁମାର ହୋତା, ଦୀପ୍ତି ଦାଶ ଓ କସ୍ତୁରୀ ସ୍ୱାଇଁ ଭକ୍ତିସଂଗୀତ ପରିବେଷଣ କରିଥିଲେ । ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ ମନୋରଞ୍ଜନ ଅଧିକାରୀ ଓ ବିଭୁଦତ୍ତ ମଲ୍ଲ । ପ୍ରାରମ୍ଭରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲାବେଳେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ଓ କାର୍ଯ୍ୟକ୍ରମର ସୂଚନା ପ୍ରଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ସଂଗଠନ ସମ୍ପାଦକ ଶଶିକାନ୍ତ ରାଉତ । ବିଶିଷ୍ଟ ବୁଦ୍ଧିଜୀବୀ ଓ ସାହିତ୍ୟିକମାନଙ୍କ ସମେତ ଉତ୍କଳ ସାହିତ୍ୟ ସମାଜର ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତି ସଦସ୍ୟ ଆଦିତ୍ୟ ପ୍ରତାପ ଧଳ, ବୈଜୟନ୍ତୀମାଳା ଶତପଥୀ, ଅମିତାଭ ଖିଲାର, ରଘୁ ସାହୁ, ଡକ୍ଟର ଧରଣୀଧର ନାଥ, ଗୀତାଞ୍ଜଳି ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ ।

# ଡ୍ରିମ୍‌ସ ପଲିଟେକ୍‌ନିକ୍‌ରେ ପ୍ରକଳ୍ପ ପ୍ରଦର୍ଶନୀ




**କଟକ,୩୦।୧୧/ଏନ୍ଏନ୍ଏସ୍:** ଡ୍ରିମ୍‌ସ ପଲିଟେକ୍‌ନିକ୍‌ରେ ନବସୃଜନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସି ମାଧ୍ୟମରେ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ନବସୃଜନ ବୈଷୟିକ ଜ୍ଞାନ, କୌଶଳ ପରିପ୍ରକାଶ ପାଇଁ ଶୁଭେଚ୍ଛା ଜଣାଇଥିଲେ । ଆଇଏସ୍‌ଟିଇ ଟ୍ୟାଲେଣ୍ଟ ଜୋନ୍ - ୨୦୨୫ ଅନ୍ତର୍ଗତ ଏହି ପ୍ରଦର୍ଶନୀରେ ବିଭିନ୍ନ ବିଭାଗର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ମଡେଲ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏଥିରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ‘ଘରର ସ୍ୱୟଂ ଚାଳିତ ବ୍ୟବସ୍ଥା’ ପ୍ରକଳ୍ପ ପ୍ରଥମ ହୋଇଥିବାବେଳେ ଉକ୍ତ ବିଭାଗର ଅନ୍ୟ ଏକ ପ୍ରକଳ୍ପ ‘କୀଟନାଶକ ସ୍ପ୍ରେୟର ରୋବର୍ଟ’ ଦ୍ୱିତୀୟ ଓ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂର ପ୍ରକଳ୍ପ ‘ରୋବୋଟିକ୍ ବାହୁ’ ତୃତୀୟ ସ୍ଥାନ ଅଧିକାର କରିଥିଲା । ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକ ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ, ପ୍ରାଧ୍ୟାପକ ଡ. ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଆଇଏସ୍‌ଟିଇ ସଂଯୋଜକ ଅଧ୍ୟାପକ କୁଞ୍ଜବିହାରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୧୫୪ ୟୁନିଟ୍ ସଂଗ୍ରହ

**କଟକ,୩୦।୧୧/ଏନ୍ଏନ୍ଏସ୍:** ଇଣ୍ଡିଆନ୍ ରେଡ଼କ୍ରସ ସୋସାଇଟି, ଆଞ୍ଚଳିକ ଶାଖା, କମିଶନରେଟ୍ ପୁଲିସ ଏବଂ ପୁରୀଘାଟ ଥାନାର ମିଳିତ ପ୍ରୟାସରେ ଆଜି ପୁରୀଘାଟ ଥାନା ପ୍ରାଙ୍ଗଣରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ୧୫୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । କଟକ ଡିସିପି ଋଷିକେଶ ଖିଲାରୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଡିସିପି ରଞ୍ଜିତ ପୃଷ୍ଟି, ସୁଦର୍ଶନ ଦାଶ, ଜୋନ-୬ ଏସିପି ଅନ୍ୱେଷା ଅବସ୍ଥୀ, ଏସିପି ଅଶୋକ କୁମାର ଗିରି, ଏସିପି ଜୟନ୍ତ ଦୋରା, କର୍ପୋରେଟର୍ ବନଲତା ପ୍ରଧାନ, ଲକ୍ଷ୍ମୀଧର ସେଠୀ, ଇତିଶ୍ରୀ ଦାଶ, ଗଗନ ଓଝା, ସମାଜସେବୀ ରଞ୍ଜନ ବିଶ୍ୱାଳ, ରାଜୀବ ନନ୍ଦ, ପ୍ରଶାନ୍ତ କିଶୋର, ଏଚ୍‌ଡିଏଫ୍‌ସି ବ୍ୟାଙ୍କ କଟକର ନିଶିକାନ୍ତ ମହାନ୍ତି, ଦରଘାବଜାର, ମଙ୍ଗଳବାଗ, ସିଡିଏ-୨, ବାଦାମବାଡ଼ି, ମଧୁପାଟଣା ଓ ପୁରୀଘାଟ ଥାନାର ଆଇଆଇସିମାନେ ଉପସ୍ଥିତ ରହିଥିଲେ । ସେହିଭଳି ବିଭିନ୍ନ ସାହିର ବାସିନ୍ଦା, ସାହି ମୂରବୀ, ସ୍ଥାନୀୟ ସମାଜସେବୀ ଓ ବିଭିନ୍ନ ସଂଗଠନର ପଦାଧିକାରୀମାନେ ମଧ୍ୟ ଏହି ଶିବିରରେ ସାମିଲ ହୋଇ ରକ୍ତଦାନ କରିବା ସାଙ୍ଗକୁ ସହଯୋଗ କରିଥିଲେ । କେନ୍ଦ୍ରୀୟ ରେଡ଼କ୍ରସ ରକ୍ତ ଭଣ୍ଡାର ଶାଖାର କର୍ମକର୍ତ୍ତାମାନେ ଏହି ଶିବିରରେ ରକ୍ତ ସଂଗ୍ରହ କରିଥିଲେ । ଟ୍ୱିନ୍‌ସିଟିରେ ରକ୍ତର ଆବଶ୍ୟକତାକୁ ପୂରଣ କରିବା ଉଦ୍ଦେଶ୍ୟରେ କମିଶନରେଟ୍ ପୁଲିସ, ଭୁବନେଶ୍ୱର-କଟକର ରେଡ଼କ୍ରସ ଶାଖା ନିୟମିତ ବ୍ୟବଧାନରେ ଏଭଳି ରକ୍ତଦାନ ଶିବିରର ଆୟୋଜନ କରିଆସୁଛି ।



## ଆଇପିଏଲ୍‌ରୁ ଆନ୍ଦ୍ରେ ରସେଲ୍‌ଙ୍କ ସନ୍ନ୍ୟାସ



**ନୂଆଦିଲ୍ଲୀ,୩୦।୧୧/ଏଜେନ୍ସି:** ୱେଷ୍ଟଇଣ୍ଡିଜ୍‌ର ପୂର୍ବତନ ଅଲ୍‌ରାଉଣ୍ଡର୍ ଆନ୍ଦ୍ରେ ରସେଲ୍ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ରୁ ଅବସର ଘୋଷଣା କରିଛନ୍ତି। ଏହା ସହିତ ଖେଳାଳି ଭାବେ ୩୭ ବର୍ଷୀୟ ରସେଲ୍‌ଙ୍କ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍) ସହ ୧୧ ବର୍ଷର ସମ୍ବନ୍ଧ ଶେଷ ହୋଇଛି। କେକେଆର୍ ୨୦୨୬ ଆଇପିଏଲ୍ ଅକ୍ସନ୍ ପୂର୍ବରୁ ରସେଲ୍‌ଙ୍କୁ ରିଲିଜ୍ କରିଦେଇଥିଲା। ଏହି ଫ୍ରାଞ୍ଚାଇଜ୍‌ରେ ସେ ୨୦୧୪ରେ ସାମିଲ ହୋଇଥିଲେ ଏବଂ ଏହି ଅବଧି ମଧ୍ୟରେ ୧୩୩ ମ୍ୟାଚ୍ ଖେଳିଥିଲେ। ସେ ୨୦୧୪ ଏବଂ ୨୦୨୪ରେ କେକେଆର୍‌କୁ ଟାଇଟଲ୍ ଜିତାଇବାରେ ମଧ୍ୟ ବଡ଼ ଭୂମିକା ତୁଲାଇଥିଲେ।

ରସେଲ୍ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଇପିଏଲ୍ କ୍ୟାରିୟର୍ ଆରମ୍ଭ କରିଥିଲେ। ସେ ୨୦୧୨ ଏବଂ ୨୦୧୩ରେ ଦିଲ୍ଲୀ ପକ୍ଷରୁ ଖେଳିଥିଲେ। ଏହାପରେ ୨୦୨୪ରେ କେକେଆର୍‌ରେ ଯୋଗ ଦେଇଥିଲେ ଏବଂ ସେବେଠାରୁ ଏହି ଟିମ୍‌ର ଖାସ୍ ସଦସ୍ୟ ହୋଇଯାଇଥିଲେ। ଆଇପିଏଲ୍‌ରୁ ସନ୍ନ୍ୟାସ ସମ୍ପର୍କରେ ଘୋଷଣା କରି ରସେଲ୍ ଏକ ଭିଡିଓ ଶେୟାର୍ କରିଛନ୍ତି, ଯେଉଁଥିରେ ସେ ଆଇପିଏଲ୍ ୨୦୨୬ରେ କେକେଆର୍‌ର ପାୱାର କୋଚ୍ ଭୂମିକାରେ ଦେଖିବାକୁ ମିଳିବେ ବୋଲି କହିଛନ୍ତି। କେକେଆର୍ ତାଙ୍କୁ ଗତ ମେଗା ଅକ୍ସନ୍ ପୂର୍ବରୁ ୧୨ କୋଟି ଟଙ୍କାରେ ରିଟେନ୍ କରିଥିଲା। ମାତ୍ର ୨୦୨୫ ସିଜନ୍‌ରେ ଖରାପ ପ୍ରଦର୍ଶନ ପରେ ତାଙ୍କୁ କେକେଆର୍ ରିଲିଜ୍ କରିଥିଲା। ସେ ଆଇପିଏଲ୍ ୨୦୨୫ ସିଜନ୍‌ର ୧୩ ଇନିଂସ୍‌ରେ ମାତ୍ର ୧୬୭ ରନ୍ କରିବା ସହିତ ୮ଟି ୱିକେଟ୍ ନେଇଥିଲେ।

### ସୟଦ୍ ମୁସ୍ତାକ୍ ଅଲୀ ଟ୍ରଫି

## ୮ ୱିକେଟ୍‌ରେ ହାରିଲା ଓଡ଼ିଶା

**କଟକ,୩୦।୧୧/ଏନ୍ଏନ୍ଏସ୍:** ଚଳିତ ସୟଦ୍ ମୁସ୍ତାକ ଅଲୀ ଟି-୨୦ ଟ୍ରଫିରେ ଓଡ଼ିଶା କ୍ରମାଗତ ତୃତୀୟ ଥର ପରାଜିତ ହୋଇଛି। ଆଜି ଲକ୍ଷ୍ନୌର ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ବିଦର୍ଭ ୮ ୱିକେଟ୍‌ରେ ଓଡ଼ିଶାକୁ ହରାଇ ଦେଇଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭର୍‌ରେ୬ ୱିକେଟ୍ ହରାଇ ୧୬୦ ରନ୍ କରିଥିଲା। ଜବାବରେ ବିଦର୍ଭ ୧୪.୫ ଓଭର୍‌ରେ ମାତ୍ର ଦୁଇଟି ୱିକେଟ୍ ବିନିମୟରେ ୧୬୩ ରନ୍ କରି ବିଜୟ ହୋଇଛି। ଅମନ ମୋଖଡ଼େ ୭୩ ଏବଂ ଧ୍ରୁବ ଶୋରେ ୬୯ ରନ୍ କରି ଅପରାଜିତ ରହିଥିଲେ। ପୂର୍ବରୁ ଅଥର୍ବ ତାଇଡ଼େ ୧୬ ଏବଂ ଅଧ୍ୟୟନ ଦାଗା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଦୁଇଟି ଯାକ ୱିକେଟ୍ ରାଜେଶ ମହାନ୍ତି ଅକ୍ତିଆର କରିଥିଲେ।

ଟସ୍ ହାରି ବ୍ୟାଟିଂ ପ୍ରଥମେ ପାଇଥିବା ଓଡ଼ିଶାର ୪୨ ରନ୍‌ର ସ୍କୋର୍‌ରେ ଟିମ୍ ୩ଟି ୱିକେଟ୍ ହରାଇଥିଲା। ସନ୍ଦୀପ ପଟ୍ଟନାୟକ ୬, ଆଦିତ୍ୟ ରାଉତ ୧୭ ଏବଂ ସୁଭ୍ରାଂଶୁ ସେନାପତି ୩ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ସମ୍ବିତ ବରାଳ ଚତୁର୍ଥ ୱିକେଟ୍ ପାଇଁ ସୁଭମ ଶତ୍ରୁଜିତ୍ (୧୯)ଙ୍କ ସହ ୨୭ ରନ୍, ୫ମ ୱିକେଟ୍ ପାଇଁ କ୍ୟାପ୍‌ଟେନ୍ ବିପ୍ଲବ ସାମନ୍ତରାୟ (୧୨)ଙ୍କ ସହ ୧୪ ରନ୍ ଏବଂ ପ୍ରୟାଶ ସିଂହ (୪୦)ଙ୍କ ସହ ୬ଷ୍ଠ ୱିକେଟ୍ ପାଇଁ ୫୪ ରନ୍‌ର ପାର୍ଟନରଶିପ୍ କରି ଟିମ୍‌ର ସ୍କୋର ୧୫୦ ରନ୍ ନିକଟତର କରାଇଥିଲେ। ସେ ୩୮ ବଲ୍‌ରେ ୬ ଚୌକା ସହାୟତାରେ ସର୍ବାଧିକ ୪୬ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କ ଆଉଟ୍ ପରେ ପ୍ରୟାଶ ସିଂହ ଓ ସୌରଭ ଗୌଡ଼ ଅବିଭାଜିତ ୭ମ ୱିକେଟ୍ ପାଇଁ ୨୩ ରନ୍‌ର ପାର୍ଟନରଶିପ୍ କରି ସ୍କୋର୍ ୧୬୦ ରନ୍‌ରେ ପହଞ୍ଚାଇଥିଲେ। ପ୍ରୟାଶ ୨୬ ବଲ୍‌ରେ ୨ ଚୌକା ଓ ୩ ଛକା ସହାୟତାରେ ୪୦ ଏବଂ ସୌରଭ ୮ ରନ୍ କରି ଅପରାଜିତ ରହିଥିଲେ। ବିଦର୍ଭ ପକ୍ଷରୁ ଦର୍ଶନ ନାଲ୍‌କଣ୍ଡେ ୨ଟି ୱିକେଟ୍ ନେଇଥିଲେ।

### ପ୍ରଥମ ଦିନିକିଆ: କୋହଲିଙ୍କ ଶତକ, ରୋହିତ-ରାହୁଲଙ୍କ ଅର୍ଦ୍ଧଶତକ

# ସାଉଥ୍ ଆଫ୍ରିକା ୧୭ ରନ୍‌ରେ ପରାଜିତ

**ରାଞ୍ଚି,୩୦।୧୧/ଏଜେନ୍ସି:** ରାଞ୍ଚିର ଜେଏସ୍‌ସିଏ ଇଣ୍ଟରନାସ୍‌ନାଲ୍ ଷ୍ଟାଡିୟମ୍‌ରେ ରବିବାର ଖେଳାଯାଇଥିବା ରୋମାଞ୍ଚକର ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ସାଉଥ୍ ଆଫ୍ରିକାକୁ ହରାଇ ଦେଇଛି। ପ୍ରଥମେ ଭାରତ ବିରାଟ କୋହଲିଙ୍କ (୧୩୫) ଶତକ, ରୋହିତ ଶର୍ମା (୫୭) ଏବଂ କେଏଲ୍ ରାହୁଲ (୬୦)ଙ୍କ ଅର୍ଦ୍ଧଶତକ ବଳରେ ୮ ୱିକେଟ୍ ବିନିମୟରେ ୩୪୯ ରନ୍ କରିଥିଲା। ଜବାବରେ ସାଉଥ୍ ଆଫ୍ରିକା ୪୯.୨ ଓଭର୍‌ରେ ୩୩୨ ରନ୍ କରି ଅଲ୍‌ଆଉଟ୍ ହୋଇଛି। ଏହି ବିଜୟ ସହିତ ଭାରତ ୩ ମ୍ୟାଚ୍‌ର ସିରିଜ୍‌ରେ ୧-୦ରେ ଅଗ୍ରଣୀ ଲାଭ କରିଛି।

୩୫୦ ରନ୍ ଲକ୍ଷ୍ୟର ପିଛା କରୁଥିବା ସାଉଥ୍ ଆଫ୍ରିକାକୁ ଦ୍ୱିତୀୟ ଓଭର୍‌ରେ ହିଁ ହର୍ଷିତ ରାଣା ଦୁଇଟି ଝଟ୍‌କା ଦେଇଥିଲେ। ପ୍ରଥମେ ସେ ର୍ୟାନ୍ ରିକେଲ୍‌ଟନ୍ (୦) ଏବଂ ପରେ ସେହି ଓଭର୍‌ରେ କ୍ୱିଣ୍ଟନ୍ ଡି କକ୍(୦)ଙ୍କୁ ଆଉଟ୍ କରିଥିଲେ। ଏହାପରେ ୫ମ ଓଭର୍‌ରେ ଏଡେନ୍ ମାର୍କରମ୍ (୭) ଅର୍ଶଦୀପ୍ ସିଂହଙ୍କ ଶିକାର ହୋଇଥଲେ। ତେବେ ଏହାପରେ ମାଥ୍ୟୁ ବ୍ରିଟ୍‌ଜ୍‌କି ଏବଂ ଟୋନି ଡି ଜୋର୍ଜିଙ୍କ ମଧ୍ୟରେ ୬୬ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଜୋର୍ଜି(୩୯)ଙ୍କୁ ଆଉଟ୍ କରି କୁଲଦୀପ୍ ଯାଦବ ଏହି ପାର୍ଟନରଶିପ୍ ଭାଙ୍ଗିଥିଲେ। ଏହାପରେ ବ୍ରେଭିସ୍ ଡେୱାଲ୍ଡ (୩୭)ଙ୍କୁ ହର୍ଷିତ ରାଣା ପ୍ୟାଭିଲିୟନ୍ ଫେରାଇଥିଲେ। କିନ୍ତୁ ଏହାପରେ ମାର୍କୋ ଜାନ୍‌ସେନ୍ ଓ ବ୍ରିଟ୍‌ଜକେଙ୍କ ମଧ୍ୟରେ ୯୭ ରନ୍‌ର ଉନ୍ନତ ପାର୍ଟନରଶିପ୍ ହୋଇଥିଲେ। ଜାନ୍‌ସେନ୍ ୨୬ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୩୯ ବଲ୍‌ରେ ୭୦ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳି କୁଲଦୀପ୍ ଯାଦବଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ତାଙ୍କ ନିଂସ୍‌ରେ ୮ ଚୌକା ଓ ୩ ଛକା ସାମିଲ ଥିଲା। ଏହି ଓଭର୍‌ରେ କୁଲଦୀପ୍ ବ୍ରିଟ୍‌ଜକେଙ୍କୁ ମଧ୍ୟ ଆଉଟ୍ କରିଥିଲେ। ବ୍ରିଟ୍‌ଜକେ ୭୨ ରନ୍‌ର ଇନିଂସ୍ ଖେଳିଥିଲେ। କୋର୍ବିନ୍ ବୋଶ୍ ୬୭, ପ୍ରିନେଲାନ୍ ସୁବ୍ରାୟନ୍ ୧୭ ଏବଂ ନାନ୍ଦ୍ରେ ବର୍ଗର୍ ୧୭ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିଲେ। ଅନ୍ତିମ ଓଭର୍‌ରେ ୧୮ ରନ୍‌ର ଆବଶ୍ୟକତା ଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ବୋଶ୍‌ଙ୍କୁ ଆଉଟ୍ କରି ସାଉଥ୍ ଆଫ୍ରିକା ସ୍କୋର୍ ୩୩୨ ରନ୍‌ରେ ସୀମିତ କରିଦେଇଥିଲେ। ଭାରତ ପକ୍ଷରୁ କୁଲଦୀପ୍ ଯାଦବ ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ହର୍ଷିତ ରାଣାଙ୍କ ୩ଟି ସଫଳତା ମିଳିଥିଲା। ଏହା ବ୍ୟତୀତ ଅର୍ଶଦୀପ୍ ସିଂହଙ୍କୁ ୨ଟି ଏବଂ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।



ଏହା ପୂର୍ବରୁ ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତର ଆରମ୍ଭ ସେପରି ଖାସ୍ ନଥିଲା। ଚତୁର୍ଥ ଓଭର୍‌ରେ ଯଶସ୍ୱୀ ଜୟସ୍ୱାଲ୍ ୧୮ ରନ୍‌ରେ ଆଉଟ୍ ହୋଇଥିଲେ। କିନ୍ତୁ ଏହାପରେ ରୋହିତ ଶର୍ମା ଓ ବିରାଟ କୋହଲି ଚମତ୍କାର ବ୍ୟାଟିଂ କରିଥିଲେ। କୋହଲି ୩୯ ବଲ୍‌ରେ ଏବଂ ରୋହିତ ୪୩ ବଲ୍‌ରେ ନିଜ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଦୁହିଁଙ୍କ ମଧ୍ୟରେ ୧୦୯ ବଲ୍‌ରେ ୧୨୬ ରନ୍‌ର ଶତକୀୟ ପାର୍ଟନରଶିପ୍ ହୋଇଥିଲା। ଇତିମଧ୍ୟରେ ରୋହିତ ଶର୍ମା ପୂର୍ବତନ ପାକିସ୍ତାନୀ ଅଲ୍‌ରାଉଣ୍ଡର୍ ଶାହିଦ୍ ଆଫ୍ରିଦିଙ୍କ ରେକର୍ଡ ଭଙ୍ଗ କରି ଦିନିକିଆରେ ସର୍ବାଧିକ ଛକା ମାରିଥିଲେ। ୫୧ ବଲ୍‌ରେ ୫ ଚୌକା ଓ ୩ ଛକା ସହାୟତାରେ ୫୭ ରନ୍ କରି ରୋହିତ ଶର୍ମା ଆଉଟ୍ ହୋଇଥିଲା। ଏହାପରେ ଋତୁରାଜ ଗାଏକ୍‌ୱାଡ୍ ମାତ୍ର ୮ ରନ୍ କରି ବିଦାୟ ନେଇଥିଲେ। ୱାଶିଂଟନ୍ ସୁନ୍ଦର ୧୩ ରନ୍‌ରେ ଓଟ୍‌ନିଲ୍ ବାର୍ଟମ୍ୟାନ୍‌ଙ୍କ ଶିକାର ହୋଇଥିଲେ। ୩୮ତମ ଓଭର୍‌ରେ କୋହଲି ଶତକ ହାସଲ କରିଥିଲେ। ସେ ୧୦୨ ବଲ୍‌ରେ ଶତକ ପୂରଣ କରିଥିଲେ। ୧୧ ଚୌକା ଓ ସାତ ଛକା ସହାୟତାରେ ୧୨୦ ବଲ୍‌ରେ ୧୩୫ ରନ୍ କରି ନାନ୍ଦ୍ରେ ବର୍ଗର୍‌ଙ୍କ ଶିକାର ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ କେଏଲ୍ ରାହୁଲ ୬୫ ବଲ୍‌ରେ ୨ ଚୌକା ଓ ୩ ଛକା ସହାୟତାରେ ୬୦, ରବୀନ୍ଦ୍ର ଜାଡ଼େଜା ୨୦ ବଲ୍‌ରେ ୨ ଚୌକା ଓ ଗୋଟିଏ ଛକା ସହାୟତାରେ ୩୨ ରନ୍‌ର ଇନିଂସ୍ ଖେଳିଥିଲେ। ଏହାର ଦମ୍‌ରେ ଭାରତ ଭ୍ରମଣକାରୀ ସାଉଥ୍ ଆଫ୍ରିକା ଆଗରେ ୩୫୦ ରନ୍‌ର ଲକ୍ଷ୍ୟ ରଖିଥିଲା। ସାଉଥ୍ ଆଫ୍ରିକା ପକ୍ଷରୁ ମାର୍କୋ ଜାନ୍‌ସେନ୍, ନାନ୍ଦ୍ରେ ବର୍ଗର, କୋର୍ବିନ୍ ବୋଶ୍ ଏବଂ ଓଟ୍‌ନିଲ୍ ବାର୍ଟମ୍ୟାନ୍ ୨-୨ ୱିକେଟ୍ ନେଇଥିଲେ।

## ସର୍ବାଧିକ ଦିନିକିଆ ଛକାରେ ରୋହିତ ଶର୍ମା ପ୍ରଥମ ବ୍ୟାଟର୍

ରବିବାର ରାଞ୍ଚରେ ଭାରତ ଓ ସାଉଥ୍ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ପୂର୍ବତନ ଭାରତୀୟ କ୍ୟାପ୍‌ଟେନ୍ ରୋହିତ ଶର୍ମା ଏକ ବଡ଼ ରେକର୍ଡ ନିଜ ନାମରେ କରିଛନ୍ତି। ଦିନିକିଆ କ୍ରିକେଟ୍ ଇତିହାସରେ ସର୍ବାଧିକ ଛକା ମାରିବାରେ ସେ ପ୍ରଥମ ବ୍ୟାଟର୍ ହୋଇଛନ୍ତି। ଏହି ମାମଲାରେ ରୋହିତ ପାକିସ୍ତାନର ପୂର୍ବତନ ବ୍ୟାଟର୍ ଶାହିଦ ଆଫ୍ରିଦିଙ୍କ ୩୫୧ ଛକାର ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ମ୍ୟାଚ୍‌ର ୨୦ତମ ଓଭର୍‌ରେ ମାର୍କେ ଜାନ୍‌ସେନ୍‌ଙ୍କୁ ଏକ ବିଶାଳ ଛକା ମାରି ଏହି ବିଶ୍ୱ କୀର୍ତ୍ତିମାନ ହାସଲ କରିଛନ୍ତି। ଏବେ ତାଙ୍କ ନାମରେ ଦିନିକିଆରେ ୩୫୨ ଛକା ହୋଇଛି।




## ବିରାଟଙ୍କ ଗୋଟିଏ ଫର୍ମାଟ୍‌ରେ ସର୍ବାଧିକ ଶତକ

ମହାନ୍ ଭାରତୀୟ ବ୍ୟାଟର୍ ବିରାଟ କୋହଲି ଏବେ କୋଟିଏ ଫର୍ମାଟ୍‌ରେ ସର୍ବାଧିକ ଶତକ ହାସଲକାରୀ ଖେଳାଳି ହୋଇଛନ୍ତି। ସେ ଦିନିକିଆ କ୍ରିକେଟ୍‌ରେ ୫୨ ଶତକ ପୂରା କରିଛନ୍ତି, ଯାହା ଏହି ଫର୍ମାଟ୍‌ରେ ଏକ ବିଶ୍ୱ ରେକର୍ଡ। ତାଙ୍କ ପରେ ଟେଷ୍ଟ କ୍ରିକେଟ୍‌ରେ ୫୧ ଶତକ ସହ ସଚିନ୍ ତେନ୍ଦୁଲକର ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଟି-୨୦ ଅନ୍ତର୍ଜାତୀୟରେ ୫ ଶତକ ସହ ରୋହିତ ଶର୍ମା ସବୁଠୁ ଛୋଟ ଫର୍ମାଟ୍‌ର ଶୀର୍ଷରେ ରହିଛନ୍ତି।

ରାଞ୍ଚିରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ କୋହଲି ୧୦୨ ବଲ୍‌ରେ ସାତ ଚୌକା ଓ ପାଞ୍ଚ ଛକା ସହାୟତାରେ ଶତକ ପୂରଣ କରିଥିଲେ। ଶତକ ପୂରଣ ସହିତ ଅନ୍ତର୍ଜାତୀୟ କ୍ରିକେଟ୍ (ପୁରୁଷ)ରେ କୋହଲିଙ୍କ ୭୦୦୦ ରନ୍ ମଧ୍ୟ ପୂରଣ ହୋଇଥିଲା।

ଏହା ବ୍ୟତୀତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ବିରାଟଙ୍କ ଶତକ ସଂଖ୍ୟା ୮୩ ହୋଇଛି। ସେହିପରି ବିରାଟ କୋହଲି ସାଉଥ୍ ଆଫ୍ରିକା ବିପକ୍ଷରେ ସର୍ବାଧିକ ଶତକ ହାସଲକାରୀ ବ୍ୟାଟର୍ ହୋଇଛନ୍ତି। କୋହଲି କେବଳ ୩୦ ମ୍ୟାଚ୍‌ରେ ୬ ଶତକ ହାସଲ କରିଛନ୍ତି। ଏହାପରେ ଡେଭିଡ୍ ୱାର୍ଣ୍ଣର୍‌ଙ୍କ ନାମ ରହିଛି। ସେ ୩୦ ମ୍ୟାଚ୍‌ରେ ୫ ଶତକ ହାସଲ କରିଛନ୍ତି।

### ରୋହିତ-କୋହଲିଙ୍କ ରେକର୍ଡ

## ସର୍ବାଧିକ ମ୍ୟାଚ୍ ଖେଳିଥିବା ଭାରତୀୟ ଯୋଡ଼ି

ରୋହିତ ଶର୍ମା ଏବଂ ବିରାଟ କୋହଲି ଏବେ ଏକାଠି ଭାରତ ପକ୍ଷରୁ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଯୋଡ଼ି ହୋଇଛନ୍ତି। ରବିବାର ସାଉଥ୍ ଆଫ୍ରିକା ବିପକ୍ଷରେ ଦୁହେଁ ଏକାଠି ୩୯୨ତମ ମ୍ୟାଚ୍ ଖେଳିଛନ୍ତି। ତେବେ ବିଶ୍ୱର ସବୁଠୁ ସଫଳ ଯୋଡ଼ି ହେଉଛନ୍ତି ଶ୍ରୀଲଙ୍କାର ମାହେଲା ଜୟବର୍ଦ୍ଧନେ ଏବଂ କୁମାର ସାଙ୍ଗକାରା। ଦୁହେଁ ଏକାଠି ୫୫୦ ମ୍ୟାଚ୍ ଖେଳିଛନ୍ତି। ଭାରତୀୟ ଯୋଡ଼ି ମଧ୍ୟରେ ରୋହିତ-କୋହଲିଙ୍କ ପରେ ସଚିନ୍ ତେନ୍ଦୁଲକର ଏବଂ ରାହୁଲ ଦ୍ରାବିଡ଼ଙ୍କ ଯୋଡ଼ ନାମ ରହିଛି। ଦୁହେଁ ୩୯୧ ମ୍ୟାଚ୍ ଏକାଠି ଖେଳିଛନ୍ତି। ଏହା ବ୍ୟତୀତ ରୋହିତ ଶର୍ମା ଏବଂ ବିରାଟ କୋହଲି ଦିନିକିଆରେ ନିଜର ୫୨ତମ ୫୦+ ପାର୍ଟନରଶିପ୍ ପୂରା କରିଛନ୍ତି। ରେକର୍ଡର ଶୀର୍ଷରେ ସୌରଭ ଗାଙ୍ଗୁଲି ଏବଂ ସଚିନ୍ ତେନ୍ଦୁଲକର ଯୋଡ଼ି ରହିଛନ୍ତି। ଏହି ଯୋଡ଼ି ୮୩ ଥର ୫୦+ ରନ୍‌ର ପାର୍ଟନରଶିପ୍ କରିଛନ୍ତି। ଏହାପରେ ସଚିନ୍-ଦ୍ରାବିଡ଼୍ ଯୋଡ଼ି ୭୪ ଥର, ଗମ୍ଭୀର-ସେହ୍ୱାଗ୍ ଯୋଡ଼ି ୫୩ ଥର ଏହି କୀର୍ତ୍ତିମାନ କରିସାରିଛନ୍ତି।

### ସୟଦ୍ ମୋଦୀ ଇଣ୍ଟରନାସ୍‌ନାଲ୍

## ତ୍ରୀଷା-ଗାୟତ୍ରୀ କ୍ରମାଗତ ଦ୍ୱିତୀୟ ଥର ଚାମ୍ପିଅନ୍

### ପୁରୁଷ ସିଙ୍ଗଲ୍ସରେ ଶ୍ରୀକାନ୍ତ ରନର୍ସଅପ୍

**ଲକ୍ଷ୍ନୌ,୩୦।୧୧/ଏଜେନ୍ସି:** ତ୍ରୀଷା ଜୋଲି ଏବଂ ଗାୟତ୍ରୀ ଗୋପୀଚାନ୍ଦଙ୍କ ଭାରତୀୟ ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ଏଠାରେ ଆୟୋଜିତ ସୟଦ୍ ମୋଦୀ ଇଣ୍ଟରନାସ୍‌ନାଲ୍ ସୁପର୍ ୩୦୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ କ୍ରମାଗତ ଦ୍ୱିତୀୟ ଥର ମହିଳା ଡବଲ୍ସ ଟାଇଟଲ୍ ନିଜ ନାମରେ କରିଛନ୍ତି। ତେବେ କିଦାମ୍ବୀ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସ ଟାଇଟଲ୍‌ରୁ ବଞ୍ଚିତ ହୋଇଛନ୍ତି। ୨୦୧୭ ଫ୍ରେଞ୍ଚ୍ ଓପନ୍ ପରେ କୌଣସି ଟାଇଟଲ୍ ଜିତିପାରି ନଥିବା ଶ୍ରୀକାନ୍ତ ଫାଇନାଲ୍‌ରେ ବିଜୟର ବହୁ ନିକଟରେ ପହଞ୍ଚିଥିଲେ ମଧ୍ୟ ହଂକଂର ବିଶ୍ୱ ନମ୍ବର-୫୯ ଜେସନ୍ ଗୁନାୱନ୍ ୬୭ ମିନିଟ୍‌ର ରୋମାଞ୍ଚକର୍ ମ୍ୟାଚ୍‌ରେ ତାଙ୍କୁ ୧୬-୨୧, ୨୧-୮, ୨୦-୨୨ରେ ହରାଇ ଟାଇଟଲ୍ ହାତେଇଛନ୍ତି।




ମହିଳା ଡବଲ୍ସ ଫାଇନାଲ୍‌ରେ କାହୋ ଓସାୱା ଏବଂ ମାଇ ତନାବେଙ୍କ ଜାପାନୀ ଯୋଡ଼ି ୨୧-୧୭ରେ ପ୍ରଥମ ଗେମ୍ ଜିତି ନେଇଥିଲା। କିନ୍ତୁ ଏହାପରେ ଭାରତୀୟ ଯୋଡ଼ି ଉନ୍ନତ ଆଟାକ୍, ସ୍ମାର୍ଟ ନେଟ୍ ପ୍ଲେ ଏବଂ ଉତ୍ତମ ବୁଝାମଣାର ପରିଚୟ ଦେଇଥିଲା। ଦ୍ୱିତୀୟ ଗେମ୍‌ରେ ତ୍ରୀଷା-ଗାୟତ୍ରୀ ୯-୨ର ଜୋରଦାର ଅଗ୍ରଣୀ ସହିତ ୨୧-୧୩ରେ ଗେମ୍ ଜିତି ମ୍ୟାଚ୍ ନିର୍ଣ୍ଣାୟକ ଗେମ୍‌ରେ ପହଞ୍ଚାଇଥିଲେ। ତୃତୀୟ ଗେମ୍‌ରେ ପ୍ରାରମ୍ଭିକ ଅଗ୍ରଣୀ ପରେ କେତେକ ତ୍ରୁଟି ଯୋଡ଼ି କରିବା ଫଳରେ ବ୍ୟବଧାନ କମିଯାଇଥିଲା। ତେବେ ଦ୍ରୁତ ନେଟ୍ ପ୍ଲେ ଏବଂ ଗାୟତ୍ରୀଙ୍କ ଜୋରଦାର ସ୍ମାଶ୍ ଭାରତୀୟ ଯୋଡ଼ିକୁ ପୁଣି ଲୟକୁ ଫେରାଇ ଆଣିଥିଲା। ଶେଷରେ ଭାରତୀୟ ଯୋଡ଼ି ଛଅ ମ୍ୟାଚ୍ ପଏଣ୍ଟ ହାସଲ ସହ ୨୧-୧୫ରେ ଗେମ୍ ଜିତି କ୍ରମାଗତ ଦ୍ୱିତୀୟ ଥର ଟାଇଟଲ୍ ନିଜ ନାମରେ କରିଥିଲା।

### ଅଣ୍ଡର-୧୭ ରାଜ୍ୟ ଓପନ୍ ଚେସ୍

## ପ୍ରାଂଶୁ ଚାମ୍ପିଅନ୍, ଆୟୁଷ୍ମାନ୍ ରନର୍

**ଭୁବନେଶ୍ୱର,୩୦।୧୧/ଏନ୍ଏନ୍ଏସ୍:** ସ୍ଥାନୀୟ କେଶୁରାସ୍ଥିତ ରୟାଲ୍ ପବ୍ଲିକ୍ ସ୍କୁଲ୍‌ରେ ଓଡ଼ିଶା ରାଜ୍ୟ ଚେସ୍ ସଂଘ ଏବଂ ସ୍କୁଲ୍‌ର ମିଳିତ ସହଯୋଗରେ ଅଣ୍ଡର-୧୭ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ପାଞ୍ଚ ରାଉଣ୍ଡ୍‌ର ଟୁର୍ଣ୍ଣାମେଣ୍ଟରେ ଆପିଜେ ସ୍କୁଲ୍‌ର ପ୍ରାଂଶୁ ଦାଶ (୪.୫ ପଏଣ୍ଟ) ଚାମ୍ପିଅନ୍ ଏବଂ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ବାଳିକାରେ ଶ୍ରଦ୍ଧା ସ୍ୱରୂପ ମହାନ୍ତି ପ୍ରଥମ ଏବଂ ସପ୍ତା ପ୍ରିୟଦର୍ଶିନୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବୟସ ବର୍ଗ ଟୁର୍ଣ୍ଣାମେଣ୍ଟରେ ସ୍ୱୟମ୍ ସ୍ୱରୂପ ମହାନ୍ତି, ସ୍ୱସ୍ତିକ୍ ରଞ୍ଜନ ସ୍ୱାଇଁ, ଶିବହରି ସନାଥ, ସାଏସା ସାହୁ ଏବଂ କିର୍ତ୍ତିଶ କୁମାର ସାହୁ ପ୍ରଥମ ହୋଇଛନ୍ତି। ଚାମ୍ପିଅନ୍‌ଶିପ୍‌କୁ ରୟାଲ୍ ପବ୍ଲିକ୍ ସ୍କୁଲ୍ ପ୍ରିନ୍ସିପାଲ୍ ସର୍ବେଶ୍ୱର ସାମଲ୍ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଭାଇସ୍ ପ୍ରିନ୍ସିପାଲ୍ ପ୍ରଜ୍ଞାପାରମିତା ସାହୁ ଏବଂ ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥି ଭାବେ ଉପସ୍ଥିତ ଥିଲେ।



### ଦେଶ ବିଦେଶ

### ନାସ୍‌ନାଲ୍ ହେରାଲ୍ଡ ମାମଲା

## ସୋନିଆ-ରାହୁଲଙ୍କ ବିରୋଧରେ ନୂଆ ଏଫ୍ଆଇଆର୍



**ନୂଆଦିଲ୍ଲୀ,୩୦।୧୧/ଏଜେନ୍ସି:** ଦିଲ୍ଲୀ ପୁଲିସ୍‌ର ଆର୍ଥିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ନାସ୍‌ନାଲ୍ ହେରାଲ୍ଡ ମାମଲାରେ ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୂଆ ଏଫ୍ଆଇଆର୍ ରୁଜୁ କରିଛି। ଏଥିରେ ସେମାନଙ୍କ ବ୍ୟତୀତ ଅନ୍ୟ ଲୋକ ଏବଂ ତିନି କମ୍ପାନୀର ନାମ ସାମିଲ। ଏହି ତିନି କମ୍ପାନୀ - ଏଜେଏଲ୍, ଡୋଟେକ୍ସ ମର୍ଚ୍ଚାଣ୍ଡାଇସ୍ ଏବଂ ୟଙ୍ଗ୍ ଇଣ୍ଡିଆନ୍। ଏ ସମସ୍ତଙ୍କ ବିରୋଧରେ ଧୋକାବାଜି କରି ଆସୋସିଏଟ୍ ଜର୍ଣ୍ଣାଲ୍ ଲିମିଟେଡ୍ (ଏଜେଏଲ୍) ହାସଲ କରିଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ, ୨୦୧୦ରେ ଏଜେଏଲ୍ ପାଖରେ ପ୍ରାୟ ୨,୦୦୦ କୋଟି ଟଙ୍କା ମୂଲ୍ୟ ସମ୍ପତ୍ତି ଥିଲା। କୋଲ୍‌କାତାର ଡୋଟେକ୍ସ ମର୍ଚ୍ଚେଣ୍ଡାଇଜ୍ ଏହା ୧ କୋଟି ଟଙ୍କାରେ ୟଙ୍ଗ୍ ଇଣ୍ଡିଆକୁ ଦେଇଥିଲେ। ଏହାପରେ ୟଙ୍ଗ୍ ଇଣ୍ଡିଆନ୍ କଂଗ୍ରେସକୁ ୫୦ ଲକ୍ଷ ଟଙ୍କା ପରିଶୋଧ କରି ଏଜେଏଲ୍ ଉପରେ ନିୟନ୍ତ୍ରଣ ହାସଲ କରିଥିଲା। ୟଙ୍ଗ୍ ଇଣ୍ଡିଆନ୍‌ରେ ରାହୁଲ ଏବଂ ସୋନିଆ ଗାନ୍ଧୀଙ୍କର ୭୬% ଅଂଶଧନ ରହିଛି।

ଇଡିର ହେଡ୍‌କ୍ୱାର୍ଟର୍ସ ଇନ୍‌ଭେଷ୍ଟିଗେଟିଂ ୟୁନିଟ୍ (ଏଚ୍ଆଇୟୁ)ର ଅଭିଯୋଗକ୍ରମେ ଅକ୍ଟୋବର ୩ ତାରିଖରେ ଏଫ୍ଆଇଆର୍ ରୁଜୁ କରାଯାଇଥିଲା। ଇଡି ୨୦୦୮ରୁ ୨୦୨୪ ପର୍ଯ୍ୟନ୍ତ ନିଜର ଯାଞ୍ଚ ରିପୋର୍ଟ ଶେୟାର୍ କରିଥିଲା। ଏହା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଶନିବାର ଏ ସମ୍ପର୍କରେ ଜଣାପଡ଼ିଥିଲା।

ସୂତ୍ର ଅନୁସାରେ ଦିଲ୍ଲୀ ପୁଲିସ୍ ଖୁବ୍‌ଶୀଘ୍ର ଏଜେଏଲ୍‌ର ଶେୟାରଧାରକଙ୍କ ତଲବ କରିପାରେ। ଫଳରେ ଏହି ଟ୍ରାନ୍ସଫର୍ ପୂର୍ବରୁ କଂଗ୍ରେସ ସେମାନଙ୍କ ଅନୁମତି ନେଇଥିଲା କି ନାହିଁ ଜଣାପଡ଼ିବ। କଂଗ୍ରେସ ଅଭିଯୋଗକୁ ରାଜନୈତିକ ପ୍ରତିଶୋଧପୂର୍ଣ୍ଣ କାର୍ଯ୍ୟ କହିଥିବା ବେଳେ ଏଫ୍ଆଇଆର୍ ସମ୍ପର୍କରେ କିଛି ସୂଚନା ନଥିବା ଜଣାଇଛି।


## ପଞ୍ଜାବରୁ ଆଉ ୩ ପାକ୍ ଗୁପ୍ତଚର ଗିରଫ

**ଚଣ୍ଡୀଗଡ଼,୩୦।୧୧/ଏଜେନ୍ସି:** ପାକିସ୍ତାନୀ ଗୁପ୍ତଚର ସଂସ୍ଥା ଆଇଏସ୍ଆଇ ପାଇଁ ଗୁପ୍ତଚରବୃତ୍ତି ଏବଂ ଆତଙ୍କୀ ପଣ୍ଡିଂର ବଡ଼ ନେଟ୍‌ୱର୍କର ପର୍ଦ୍ଦାଫାଶ୍‌ରେ ଲାଗିଥିବା ହରିଆଣା ପୁଲିସକୁ ବଡ଼ ସଫଳତା ମିଳିଛି। ମେୱାତ୍‌ର ତାୱୁଡୁ ଅଞ୍ଚଳରୁ ଯୁବ ଓକିଲ ରିଜୱାନ୍ ଏବଂ ଜଲନ୍ଧର ନିବାସୀ ଅଜୟ ଆରୋରାକୁ ଗିରଫ କରିବା ପାଇଁ ହରିଆଣା ପୁଲିସ୍ ଏବେ ଅମୃତସରରୁ ଆଉ ତିନିଜଣଙ୍କୁ ଗିରଫ କରିଛି। ସମସ୍ତଙ୍କୁ ବିଳମ୍ବିତ ରାତିରେ କୋର୍ଟରେ ହାଜର କରାଯିବା ପରେ ପୁଲିସ୍ ରିମାଣ୍ଡରେ ନେଇଛି। ପୂର୍ବରୁ ଗିରଫ ରିଜୱାନ୍ ଓ ଅଜୟଙ୍କ ଆଠଦିନର ରିମାଣ୍ଡ ୪ ତାରିଖରେ ଶେଷ ହେଉଛି।

ଗିରଫ ତିନଜଣଙ୍କ ବିରୋଧରେ ହୱାଲା ଜରିଆରେ ପାକିସ୍ତାନୀ ହ୍ୟାଣ୍ଡଲର୍‌ଙ୍କ ଠାରୁ କୋଟି କୋଟି ଟଙ୍କା ରିଜୱାନ୍ ନିକଟରେ ପହଞ୍ଚାଇବା ଏବଂ ପଞ୍ଜାବରେ ଦେଶବିରୋଧୀ ଗତିବିଧିକୁ ଫଣ୍ଡିଂ କରିବାର ଗମ୍ଭୀର ଅଭିଯୋଗ ହୋଇଛି। ତିନିଜଣଙ୍କ ପରିଚୟ ଏବେ ସାର୍ବଜନୀନ କରାଯାଇ ନାହିଁ।

## ମୋଦୀଙ୍କ ମନ୍ କୀ ବାତ୍‌ରେ ପୁଣେ ଯୁବକଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୩୦।୧୧/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍‌କୀ ବାତ୍'ର ୧୨୮ତମ ଅଧ୍ୟାୟରେ ରବିବାର ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ତାଙ୍କର ଏହି ଅଧ୍ୟାୟର ମନ୍ କୀ ବାତ୍‌ରେ ଭାରତର ବର୍ତ୍ତମାନର ପ୍ରଗତିରୁ ଇତିହାସର ଗୌରବ ଗାଥା ପର୍ଯ୍ୟନ୍ତ ରହିଥିବା ବେଳେ ସେ ବିଜ୍ଞାନ, କୃଷି ଓ କ୍ରୀଡ଼ାର ଉନ୍ନତି ସମ୍ପର୍କରେ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜର ଭୁଟାନ ଗସ୍ତ ସମ୍ପର୍କରେ ବର୍ଣ୍ଣନା କରି କହିଛନ୍ତି, ଭଗବାନ ବୁଦ୍ଧଙ୍କ ପବିତ୍ର ଅବଶେଷ ପଠାଯିବାକୁ ନେଇ ସେଠାକାର ନାଗରିକ ଭାରତବାସୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ସେହିପରି ଉତ୍ତରାଖଣ୍ଡରେ ୧୪,୫୦୦ ଫୁଟ୍ ଉପରେ ଆୟୋଜିତ ହାଇ ଅଲ୍‌ଟିଚ୍ୟୁଡ୍ ଅଲ୍‌ଟ୍ରା ରନ୍ ମାରାଥନ୍‌ର ଆୟୋଜନ ସମ୍ପର୍କରେ କହିଥିଲେ। ଏଥିରେ ଦେଶର ୧୮ ରାଜ୍ୟର ୭୫୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଭାଗ ନେଇଥିଲେ। ପ୍ରଧାନମନ୍ତ୍ରୀ ଏହି ଅବସରରେ ପୁଣେର ଛାତ୍ରଙ୍କ ଉଦାହରଣ ଦେଇଥିଲେ। ସେ କହିଥିଲେ କିଛିଦିନ ତଳେ ସୋସିଆଲ୍ ମିଡିଆରେ ଏକ ଭିଡିଓ ମୋ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଭିଡିଓ ଇସ୍ରୋର ଏକ ବିରଳ ଡ୍ରୋନ୍ ପ୍ରତିଯୋଗିତାର ଥିଲା। ଏହି ଭିଡିଓରେ ଆମ ଦେଶର ଯୁବ ସମାଜ ଖାସ୍‌କରି ଜେନ୍-ଜେଡ୍ ମଙ୍ଗଳ ଗ୍ରହର ପରିସ୍ଥିତିରେ ଡ୍ରୋନ୍ ଉଡ଼ାଇବାକୁ ଉଦ୍ୟମ କରିଥିଲେ। ଏଥିରେ ପୁଣେର କିଛି ଯୁବକ କିଛିଟା ସଫଳତା ପାଇଥିଲେ। ତେବେ ଏଥିରେ ସେମାନେ ହାର ମାନ ନଥିଲେ। ବହୁ ଥରର ଉଦ୍ୟମ ପରେ ଏହି ଟିମ୍ ଡ୍ରୋନ୍‌କୁ ମଙ୍ଗଳ ଗ୍ରହର ପରିସ୍ଥିତିରେ କିଛି ସମୟ ଉଡ଼ାଇବାରେ ସଫଳ ହୋଇଥିଲେ। ସେହିପରି ୨୦ ବର୍ଷ ପରେ ଦେଶରେ ଦେଶକୁ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେରିଥିବା ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ। ଏହା ବୈଶ୍ୱିକ ମାନଚିତ୍ରରେ ଭାରତୀୟ କ୍ରୀଡ଼ାକୁ ଶିଖରରେ ପହଞ୍ଚାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



## ଆଜ୍‌ଲାନ୍ ଶାହ କପ୍: ଭାରତକୁ ରୌପ୍ୟ

**ଇପୋହ,୩୦।୧୧/ଏଜେନ୍ସି:** ରବିବାର ଏଠାରେ ଖେଳାଯାଇଥିବା ସୁଲ୍‌ତାନ୍ ଆଜ୍‌ଲାନ୍ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍‌ରେ ଭାରତ ୦-୧ ଗୋଲ୍‌ରେ ବେଲ୍‌ଜିୟମ୍‌ଠାରୁ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ବେଲ୍‌ଜିୟମ୍ ପକ୍ଷରୁ ନିର୍ଣ୍ଣାୟକ ଗୋଲ୍‌ଟି ୩୪ ତମ ମିନିଟ୍‌ରେ ଥିବେଉ ଷ୍ଟକ୍‌ବ୍ରୋଏକ୍ସ ସ୍କୋର୍ କରିଥିଲେ। ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ପଦାର୍ପଣରେ ଏହା ବେଲ୍‌ଜିୟମ୍‌ର ପ୍ରଥମ ଟାଇଟଲ୍। ଶନିବାର କାନାଡା ବିପକ୍ଷରେ ୧୪-୩ ଗୋଲ୍‌ର ବୃହତ୍ ବିଜୟ ପରେ ଫାଇନାଲ୍‌ରେ ପ୍ରବେଶ କରିଥିବା ଭାରତ ଆରମ୍ଭରୁ ତିନିଟି ପେନାଲ୍ଟି କର୍ଣ୍ଣର୍ ହାସଲ କରିଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ ଏହାକୁ ପରିବର୍ତ୍ତନ କରିପାରି ନଥିଲା। ଜୁଗରାଜ ସିଂହ, ଅମିତ ରୋହିଦାସ ଏବଂ ସଞ୍ଜୟ ପିସି ଆକ୍ରମଣରେ ସଫଳ ହୋଇଥିଲେ ମଧ୍ୟ ବେଲ୍‌ଜିୟମ୍ ଡିଫେନ୍ସକୁ ପରାସ୍ତ କରିପାରି ନଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଯେଉଁ ଗୋଟିଏ ପରାଜୟର ସମ୍ମୁଖୀନ ହୋଇଥିଲା ତାହା ବେଲ୍‌ଜିୟମ୍‌ଠାରୁ ଥିଲା। ବେଲ୍‌ଜିୟମ୍ ଲିଗ୍ ପର୍ଯ୍ୟାୟରେ ଭାରତକୁ ୩-୨ ଗୋଲ୍‌ରେ ହରାଇଥିଲା।

### ବେଲ୍‌ଜିୟମ୍‌ଠାରୁ ୧-୦ ଗୋଲ୍‌ରେ ହାରିଲା

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra